


ଯା ଦେବୀ ସର୍ବଭୂତେଷୁ............



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୦ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 10 MARCH 2024

Vol.No. 35 ■ No.69 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧





# ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୭ଟି ପ୍ରସ୍ତାବକୁ ମଞ୍ଜୁରୀ

ଭୁବନେଶ୍ୱର, ୦୯/୩ (ନି.ପ୍ର): ରାଜ୍ୟ କ୍ୟାବିନେଟ୍ ବୈଠକରେ ଶନିବାର ସନ୍ଧ୍ୟାରେ ୧୭ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ୩ଟି ପ୍ରସ୍ତାବ ମଞ୍ଜୁରୀ ମିଳିଛି। ବୈଠକରେ ରାଜ୍ୟର ସମସ୍ତ ଯୁଜି (ସ୍ନାତକ) ଓ ପିଜି (ସ୍ନାତକୋତ୍ତର) ପିଲାଙ୍କୁ ନୂଆ-ଓ ଛାତ୍ରବୃତ୍ତି ମିଳିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି। ପୂର୍ବରୁ କେବଳ ଉଚ୍ଚଶିକ୍ଷା ବିଭାଗ ଅଧୀନ ଯୁଜି, ପିଜି ପିଲା ଏହି ବୃତ୍ତି ପାଉଥିଲେ। ଏବେ ଅନ୍ୟ ବିଭାଗ କୃଷି, ସଂସ୍କୃତି ବିଭାଗ ଅଧୀନରେ ଥିବା ପିଲା ମଧ୍ୟ ପାଇବେ।



ରାଜ୍ୟ ସରକାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକଙ୍କ ଦରମାରେ ପରିବର୍ତ୍ତନ ଆଣିଛନ୍ତି। ଏହା ଦ୍ୱାରା ୧ ଲକ୍ଷ ୪ ହଜାରରୁ ଅଧିକ ଶିକ୍ଷକ ହେବେ ଉପକୃତ। ରାଜ୍ୟ ସରକାର ଏଥି ପାଇଁ ୫୮୭ କୋଟି ଟଙ୍କା ଖର୍ଚ୍ଚ କରିବେ। ଏଲିମେଣ୍ଟାରୀ ଶିକ୍ଷକ କ୍ୟାଡର ପୁନର୍ଗଠିତ ହେବ। ସେହିପରି ରାଜ୍ୟରେ ନୂଆ ବିମାନବନ୍ଦର କାର୍ଯ୍ୟକ୍ଷମ ହେବା ସହିତ ନୂଆ ନୂଆ ସ୍ଥାନକୁ ବିମାନ ଚଳାଚଳ ଆରମ୍ଭ ହେଉଛି। ତେବେ କେବଳ ବିମାନ ଚାଳନା ନୁହେଁ, ଏହି କ୍ଷେତ୍ରରେ କିପରି ସୁରକ୍ଷା ସୁନିଶ୍ଚିତ କରାଯିବ ସେନେଇ ଢେଙ୍କାନାଳ ବିରାଶାଳରେ ସ୍ଥାପନ ହେବ ବିଜୁ ପଟ୍ଟନାୟକ ଆଭିଏସନ ସେଣ୍ଟର। ଏଠାରେ ବିମାନ ଚାଳନା ସହ ସମ୍ପୃକ୍ତ ପ୍ରତ୍ୟେକ ଅଂଶୀଦାର ବିଭାଗର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ପାଇଲଟ୍, କ୍ୟାବିନ କ୍ରୁ ଆଦି ବିଭିନ୍ନ ପ୍ରକାର ଟ୍ରେନିଂ ଦିଆଯିବ । ଆଭିଏସନ ସେଣ୍ଟର ପାଇଁ ୫୬୨ କୋଟି ଟଙ୍କା ବ୍ୟୟ ହେବ।

# ଦମ୍ପତିଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ ନକ୍ସଲ

କନ୍ଧମାଳ, ୦୯/୩ (ନି.ପ୍ର): ନକ୍ସଲଙ୍କ ବର୍ବର କାଣ୍ଡ। ପୁଲିସ ଇନଫର୍ମର ସନ୍ଦେହରେ ଘରୁ ଉଠାଇ ନେଇ ଦମ୍ପତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅନ୍ତର୍ଗତ ସଲାଗୁଡ଼ା ଗ୍ରାମ ପଞ୍ଚାୟତର ଗିଡାପଦର ଗ୍ରାମରେ। ମୃତ ଦମ୍ପତି ହେଲେ ଡାହିରା କହଁର ଓ ବତସୀ କହଁର। ଗତକାଲି ରାତି ପ୍ରାୟ ୯ଟା ସମୟରେ କିଛି ନକ୍ସଲ ଆସି ଦମ୍ପତିଙ୍କୁ



ଘରୁ ଉଠାଇ ନେଇଥିଲେ। ଆଜି ସକାଳେ ଦମ୍ପତିଙ୍କ ମୃତଦେହ ଜଙ୍ଗଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ନକ୍ସଲମାନେ ସେମାନଙ୍କୁ ପୁଲିସ ଇନଫର୍ମର ସନ୍ଦେହରେ ବାଡ଼େଇ ବାଡ଼େଇ ହତ୍ୟା କରିଥିବା ସନ୍ଦେହ କରାଯାଉଛି।



## ବଡଦେଉଳରୁ ଖସିଲା ପଥର

ପୁରୀ, ୦୯/୩ (ନି.ପ୍ର): ବଡଦେଉଳରୁ ଖସିଛି ପଥର। ବଡଦେଉଳକୁ ଲାଗି ରହିଥିବା ବରାହ ମନ୍ଦିରରୁ ଆଜି ଭୋରରୁ ଏକ ପଥର ଖସିଛି। ପଥରଟି ଖସି ଏକାଦଶୀ ମନ୍ଦିର ଟିଣ ଛାତରେ ପଡ଼ିଥିଲା। ପରେ ପଥରଟି ତଳେ ପଡ଼ିଯାଇଥିଲା। ପଥର ଓଜନ ପ୍ରାୟ ଏକ କେଜିରୁ ଅଧିକ ହେବ। ବଡ ଦେଉଳରୁ ଖସିଥିବା ପଥରଟିକୁ ଶ୍ରୀମନ୍ଦିରର କମାଣ୍ଡର ସଂଗ୍ରହ କରି ରଖିଛନ୍ତି। ଏନେଇ ଏଏସଆଇକୁ ସୂଚନା ଦେଇଛନ୍ତି। ଦକ୍ଷିଣ ଘର ପଛ ପାଖ ତଥା ବିମଳା ମନ୍ଦିର ସମ୍ମୁଖରେ ରହିଛି ବରାହ ମନ୍ଦିର। ଏଏସ୍ଆଇ ପକ୍ଷରୁ ଦକ୍ଷିଣ ଘର ଉପର ଅଂଶର ମରାମତି କରାଯାଇଥିଲା। ମାଙ୍କଡ଼ମାନେ ଚଢ଼ିବା ଯୋଗୁ ଏହି ପଥର ଖସିଛି ନା ଆଉ କିଛି କାରଣ ଅଛି ତାହା ଜଣାପଡ଼ିନାହିଁ।

## ଲୋକସଭା ନିର୍ବାଚନ ପୂର୍ବରୁ ଇସ୍ତଫା ଦେଲେ ନିର୍ବାଚନ କମିଶନର ଅରୁଣ ଗୋଏଲ

ନୂଆଦିଲ୍ଲୀ, ୦୯/୩ : ଆଉ କିଛି ସପ୍ତାହ ପରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ। ଆସନ୍ତା ଗୁରୁବାର କିମ୍ବା ଶୁକ୍ରବାର ଏନେଇ ତାରିଖ ମଧ୍ୟ ଘୋଷଣା ହେବାର ଥିଲା। କିନ୍ତୁ ଏହାପୂର୍ବରୁ ହଠାତ୍ ଭାରତୀୟ ନିର୍ବାଚନ କମିଶନର ପଦରୁ ଇସ୍ତଫା ଦେଇଛନ୍ତି ଅରୁଣ ଗୋଏଲ। ଇସ୍ତଫାର କାରଣ ଏଯାଏ ଜଣାପଡ଼ିନାହିଁ। କିନ୍ତୁ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ନିର୍ବାଚନ କମିଶନର ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଗ୍ରହଣ କରିନେଇଛନ୍ତି। ନିର୍ବାଚନ କମିଶନରେ ୩ ଜଣ ସଦସ୍ୟ ରହିଥାଆନ୍ତି। ରାଜୀବ କୁମାର ମୁଖ୍ୟ ନିର୍ବାଚନ କମିଶନର ବା ଇସିଆଇ ଭାବେ କାର୍ଯ୍ୟ କରୁଥିବା ବେଳେ ଅରୁଣ ଗୋଏଲଙ୍କୁ ନିର୍ବାଚନ କମିଶନର ବା ଇସି ଭାବେ ନିଯୁକ୍ତି ମିଳିଥିଲା। ଆଉ ଗୋଟିଏ କମିଶନର ପଦ ଖାଲି ପଡ଼ିଥିଲା। ଏବେ ଅରୁଣ ଗୋଏଲ ଇସ୍ତଫା ପରେ ୨ଟି ଯାକ କମିଶନର ପଦ ଖାଲି ହୋଇଯାଇଛି। କମିଶନରେ ଏବେ କେବଳ ରାଜୀବ କୁମାର ମୁଖ୍ୟ ନିର୍ବାଚନ କମିଶନର ଭାବେ ରହିଛନ୍ତି। ନଭେମ୍ବର ୧୯ରେ ପୂର୍ବତନ ପ୍ରଶାସନିକ ଅଧିକାରୀ ଅରୁଣ ଗୋଏଲଙ୍କୁ ନିର୍ବାଚନ କମିଶନର(ଇସି) ଭାବେ ନିଯୁକ୍ତି ମିଳିଥିଲା। ଏହାକୁ ନେଇ ସେତେବେଳେ ବେଶ ବିବାଦ ହୋଇଥିଲା। କେଉଁ ନିୟମ ଓ ପ୍ରକ୍ରିୟା ଆଧାରରେ ଏପରି ନିଯୁକ୍ତି ହୋଇଛି, ସେକଥା ଜାଣିବାକୁ ଚାହିଁଥିଲେ ସୁପ୍ରିମକୋର୍ଟ। ଏଥିପାଇଁ କେନ୍ଦ୍ରକୁ ଫାଇଲ ଦାଖଲ କରିବାକୁ ବି କୁହାଯାଇଥିଲା।

▶▶ପୃଷ୍ଠା ୭

## ଗଣତି ହେବ ରତ୍ନଭଣ୍ଡାରରେ ଗଚ୍ଛିତ ମହାପ୍ରଭୁଙ୍କ ସୁନା ଅଳଙ୍କାର: ଆଜି ବସିବ ବୈଠକ



ପୁରୀ, ୦୯/୩ (ନି.ପ୍ର): ଦୀର୍ଘ ୪୬ ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଦୁର୍ମୂଲ୍ୟ ସୁନା ଅଳଙ୍କାର ଗଣତି ପାଇଁ ହାଇଲେବଲ କମିଟି ଗଠନ ହେବା ପରେ ସୁପ୍ରିମକୋର୍ଟ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଆଜି ପୁରୀରେ ଏକ ଉଚ୍ଚସ୍ତରୀୟ ତଦାରଖ କମିଟିର ବୈଠକ ଅନୁଷ୍ଠିତ ହେବ। ଏହି କମିଟି ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ଅଳଙ୍କାର ଓ ବିଭିନ୍ନ ମୂଲ୍ୟବାନ ବସ୍ତୁର ତାଲିକା ପ୍ରସ୍ତୁତ କରିବେ। ସେଥିପାଇଁ ଆଜି ତଦାରଖ କମିଟିର ଅଧ୍ୟକ୍ଷ ଅରିଜିତ୍ ପଶାୟତ ଦିନ ୧୧ଟାରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ଏହାପରେ ଦିନ ୨ଟାରୁ ରତ୍ନଭଣ୍ଡାରରୁ ଦୁର୍ଲଭ ଅଳଙ୍କାର ଗଣତି ପାଇଁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତଦାରଖ କମିଟିରେ ଅଧ୍ୟକ୍ଷଙ୍କ ସହିତ ୧୨ ଜଣ ସଦସ୍ୟ ରହିଥିବା ବେଳେ ପରିଚାଳନା କମିଟିର ତିନିଜଣ ସଦସ୍ୟ, ପ୍ରସିଦ୍ଧ ହୃଦରୋଗ ବିଶେଷଜ୍ଞ ଡାକ୍ତର ରମାକାନ୍ତ ପଣ୍ଡା, ଆହ୍ଲାବାଦ ବ୍ୟାଙ୍କର ପୂର୍ବତନ ସିଏମଡି ଡକ୍ଟର ବିଧୁଭୂଷଣ ସାମଲ, ଚାଟାର୍ଡ ଆକାଉଟାଣ୍ଟ ଏ.କେ. ସାବତ, ଗଜପତି ମହାରାଜାଙ୍କ ପ୍ରତିନିଧି, ଇଝଓ ଅଧିକାରୀ, ଭଣ୍ଡାର ମେକାପ ଶ୍ରୀଯୁକ୍ତ ଗଣେଶ ମେକାପ, ପୁରୀ ଜିଲ୍ଲାପାଳ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କମିଟିରେ ସ୍ଥାନ ପାଇଛନ୍ତି।

## କଚାଡି ଦଳିଦେଲା ଦନ୍ତା

ଭୁବନେଶ୍ୱର/ସୁନ୍ଦରଗଡ, ୦୯/୩ (ନି.ପ୍ର): କଚାଡି ଦଳିଦେଲା ଦନ୍ତା। ଏଭଳି ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ ଜିଲ୍ଲା କୋଇଡା ରେଂଜ କୁସୁମୁଣ୍ଡି ଗାଁର ପୁଣ୍ଡୁପୋଖରୀ ସାହିରେ । ହାତୀ ଭୟରେ ଘର ଭିତରୁ ବାହାରି ଜୀବନ ବଞ୍ଚାଇବା ପାଇଁ ଦୌଡି ଯାଉଥିବା ବେଳେ ମହିଳାଙ୍କୁ ଶୁଣ୍ଢରେ ଟାଣି ନେଲା ଦନ୍ତା ହାତୀ । ଏପରିକି କେହି କିଛି କରିବା ଆଗରୁ ପରିବାର ଲୋକ ଏବଂ ଗ୍ରାମବାସୀଙ୍କ ଆଖି ସାମ୍ନାରେ ମହିଳା ଜଣକୁ ଶୁଣ୍ଢରେ କଚାଡି କଚାଡି ମାରିଲା ଦନ୍ତା । ମୃତକ ମହିଳା ହେଲେ ପୁଣ୍ଡୁପୋଖରୀ ସାହିର ଇତୱାରୀ ବଦ୍ରା ।

## ‘୧୭+୬+୨’ ଫର୍ମୁଲାରେ ଆନ୍ଧ୍ରରେ ଲଢ଼ିବ ବିଜେପି

ଆନ୍ଧ୍ରପ୍ରଦେଶ, ୦୯/୩ (ନି.ପ୍ର): ଏଥର ଆନ୍ଧ୍ରପ୍ରଦେଶରେ ଦମ୍ ଦେଖାଇବ ବିଜେପି। ଏଥର ଚନ୍ଦ୍ରବାବୁ ନାଇଡୁ ଓ ପବନ କଲ୍ୟାଣଙ୍କ ଦଳ ସହ ମିଶି ବିଜେପି ଆନ୍ଧ୍ରପ୍ରଦେଶରେ ନିର୍ବାଚନ ଲଢ଼ିବାକୁ ଅଣ୍ଟା ଭିଡିଛି। ଏଥିପାଇଁ ଆସନ ଭାଗବଣ୍ଟାକୁ ନେଇ ପ୍ରାୟ ଶେଷ ହୋଇଛି ବୁଝାମଣା। ଏଥର ‘୧୭+୬+୨’ ଫର୍ମୁଲାରେ ବିଜେପି ଆନ୍ଧ୍ରପ୍ରଦେଶରେ ନିର୍ବାଚନ ଲଢ଼ିବ। ତେଲୁଗୁ ଦେଶମ ପାର୍ଟି(ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରବାବୁ ନାଇଡୁ ଓ ଜନ ସେନା ପାର୍ଟି(ଜେଏସ୍ପି) ପ୍ରମୁଖ ପବନ କଲ୍ୟାଣ ନୂଆ ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହ ମିଶି ଆଲୋଚନା କରିବା ପରେ ଏଭଳି କିଛି ଫର୍ମୁଲା



ପ୍ରସ୍ତୁତ କରାଯାଇଥିବା କୁହାଯାଉଛି। ସୂତ୍ର ଅନୁଯାୟୀ ବିଜେପି ଆନ୍ଧ୍ରପ୍ରଦେଶର ୬ଟି ଲୋକସଭା ଆସନରେ ନିର୍ବାଚନ ଲଢ଼ିପାରେ। ସେହିପରି ପବନ କଲ୍ୟାଣଙ୍କ ନେତୃତ୍ୱାଧୀନ ଜେଏସ୍ପି ୨ଟି ଓ ଟିଡିପି ଅନ୍ୟ ୧୭ଟି ଆସନରେ ନିର୍ବାଚନ ଲଢ଼ିବ। ଭାଇଜାଗ, ବିଜୟୱାଡା, ଅରାକୁ, ରାଜମପେଟ, ରାଜମୁନ୍ଦରୀ, ତିରୁପତିରେ ନିର୍ବାଚନ ଲଢ଼ିବାକୁ ବିଜେପି

▶▶ପୃଷ୍ଠା ୭

## ଡିଏମକେ ପାଇଁ ପ୍ରଚାର କରିବେ: ରାଜ୍ୟସଭା ସିଟ୍ ନେବେ

ନୂଆଦିଲ୍ଲୀ, ୦୯/୩ : ଅଭିନେତାରୁ ନେତା ପାଲଟିଥିବା ସାଉଥର ସୁପରଷ୍ଟାର କମଲ ହାସନ। ଏଥର ଲୋକସଭା ନିର୍ବାଚନ ସେ ଲଢ଼ିବେନି। କିନ୍ତୁ ଡିଏମ୍କେ ପାଇଁ କରିବେ ପ୍ରଚାର। ଆଉ ପ୍ରଚାର ବଦଳରେ ତାଙ୍କ ଦଳ ଏମ୍ଏନ୍ଏମ୍ଙ୍କୁ ମିଳିବ ଗୋଟିଏ ରାଜ୍ୟସଭା ସିଟ୍। ତାମିଲନାଡୁରେ ଡିଏମ୍କେ ଏଭଳି କିଛି ମେଣ୍ଟ ଫର୍ମୁଲା ପ୍ରସ୍ତୁତ କରିଥିବା ସୂଚନା ମିଳିଛି। ଏହା ବ୍ୟତୀତ ଡିଏମ୍କେ ନେତୃତ୍ୱାଧୀନ ମେଣ୍ଟ ପାଇଁ ମଧ୍ୟ ଏମ୍ଏନ୍ଏମ୍ ପ୍ରଚାର କରିବ ବୋଲି ମଧ୍ୟ କଥା ପକ୍କା ହୋଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍କେ ଷ୍ଟାଲିନ୍, ଉଦୟନିଧି ଷ୍ଟାଲିନ ଓ ଅନ୍ୟ ବରିଷ୍ଠ




ଡିଏମ୍କେ ନେତା ଚେନ୍ନାଇର ଡିଏମ୍କେ କାର୍ଯ୍ୟାଳୟରେ କମଲ ହାସନଙ୍କୁ ସାକ୍ଷାତ କରିଛନ୍ତି। କମଲ ହାସନ କହିଛନ୍ତି, ସେ ଲୋକସନା ନିର୍ବାଚନ ଲଢ଼ିବେ ନାହିଁ। କିନ୍ତୁ ଚେନ୍ନାଇରେ ଡିଏମ୍କେ ନେତୃତ୍ୱାଧୀନ ମେଣ୍ଟ ପାଇଁ ପ୍ରଚାର କରିବେ। କୌଣସି ଆସନ ପାଇଁ ନୁହେଁ ଦେଶ ପାଇଁ ସେ ଏଭଳି କରିବେ। ଯେଉଁଠି ତାଙ୍କର ସମର୍ଥନ ଲୋଡା, ସେ ତାଙ୍କୁ ନିଜ ସମର୍ଥନ ଦେଉଛନ୍ତି ବୋଲି କହିଛନ୍ତି। ଅନ୍ୟପଟେ କଂଗ୍ରେସ ପାଇଁ ଡିଏମ୍କେ ୨୦୧୯ର ସିଟ୍ ଶେୟାରିଂ ଫର୍ମୁଲାକୁ ଦୋହରାଇଛି। କଂଗ୍ରେସକୁ ତାମିଲନାଡୁରେ ୯ଟି ଲୋକସଭା ଆସନ ଓ ପୁଡୁଚେରୀରେ ଗୋଟିଏ ଆସନ ଅଫର କରିଛି ଡିଏମ୍କେ।

▶▶ପୃଷ୍ଠା ୭

## ‘କାଜିରଙ୍ଗା’ ବୁଲିଲେ, ନିଜେ କ୍ୟାମେରା ଧରି ଫଟୋ ଉଠାଇଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ, ୦୯/୩ : ପୁଣି ଥରେ ବନ୍ୟପ୍ରାଣୀଙ୍କ ଗହଣରେ ସମୟ କାଟିଲେ ପ୍ରଧାନମନ୍ତ୍ରୀ । ଶନିବାର କାଜିରଙ୍ଗା ଜାତୀୟ ଉଦ୍ୟାନରେ ପହଁଚିଥିଲେ ମୋଦୀ । ହାତରେ କ୍ୟାମେରା ଓ ମୁଣ୍ଡରେ କ୍ୟାପ୍ , ଭିନ୍ନ ଏକ ଅବତାରରେ ମୋଦୀଙ୍କୁ ଦେଖିବାକୁ ମିଳିଛି । ହାତୀ ପିଠିରେ ବସି ବୁଲିବା ସହ ଜିପରେ ଟାଇଗର ରିଜର୍ଭରେ ପହଁଚିଥିଲେ । କେବଳ ସେତିକି ନୁହେଁ କାଜିରଙ୍ଗା ବୁଲାକୁ ସ୍ମରଣୀୟ ଓ ଅଭୁଲା କରିବାକୁ ଆକର୍ଷଣୀୟ ଦୃଶ୍ୟ ସବୁ ନିଜେ କ୍ୟାମେରାରେ କଏଦ କରିଥିଲେ ପ୍ରଧାନମନ୍ତ୍ରୀ । ହାତୀମାନଙ୍କୁ ସେମାନଙ୍କର ପସନ୍ଦର ଖାଦ୍ୟ ଅର୍ଥାତ ଆଖୁ ଖୁଆଇଥିଲେ ପ୍ରଧାନମନ୍ତ୍ରୀ । ଏହି ସମୟରେ କାଜିରଙ୍ଗା ପାର୍କର ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ମୋଦୀ ନିଜ ସୋସିଆଲ ମିଡିଆ ଆକାଉଁଟରେ କାଜିରଙ୍ଗାର ଫଟୋ ପୋଷ୍ଟ କରିବା ସହ ଏହା ତାଙ୍କୁ ଭିନ୍ନ ଅନୁଭୂତି ଦେଇଥିବା କହିଛନ୍ତି ।

▶▶ପୃଷ୍ଠା ୭

## କଂଗ୍ରେସ କ୍ଷମତାକୁ ଆସିଲେ ୩୦ ଲକ୍ଷ ସରକାରୀ ପଦବୀରେ ନିଶ୍ଚିତ ନିଯୁକ୍ତି

ଭୁବନେଶ୍ୱର, ୦୯/୩ (ନି.ପ୍ର): କଂଗ୍ରେସ କ୍ଷମତାକୁ ଆସିଲେ ପ୍ରଥମେ ଯୁବବର୍ଗଙ୍କୁ ନ୍ୟାୟ ପ୍ରଦାନ କରିବ। ଉପରୋକ୍ତ ସରକାରୀ ପଦବି ପୂରଣ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଚାକିରି ଦେବ। ମୋଟ ଉପରେ ୩୦ଲକ୍ଷ ସରକାରୀ ପଦବିରେ ନିଶ୍ଚିତ ନିଯୁକ୍ତି ଦେବ ବୋଲି ରାହୁଲ ଗାନ୍ଧୀ ଗ୍ୟାରେଂଟି ଦେଇଛନ୍ତି। ଶନିବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଶରତ ରାଉତ ଏବଂ ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋ ରାହୁଲ ଗାନ୍ଧୀଙ୍କ ଗ୍ୟାରେଂଟି ସମ୍ପର୍କରେ ସୂଚନା ଦେଇ କହିଲେ ଯେ କଂଗ୍ରେସ କ୍ଷମତାକୁ ଆସିଲେ ଏକ ନିଯୁକ୍ତି କ୍ୟାଲେଣ୍ଡର ପ୍ରସ୍ତୁତ କରିବ। ରାଇଟ୍ ଟୁ ଆପ୍ରେଂଟିସିପ୍ ଆଇନ୍ ଯୋଗେ ପ୍ରତ୍ୟେକ ସ୍ନାତକ ଓ ଡିପ୍ଲମାଧାରୀ ଛାତ୍ରଛାତ୍ରୀ, ଯେଉଁମାନଙ୍କ ବୟସ ୨୫ବର୍ଷରୁ କମ୍ ହୋଇଥିବ ସେମାନଙ୍କୁ ବିଭିନ୍ନ ସରକାରୀ ଓ ଘରୋଇ ଅନୁଷ୍ଠାନରେ ପ୍ରଥମେ ଚାକିରି ଦିଆଯିବ। ଯାହଦ୍ୱାରା ସେମାନେ ବାର୍ଷିକ ଅତିକମ୍‌ରେ ୧ଲକ୍ଷ (ମାସିକ ୮,୪୦୦) ଟଙ୍କା ରୋଜଗାର କରିପାରିବେ। ଏନେଇ ଏକ ଆଇନ୍ କଂଗ୍ରେସ ସରକାର ସମୟରେ ୧୯୬୧ରେ ହୋଇଥିଲା। ଏଥିରେ ସଂଶୋଧନ କରାଯାଇ ନୂତନ ଆଇନ ପ୍ରସ୍ତୁତ କରାଯିବ। ସେହିପରି ବର୍ତ୍ତମାନ ବିଭିନ୍ନ ସରକାରୀ ପରୀକ୍ଷାଗୁଡ଼ିକରେ ପ୍ରଶ୍ନପତ୍ର ପ୍ରଘଟ ସମସ୍ୟା ମୁଣ୍ଡବ୍ୟଥାର କାରଣ ହୋଇଛି। ଏହା ଆମ ଦେଶର ଯୁବପିଢ଼ିଙ୍କ ଭବିଷ୍ୟତକୁ ନଷ୍ଟ କରୁଛି। ନିକଟରେ ଇଣ୍ଡିଆନ ଏକ୍ସପ୍ରେସରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ, ଗତ ୫ବର୍ଷରେ ଆମ ଦେଶରେ ୧୫ଟି ରାଜ୍ୟରେ ନିଯୁକ୍ତି ସମ୍ପର୍କିତ ପରୀକ୍ଷାରେ ୪୧ଥର ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଯାହାକି ଦେଶର ୧କୋଟି ୪୦ଲକ୍ଷ ଯୁବକ ଯୁବତୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଛି। ଉଦାହରଣ ସ୍ୱରୂପ ନିକଟରେ ଉତର ପ୍ରଦେଶ ପୁଲିସରେ ୬୦,୨୪୪ କନଷ୍ଟେବଲ ପଦବି ପାଇଁ ୪୮ ଲକ୍ଷ ଆଶାୟୀ ଆବେଦନ କରିଥିଲେ। ଏହି ଆବେଦନ ପାଇଁ ସେମାନଙ୍କୁ ୪୦୦ ଟଙ୍କା ଲେଖାଏ ଖର୍ଚ୍ଚ କରିବାକୁ ପଡ଼ିଥିଲା। କିନ୍ତୁ ପ୍ରଶ୍ନପତ୍ର ପ୍ରଘଟ ଯୋଗୁ ଏହି ପରୀକ୍ଷା ବାତିଲ ହୋଇଗଲା। ଫଳରେ ୪୮ଲକ୍ଷ ଆବେଦନକାରୀ କ୍ଷତିଗ୍ରସ୍ତ ହେବା ସହ ନିରାଶ ହୋଇଥିଲେ। ଏହି ସମସ୍ୟା ଦୂର କରିବା ନିମନ୍ତେ କଂଗ୍ରେସ ଆଇନକୁ କଡ଼ାକଡ଼ି କରିବାକୁ ଗ୍ୟାରେଂଟି ଦେଉଛି। ସେହିପରି ୫ ହଜାର କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ ହେବ। ଏହି ପାଣ୍ଠି ଦେଶର ପ୍ରତ୍ୟେକ ଜିଲ୍ଲାକୁ ପ୍ରଦାନ କରାଯିବ। ଏଥିରେ ଦେଶର ଉତ୍ସାହୀ ଯୁବବର୍ଗ ଯେଉଁମାନଙ୍କ ବୟସ ୪୦ବର୍ଷରୁ କମ୍ ହୋଇଥିବ ସେମାନଙ୍କୁ ନୂତନ ଷ୍ଟାର୍ଟଅପ୍ ସୃଷ୍ଟି ଓ ବ୍ୟବସାୟ ପାଇଁ ସହାୟତା ପ୍ରଦାନ କରାଯିବ। ବର୍ତ୍ତମାନର ସରକାର କେବଳ ବଡ଼ ବଡ଼ ନିବେଶକାରୀଙ୍କୁ ଦୃଷ୍ଟିରେ ରଖି ସହାୟତା ପ୍ରଦାନ କରୁଛନ୍ତି। ମାତ୍ର କଂଗ୍ରେସ ସବୁ ଯୁବବର୍ଗ ଓ ଛାତ୍ରଛାତ୍ରୀଙ୍କୁ ଏହି ସହାୟତା ଦେବ। ସେହିପରି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀ ଓ କୁଶଳୀ ଶ୍ରମିକମାନେ ଶୋଷଣର ଶିକାର ହେଉଛନ୍ତି। ସେମାନଙ୍କୁ ସାମାଜିକ ସୁରକ୍ଷା ଓ କର୍ମକ୍ଷେତ୍ରରେ ଉତମ ପରିବେଶ ପ୍ରଦାନ ପାଇଁ ରାହୁଲ ଗାନ୍ଧୀ ଗ୍ୟାରେଂଟି ଦେଇଛନ୍ତି। ଏଥିପାଇଁ ରାଜସ୍ଥାନ ପ୍ଲାଟଫର୍ମ ବେସ୍‌ଡ ଜିଜ ୱାର୍କର୍ସ ଆକ୍ଟ ୨୦୨୩ ପାସ୍ ହୋଇଛି। କର୍ଣ୍ଣାଟକରେ ଜିଜ୍ ୱାର୍କରମାନଙ୍କ ପାଇଁ ୨ଲକ୍ଷର ଜୀବନ ବୀମା ଏବଂ ୨ଲକ୍ଷର ଦୁର୍ଘଟଣା ଜନିତ ସହାୟତା ରାଶି ଘୋଷଣା କରାଯାଇଛି। ତେଲେଙ୍ଗାନାରେ ମଧ୍ୟ ରାଜୀବ ଆରୋଗ୍ୟଶ୍ରୀ ଯୋଜନାରେ ୫ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା ସହାୟତା ଏବଂ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦିଆଯାଇଛି। ରାହୁଲ ଗାନ୍ଧୀ ଦେଇଥିବା ଗ୍ୟାରେଂଟି ଭିତରେ ଯେଉଁ ପ୍ରମୁଖ କଥା ରହିଛି, ସେଗୁଡିକ ହେଲା ନିଯୁକ୍ତି ଭରସା, ପ୍ରଥମ ଚାକିରି, ପ୍ରଶ୍ନପତ୍ର ପ୍ରଘଟ ବନ୍ଦ, ଅସ୍ଥାୟୀ କର୍ମଚାରୀ ଓ କୁଶଳୀ ଶ୍ରମିକଙ୍କ ସାମାଜିକ ନିରାପତା ଏବଂ ଯୁବ ଆଲୋକ ମାଧ୍ୟମରେ ୫ ହଜାର କୋଟି ଟଙ୍କାର କର୍ପସ ପାଣ୍ଠି ଦ୍ୱାରା ଯୁବବର୍ଗଙ୍କୁ ଷ୍ଟାର୍ଟଅପ୍ ପାଇଁ ସହାୟତା ବୋଲି ସେମାନେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ମନୋରଞ୍ଜନ ଦାସ ଓ ଡ.ସ୍ମୃତିରଞ୍ଜନ ଲେଙ୍କା ଉପସ୍ଥିତ ଥିଲେ।

## ପରିବାର ଲୋକଙ୍କ ସହ ଭୋଜି କରିବାକୁ ଆସି ଇବ୍ ନଦୀରେ ବୁଡ଼ିଗଲେ ୩ ନାବାଳକ

ସୁନ୍ଦରଗଡ଼, ୦୯/୩ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ସେମିନାରେ ୩ ଜଣ ନାବାଳକ ଇବ୍ ନଦୀରେ ଗାଧୋଉ ଥିବା ବେଳେ ନିଖୋଜ ହୋଇଯାଇଛନ୍ତି। ଖବର ଲେଖାଯିବା ସୁଦ୍ଧା ସେମାନଙ୍କୁ ଠାବ କରାଯାଇପାରି ନାହିଁ। ଏହି ତିନି ନାବାଳକଙ୍କ ମଧ୍ୟରୁ ଜଣଙ୍କୁ ୧୫ ବର୍ଷ ହୋଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ୧୨ ଓ ୧୦ ବର୍ଷ ହୋଇଥିବା ଜଣାପଡ଼ିଛି। ସେମାନେ ସମସ୍ତେ ସୁନ୍ଦରଗଡ଼ର ରିଜେଣ୍ଟ ମାର୍କେଟ ଅଞ୍ଚଳର ବାସିନ୍ଦା। ଆଜି ନିଜ ପରିବାର ଲୋକଙ୍କ ସହିତ ସେମିନାକୁ ଭୋଜି କରିବାକୁ ଆସିଥିଲେ ଏହି ତିନି ନାବାଳକ। ଭୋଜି ଖାଇ ସାରିବା ପରେ ସେମାନେ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଗାଧୋଇବା ବେଳେ ସେମାନେ ବୁଡ଼ି ଯାଇଥିଲେ। ସେମିନାରେ ଇବ୍ ନଦୀରେ ଚୋରା ବାଲି ଥିବାରୁ ସେମାନେ ସେଥିରେ ଫସି ଆଉ ବାହାରି ପାରି ନଥିଲେ ବୋଲି କୁହାଯାଉଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ କାହାକୁ ଠାବ କରିପାରି ନଥିଲା।

## ଯୁବକର କଟୁରୀ ଚୋଟରେ ବୃଦ୍ଧ ମୃତ : ଥାନାରେ ଯୁବକ ଅଟକ, ବ୍ୟବହୃତ କଟୁରୀ ଜବତ

ଧର୍ମଶାଳା, ୦୯/୩ (ନି.ପ୍ର): ଆଜି ସକାଳ ସମରେ ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧରଠାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଉନ୍ମକ୍ତ ଯୁବକର କଟୁରୀ ଚୋଟରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଥିବା ଜଣାପଡିଛି । ମୃତକ ଜଣକ ହେଲେ ସ୍ଥାନୀୟ ସ୍ୱପ୍ନେଶ୍ୱରପୁର ଗ୍ରାମର କାଳନ୍ଦୀ ମଳିକ(୬୨) ବୋଲି ଜଣାପଡିଛି । ତେବେ ଏଭଳି ଘଟଣା ଘଟିବା ପରେ ସ୍ଥାନୀୟ ଅଂଚଳର ଲୋକେ ଭୟଭିତ ହୋଇପଡିଥିଲେ । ଖବର ପାଇ ସଦର ପୋଲିସ ଘଟଣାସ୍ଥଳରେ ପଂହଚି ଜମଧର ଗ୍ରାମର ସୁରେନ୍ଦ୍ର ବେହେରା(୫୦)ଙ୍କୁ କାବୁ କରିବା ସହିତ ଏହି ଘଟଣାରେ ବ୍ୟବହୃତ ଏକ ଧାରୁଆ କୁଟୁରୀକୁ ଜବତ କରିଛି । ଅନ୍ୟପକ୍ଷେ ଅଭିଯୁକ୍ତ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଶହଶହ ସ୍ଥାନୀୟ ଲୋକେ ଥାନାରେ ଦାବି କରିଥିଲେ । ଅନ୍ୟପକ୍ଷେ ଘଟଣାକୁ ଗୁରତର ସହ ନେଇ ପୋଲିସ ସାଇଁଟିଫିକ ଟିମର ସହାୟତା ନେଇଥିଲା । ଘଟଣାସ୍ଥଳରେ ସାଇଁଟିଫିକ୍ ଟିମ୍ , ଯାଜପୁର ଡିଏସପି ଓ ଯାଜପୁର ଟାଉନ ଥାନା ଅଧିକାରୀ ବିଲ୍ୱ ମଙ୍ଗଳ ସେଠୀ ଘଟଣାସ୍ଥଳରେ ପଂହଚି ଘଟଣାକୁ ଯାଂଚ କରିଥିଲେ । ଶବକୁ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ଜଣାପଡିଛି । ସୂଚନା ମୁତାବକ, ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ନିକଟରେ ଆଜି ସକାଳ ୭ଟା ସମୟରେ ଏକ ଅଭାବନୀୟ ଘଟଣା ଘଟିଛି । ସ୍ୱପ୍ନେଶ୍ୱରପୁର ଗ୍ରାମର କାଳନ୍ଦୀ ମଳିକ(୬୨) ଏକ ବାଇକ ଯୋଗେ ନିଜ ଗ୍ରାମର ରଙ୍କ ମଳିକ ଓ ମୁନା ମଳିକଙ୍କୁ କୌଣସି କାର୍ଯ୍ୟରେ ଭେଟି ଘରକୁ ଅନ୍ୟ ୨ଜଣ ସହଯୋଗୀଙ୍କ ସହ ଫେରୁ ଥିବା ସମୟରେ ଜମଧର ଗ୍ରାମର ମାନସିକ ବିକାରଗ୍ରସ୍ତ ଯୁବକ ସୁରେନ୍ଦ୍ର ବେହେରା(୫୦) ସେମାନଙ୍କୁ ଅଟକାଇ ଥିଲେ । ସୁରେନ୍ଦ୍ର ଏକ ଧାରୁଆ କଟୁରୀରେ କାଳନ୍ଦୀଙ୍କୁ ଆକ୍ରମଣ କରିଥିଲା । କାଳନ୍ଦୀ ତଳେ ପଡିଯିବା ପରେ ସୁରେନ୍ଦ୍ର ପୁନର୍ବାର ୨ରୁ ୩ ଚୋଟ ବେକକୁ ହାଣି ଦେଇଥିଲେ । ଫଳରେ ଘଟଣାସ୍ଥଳରେ କାଳନ୍ଦୀଙ୍କର ମୃତ୍ୟୁ ଘଟିଥିଲା । ଏହାକୁ ଦେଖି କାଳନ୍ଦୀଙ୍କ ଅନ୍ୟ ୨ ସହଯୋଗୀ ସେଠାରୁ ଜୀବନ ବିକଳରେ ସେଠାରୁ ପଳାଇ ଆସିଥିଲେ । ସ୍ଥାନୀୟ ଲୋକେ ଘଟଣା ଜାଣିବା ପରେ ସଦର ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପଂହଚି ଶବ ଜବତ ସହ ବ୍ୟବହୃତ ଏକ ଧାରୁଆ କୁଟୁରୀକୁ ଜବତ କରିବା ସହ ସୁରେନ୍ଦ୍ରକୁ ଥାନାରେ ଅଟକ ରଖି ପଚରାଉଚୁରା କରିଛି । ଅନ୍ୟପକ୍ଷରେ ପୋଲିସ ସାଇଁଟିଫିକ୍ ଟିମର ସହାୟତା ନେଇଥିଲା । ତେବେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଭୟଭିତ ହୋଇପଡିଛନ୍ତି । ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଉତ୍ୟକ୍ତ ସ୍ଥାନୀୟ ଲୋକେ ୨୦ ନଂ ଜାତୀୟ ରାଜପଥ କୁଆଖିଆ-ଯାଜପୁର ଟାଉନ ମୁଖ୍ୟରାସ୍ତା ଗଜିପାଢୀ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ଫଳରେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟତ ଠପ୍ ହୋଇ ଯାଇଛି ।

## ଆସନ୍ତା ୧୫ରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିବ କଂଗ୍ରେସ

ଭୁବନେଶ୍ୱର, ୦୯/୩ (ନି.ପ୍ର): ଆସନ୍ତା ୧୫ ତାରିଖରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିବ କଂଗ୍ରେସ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୬୬ଟି ବିଧାନସଭା ଏବଂ ୧୨ଟି ଲୋକସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବ ବୋଲି ଦଳର ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ ସୂଚନା ଦେଇଛନ୍ତି । ପ୍ରତିଟି ବିଧାନସଭା କ୍ଷେତ୍ର ଓ ସଂସଦୀୟ କ୍ଷେତ୍ର ପାଇଁ ୩ ଜଣ ଲେଖାଏଁ ଆଶାୟୀଙ୍କ ନାଁ ଚୂଡାନ୍ତ ହେଇଛି। ସ୍କ୍ରିନିଂ କମିଟି ବୈଠକରେ ଆଶାୟୀଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀଙ୍କ ବିଷୟରେ ବିଚାର ବିମର୍ଷ ହେଇ ଫାଇନାଲ ଲିଷ୍ଟ ସିଇସି ନିକଟକୁ ଯିବ। ଅନ୍ୟପଟେ ଦଳକୁ ଫେରିଥିବା କିଛି ନେତାଙ୍କ ପାଇଁ ସିଟ୍ ସଂରକ୍ଷିତ କରି ରଖାଯିବ । ଆଉ ୧୫ ତାରିଖରେ ପ୍ରାର୍ଥୀ ଘୋଷଣା ସହିତ ଦଳ ନିଜର ନିର୍ବାଚନୀ ଇସ୍ତାହାର ମଧ୍ୟ ଘୋଷଣା କରିବ ବୋଲି ପଂଚାନନ କାନୁନଗୋ ସୂଚନା ଦେଇଛନ୍ତି । କଂଗ୍ରେସ ଏଥର ରାଜ୍ୟରେ ସରକାରକୁ ଆସିଲେ ଓଡିଶାରେ ଗୃହଲକ୍ଷ୍ମୀ ଭତା, କୃଷକ ଭତା ଓ ବେକାରୀ ଭତା ଲାଗୁ କରିବ। ଗୃହଲକ୍ଷ୍ମୀ ଭତାରେ ହିତାଧିକାରୀଙ୍କୁ ୨ ହଜାର ଟଙ୍କା, କୃଷକ ଭତାରେ ଚାଷୀଙ୍କୁ ୨ ହଜାର ଟଙ୍କା ଏବଂ ବେକାରୀ ଭତା ୩ ବର୍ଷ ଯାଏଁ ୩ ହଜାର ଟଙ୍କା ଲେଖାଏଁ ଦେବ କଂଗ୍ରେସ ବୋଲି ପଂଚାନନ କାନୁନଗୋ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଧକ୍କା ହେବା ପରେ ଜଳିଗଲା ୨ ବାଇକ୍

ଭଦ୍ରକ, ୦୯/୩ (ନି.ପ୍ର): ଗୋଟିଏ ବାଇକ୍‌କୁ ପଛରୁ ପିଟିଲା ଆଉ ଏକ ବାଇକ୍। ଏହା ପରେ ଦୁଇଟି ଯାକ ବାଇକ୍‌ରେ ଲାଗିଯାଇଥିଲା ନିଆଁ। ଏହି ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଘଟଣାଟି ଘଟିଛି ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ପାଳଦାବାଙ୍କ ନିକଟରେ। ଜଣେ ବ୍ୟକ୍ତି ୧୬ ନମ୍ବର ଜାତୀୟ ରାଜପଥରେ ବାଇକ୍‌ରେ ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ପାଳଦାବାଙ୍କ ନିକଟରେ ଆଉ ଏକ ବାଇକ୍ ଆସି ତାଙ୍କୁ ପଛରୁ ଧକ୍କା ଦେଇଥିଲା।

## ଜିଲ୍ଲା କୋର୍ଟରେ ଆନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୦୯/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସର ରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇ ଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ଜିଲ୍ଲା ଓ ଦୌରାଜଜ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାନ୍ୟବର ସିଜିଏମ ପୂଜା ଷଡଙ୍ଗୀ, ପରିବାର ଅଦାଲତ ଜଜ ବିକାଶ ଚନ୍ଦ୍ର ଦେ, ଜେ.ଏମ୍.ଏଫ୍.ସି ଅମିତ କୁମାର ବେହେରା, ସୁଶ୍ରୀ ସଙ୍ଗୀତା ମଳିକ, ଜିଲ୍ଲା ଓକିଲ ସଂଘ ସଭାପତି ବିଚିତ୍ରା ନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବୈକୁଣ୍ଠନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

ଭାଗ-୪୨

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ମନେହେଉଛି ସତେ ଯେପରି ଚନ୍ଦ୍ରମଣ୍ଡଳରେ ଫୁଟି ଉଠିଛନ୍ତି ଅସଂଖ୍ୟ ତାରକା। ତୁମର ଚୂର୍ଣ୍ଣକେଶରେ ଲାଗିଥିବା ବିନ୍ଦୁ ବିନ୍ଦୁ ଜଳ ନୀଳମଣି ତୁଲ୍ୟ ପ୍ରତୀୟମାନ ହେଉଛି । ଭ୍ରୁଲତା ଧାରରେ ଲାଖିଥିବା ଜଳବିନ୍ଦୁ ଇନ୍ଦ୍ରଧନୁର ଶୋଭାକୁ ବଳି ଯାଉଛି । ସତରେ ଦେବୀ ତୁମେ ଅନନ୍ୟା । ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁରରେ ଅନିନ୍ଦ୍ୟା । ତୁମ ରୂପ ନନ୍ଦନବନରେ, ରୂପଭଣ୍ଡାରରୁ ମଧୁପାନ ଆଶାରେ, ମୁଁ ଆଶାୟୀ ଚକୋର ।" ଏହାକହି ସ୍ନେହ, ପ୍ରେମ ଭରି ଦିଅନ୍ତି ସେ ମୋ ମନ ମନ୍ଦିରରେ । ମୋର ପାଦକୁ ଅନାଇ କୁହନ୍ତି ପ୍ରିୟେ ତୁମର ଏ ପଦ୍ମଫୁଲିଆ ପାଦ ଦୁଟିରେ ମୋର ଅଧିକ ଲୋଭ । ମନ ହୁଏ ସଦା ସର୍ବଦା ତୁମର ଏ ପାଦ ଦୁଇଟିକୁ ମୁଁ ଅନାଇ ରୁହନ୍ତି । ଏହାକହି ସେ ରକ୍ତବର୍ଣ୍ଣ ବିଶିଷ୍ଟ ପୁଷ୍ପକୁ ଆଣି ତାରି ରସକୁ ମୋ ପାଦରେ ଅଳତା କରି ଲଗାଇ ଦିଅନ୍ତି। ମୁଁ ଯେତେ ବାଧାଦେଲେ ବି ସେ ଶୁଣନ୍ତି ନାହିଁ । ତାଙ୍କ ହସ୍ତଧରି ନେଇ ମୁଁ କହେ ସ୍ୱାମୀ, ମୋତେ ଏ ଅପରାଧରେ ଭାଗୀ କରାନ୍ତୁ ନାହିଁ । ଆପଣ ମୋ ସ୍ୱାମୀ, ମୋ ଭଗବାନ । ଆପଣ ମୋ ଇଷ୍ଟଦେବତା ହୋଇ ମୋ ପାଦରେ ହାତଦେଲେ ମୁଁ ନର୍କଗାମୀ ହେବି । ମୋ କଥା ଶୁଣି ହସିହସି ସେ କହନ୍ତି, "ସୀତେ ! ତୁମେ ମୋର ପତ୍ନୀ । ତୁମର ପ୍ରତ୍ୟେକ ଅଂଗପ୍ରତ୍ୟଂଗ ଉପରେ ମୋର ଅଧିକାର ରହିଛି । ତୁମ ଶରୀରର ଦୁଇଟି ଅଂଗକୁ ମୁଁ ଅତ୍ୟଧିକ ଭଲପାଏ, ଅତ୍ୟଧିକ ପ୍ରେମ କରେ । ସେ ଦୁଇଟି ହେଲା ତୁମର ଋଦ୍ଧ ଉଦିଆ ମୁଖମଣ୍ଡଳରେ ବିରାଜୁଥିବା ଦୁଇଟି ଢଳଢଳ ନୀଳକମଳ କଢ଼ି ସଦୃଶ ଚକ୍ଷୁ ଆଉ ରକ୍ତକରବୀ ସଦୃଶ ପାଦଯୁଗଳ । ତୁମ ଶରୀର ଏହି ଦୁଇଟି ଅଂଗ ମୋତେ ପାଗଳ କରିଛି ଦେବୀ । ମୋତେ ସେ ଶୋଭା ଦର୍ଶନରୁ କେବେବି ବଞ୍ଚିତ କରିବ ନାହିଁ ।" ଏହାକହି ସ୍ୱାମୀ ମୋର ମୋ ପାଦରେ ପୁଷ୍ପରାଗର ଅଳତା ଲଗାଇ ଦିଅନ୍ତି । ପୁଷ୍ପର ପାଉଁଜି ପିନ୍ଧାଇ ଦିଅନ୍ତି ପାଦରେ । ଆନନ୍ଦରେ ଅଧୀର ହୋଇ ମୋତେ କୋଳକରି ନେଇ କୁହନ୍ତି, ସୀତାକୁ ପାଇ ରାମ ଧନ୍ୟ ହୋଇଯାଇଛି ସଖୀ । ରାମର ଜୀବନ ଅମୃତରେ ପୂର୍ଣ୍ଣ ହୋଇ ଯାଇଛି ।

ସ୍ନାନାନ୍ତେ ମୁଁ ଫେରିଆସେ ପଞ୍ଚବଟୀର ଗୁମ୍ଫାକୁ । ଓଦାବସ୍ତ୍ରକୁ ଶରୀରରୁ ସହ୍ଲାଇ ଦେଇ ଶୁଷ୍କବସ୍ତ୍ରଟିଏ ପିନ୍ଧି ସାରିବା ପରେ ସେ ବସନ୍ତି ମୋ ମସ୍ତକ ପ୍ରସାଧନ କରିବାକୁ । ମୁଁ ଯେତେ ମନାକଲେ ମଧ ସେ ଜମା କଥା ଶୁଣନ୍ତି ନାହିଁ । ଲକ୍ଷ୍ମଣ ଅଯୋଧାରୁ ଗୋପନରେ ନେଇ ଆସିଥିବା ଚିରିଣିରେ ମୋ ମସ୍ତକ କୁଣ୍ଡାଇ ଜୁଡ଼ାବାନ୍ଧି ଦିଅନ୍ତି । ତହିଁରେ ଖୋସି ଦିଅନ୍ତି ରାଶିରାଶି ଧବଳ ପୁଷ୍ପ । ତାପରେ କୁହନ୍ତି, ବୈଦେହୀ ଏବେ ମୋ ହୃଦ ଦର୍ପଣରେ ତୁମର ମୁଖମଣ୍ଡଳକୁ ଦେଖି କୁହ, ମୁଁ ତୁମକୁ ଠିକ୍ ସଜାଇ ପାରିଛି କି ନାହିଁ । ତାଙ୍କୁ ଋହିଁ ହସିହସି ମୁଁ କହେ, ଅଯୋଧାର ରାଜପୁତ୍ର, ରାଜା ରଘୁଙ୍କ ଦାୟାଦ, ଧନୁର୍ଦ୍ଧାରୀ ଶ୍ରୀରାମ ସିନା ବୀରପଣରେ ଅନନ୍ୟ । ନିଜ ଶୌର୍ଯ୍ୟ, ବୀର୍ଯ୍ୟ, ବୀରତ୍ୱକୁ ପ୍ରଦର୍ଶନ କରି ଶିବଧନୁ ଭାଂଗି ସେ ସିନା ଜନକ ନନ୍ଦିନୀକୁ ଲାଭ କଲେ, ହେଲେ ସେ ବୀରପୁରୁଷ ନାରୀକଳାରେ ଏମିତି ଧୂରୀଣ ହେଲେ କେମିତି ? କେମିତି ଏତେ ସୁନ୍ଦର ବେଶକାରୀ ହେଲେ ସେ ? କେମିତି ଏତେ ସୁନ୍ଦର ମୁଣ୍ଡ କୁଣ୍ଡାଇ ଦେଇ ପାରୁଛନ୍ତି, କେମିତି ପାଦରେ ଏତେ ସୁନ୍ଦର ଅଳତା ଲଗାଇ ଦେଇ ପାରୁଛନ୍ତି ? ମୋ କଥା ଶୁଣି ସେ ହସିହସି କହନ୍ତି, "ଦେବୀ ବୈଦେହୀ, ତୁମର ସ୍ନେହ, ପ୍ରେମ, ଭାବ, ଭକ୍ତି, ଭଲପାଇବା, ତୁମର ରୂପସୌନ୍ଦର୍ଯ୍ୟ ମୋତେ ବୀରରୁ ବେଶକାରିଣୀର ରୂପ ଦେଇ ପାରିଛି ଦେବୀ । ତୁମ ପ୍ରୀତିଡୋରରେ ବନ୍ଧା ରାମ ତୁମପାଇଁ ଯେ ବେଶକାରିଣୀ ସାଜିଛି ତାହା ନୁହେଁ, ଋହିଁଲେ ତୁମପାଇଁ ପ୍ରାଣ ମଧ ବିସର୍ଜନ କରିଦେଇ ପାରିବ ।"

ତାଙ୍କର ଏପରି କଥା ଶୁଣି ତାଙ୍କ ପାଟିରେ ହାତଦେଇ ମୁଁ କହେ, ଛି ସ୍ୱାମୀ ଏମିତିଆ କଥା କେବେବି ଆପଣ ତୁଣ୍ଡରେ ଧରିବେ ନାହିଁ । ବରଂ ଆବଶ୍ୟକ ପଡ଼ିଲେ ମୁଁ ଆପଣଙ୍କ ପାଇଁ ପ୍ରାଣବଳି ଦେବି, ଆପଣ ନୁହେଁ । ଆପଣ ମୋର ମନ, ଆତ୍ମା, ହୃଦୟ ସବୁକିଛି । ଆପଣ ମୋ ହସ୍ତର ଶଂଖା, ମସ୍ତକର ସିନ୍ଦୂର । ଏହାକହି ମୁଁ ମୋ ମସ୍ତକରେ ସିନ୍ଦୂର ଧାରଣ କରି ତାଙ୍କ ପାଦତଳେ ଲୋଟିଯାଏ । ମୋତେ ପାଦତଳୁ ଉଠାଇ ମୋ ଶିରଚୁମ୍ବନ କରି ସେ କୁହନ୍ତି ଦେବୀ ସୀତେ ତୁମ ମସ୍ତକର ଏ ସିନ୍ଦୂର ଗାର ରାମର ଜୀବନରେଖା । ତୁମ ସୀମନ୍ତରେ ଅର୍ଦ୍ଧ ଚନ୍ଦ୍ରାକୃତିର ଏ ଯେଉଁ ସିନ୍ଦୂର ତୁମେ ଧାରଣ କର, ତାକୁ ଦେଖିଲେ ମନ ମୋର ପୂରିଉଠେ ଦେବୀ । ବାସ୍ତବରେ ତୁମେ ଅନନ୍ୟା, ରୂପ, ଗୁଣରେ, କର୍ମରେ, ଧର୍ମରେ । ବନଯାତ୍ରା କାଳରେ ତୁମେ ସଂଗରେ କିଛି ଆଣି ନଥିଲ ହେଲେ ବି ଏ ସିନ୍ଦୂର ଫାଋୁଆଟିକୁ ଆଣିବାକୁ ଭୁଲି ନଥିଲ ।

ତାଙ୍କ ପାଟିରୁ କଥା ନେଇ ମୁଁ କହେ, କେମିତି ଭୁଲିଥାନ୍ତି ସ୍ୱାମୀ । ଏ ସିନ୍ଦୂର ଯେ ମୋର ସର୍ବସ୍ୱ । ଯେଉଁଦିନ ପ୍ରଥମେ ଆପଣ ମୋ ମସ୍ତକରେ ଏ ସିନ୍ଦୂର ପିନ୍ଧାଇ ଦେଇଥିଲେ ସେହିଦିନୁ ମୋ ଜୀବନ ଧନ୍ୟ ହୋଇଯାଇଛି । ଏ ସିନ୍ଦୂର ସଧବାନାରୀର ମନ, ପ୍ରାଣ, ହୃଦୟ ସବୁକିଛି । ଏହା ମୋ ସ୍ୱାମୀଙ୍କ ଦିଆ ଶ୍ରେଷ୍ଠ ଦାନ । ସୀତା ବରଂ ନଖାଇ ନପିଇ ପାଞ୍ଚ/ଦଶ ଦିନ ଉପବାସରେ କଟାଇଦେବ, ଦୁଃଖ ଯନ୍ତ୍ରଣା ସହି ଜୀବନକୁ ତିଳତିଳ କରି ଜାଳିଦେବ, ଦୁଃଖ ଯାତନାରେ ସଢ଼ି ହେଉଥିବ, ତଥାପି କେବେ କୌଣସି ଦିନ ମୁଣ୍ଡରେ ସ୍ୱାମୀଙ୍କ ଦାନ ଦିଆ ଏ ସିନ୍ଦୂରକୁ ପିନ୍ଧିବା ପାଇଁ ଭୁଲିବ ନାହିଁ । ଏ ଶପଥ ମୁଁ ସେହିଦିନ ନେଇସାରିଛି । ମୋ ମାତା ମୋତେ ଏତିକି ଜ୍ଞାନ ଦେଇ କହିଛନ୍ତି ସ୍ୱାମୀ ନାରୀ ଜୀବନରେ ସବୁକିଛି । ତୁ ସବୁ ଭୁଲି ଯାଇପାରୁ ମାଆ ହେଲେ ସଧବା ନାରୀ ଭାବରେ କୌଣସି ଗୋଟାଏ ଦିନ ମୁଣ୍ଡରେ ସିନ୍ଦୂର ପିନ୍ଧିବାକୁ ଭୁଲିବୁ ନାହିଁ । ତୋ ମସ୍ତକର ସିନ୍ଦୂର ତୋ ମୁଖର ହସ ତୋ ସ୍ୱାମୀ ପାଇଁ ଅମୃତ । ତୋ ସ୍ୱାମୀର ସମସ୍ତ କୁଶଳ ତୋର ଏହି ମସ୍ତକର ସିନ୍ଦୂରରେ ନିହିତ । ଜୀବନର କୌଣସି ଗୋଟାଏ ଦିନ ତୁ ଏ କର୍ମରେ କେବେବି ଅବହେଳା କରିବୁ ନାହିଁ ମାଆ ।

ମୋ କଥା ଶୁଣି ମୋ ସ୍ୱାମୀ ହସିହସି କହନ୍ତି ଧନ୍ୟ ତୁମେ ସୀତା । ତୁମ ପାତିବ୍ରତ୍ୟର ତୁଳନା ନାହିଁ କିମ୍ବା ନୋହିବ । ତୁମ ଭଳି ପତି ସୋହାଗିନୀ, ପତି ବିଳାସିନୀ ନାରୀ ସ୍ୱର୍ଗ, ମର୍ତ୍ତ୍ୟ ପାତାଳ ତିନିପୁରରେ ନାହିଁ କିମ୍ବା ନଥିବେ ।

ଏମିତି କଥା ହେଉହେଉ ଲକ୍ଷ୍ମଣ ନାନା ଜାତିର ଫଳ ଧରି ଆସି ପହଞ୍ଚି ଯାଆନ୍ତି । ସେ ଫଳକୁ ଦୁଇଭାଗ କରି ମୁଁ ଦୁଇ ଭାଇଙ୍କୁ ବାଢ଼ିଦିଏ। ଲକ୍ଷ୍ମଣ ତାଙ୍କ ଫଳତକ ଧରି ଦୂରକୁ ଋଲିଯାଆନ୍ତି। ମୋ ସ୍ୱାମୀ ସେ ଫଳ ଭୁଞ୍ଜିବା ପୂର୍ବରୁ କୁହନ୍ତି ସୀତେ ତୁମପାଇଁ କିଛି ଫଳ ନରଖି ସବୁ ଆମ ଦୁଇଭାଇଙ୍କୁ ଦେଇଦେଲ । ତୁମେ କ'ଣ ଉପବାସ ରହିବ ।

ତାଙ୍କ କଥା ଶୁଣି ମୁଁ ହସିହସି କହେ 'ସ୍ୱାମୀ ଆପଣ ଭୁଞ୍ଜିଲେ ମୋ ପେଟ ପୂରିଯିବ । ଆପଣ ଭୁଞ୍ଜିସାରିବା ପରେ ଯାହା ଅବଶେଷ ରହିବ ସେତକ ମୋର ।' ସେ କିନ୍ତୁ ମୋ କଥା ନମାନି ମୋତେ ଭୁଞ୍ଜାଇ ଦେଉଦେଉ କହନ୍ତି ସୀତେ ପ୍ରତ୍ୟହ ସ୍ୱାମୀଙ୍କ ଉଚ୍ଛିଷ୍ଟାନ୍ନ ଖାଇବା କ'ଣ ସ୍ତ୍ରୀର ଧର୍ମ ।

ମୁଁ ତାଙ୍କୁ ବୁଝାଇ କହେ ହଁ ସ୍ୱାମୀ ! ତାହାହିଁ ତ ସ୍ତ୍ରୀର ଧର୍ମ ଆଉ କର୍ମ । ମୋ ମାଆ ମୋତେ ବୁଝାଇ କହିଛନ୍ତି, ନାରୀ ମାନଙ୍କର ପତି ହିଁ ଈଶ୍ୱର, ପତିଙ୍କ ଚରଣ ସ୍ୱର୍ଗ । ସ୍ୱାମୀଙ୍କ ସେବା ପତିବ୍ରତା ନାରୀର ଧର୍ମ । ସ୍ୱାମୀଙ୍କ ଭୋଜନ ପରେ ଭୁଞ୍ଜିବା, ସ୍ୱାମୀଙ୍କ ଶୟନ ପରେ ଶୋଇବା ତଥା ସ୍ୱାମୀ ଶଯ୍ୟା ତ୍ୟାଗ ପୂର୍ବରୁ ଶଯ୍ୟାରୁ ଉଠି ସ୍ୱାମୀଙ୍କ ପାଦରେ ପ୍ରଣାମ କରିବା ହେଉଛି ଜଣେ ସତୀ ସ୍ୱାଧୀ ପତିବ୍ରତା ନାରୀର ଧର୍ମ । ଏତକ କରିପାରିଲେ ନାରୀ ଜୀବନରେ ସାର୍ଥକତା ମିଳିଥାଏ ।

(କ୍ରମଶଃ)


❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


## ଆଲୋଚନା

# ମେଣ୍ଟ ନା ଫାଟ

### ସୁବ୍ରତ ପଟ୍ଟନାୟକ



ବିଜେପି ବିଜେଡି ମଧ୍ୟରେ ନିର୍ବାଚନୀ ମେଣ୍ଟ ହେବକି ? ଯଦି ହୁଏ ତେବେ କାହାକୁ ମିଳିବ ଅଧିକ ଫାଇଦା ? କେଉଁ ଦଳ କେତୋଟି ଆସନରୁ ଲୋକସଭା ଓ ବିଧାନସଭାରେ ଲଢ଼ିବେ ? ଏହାର ସଠିକ୍ ଉତ୍ତର ଏଯାଏ ମିଳିନି। ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଆସନ ଭାଗବଣ୍ଟା ବାବଦରେ ନାନା ଚର୍ଚ୍ଚା ଧରିଛି। ବିଜେପି ଲୋକସଭାରେ ୧୪ଟି କିମ୍ବା ୧୫ଟି ଆସନ ଓ ବିଜେଡି ବିଧାନସଭାରେ ଶହେ ଆସନରେ ପ୍ରାର୍ଥୀ ଦେବ ବୋଲି ଢୋଲପିଟା ଚାଲିଛି। ବାସ୍ତବ ଚିତ୍ର ପର୍ଦ୍ଦାଫାସ ହୋଇନାହିଁ। ଅସଲ କଥା ଜାଣିବାକୁ ଏବେ ସାରା ଓଡ଼ିଶାବାସୀଙ୍କ ନଜର ।

କିଛି ଦିନ ପୂର୍ବେ ଭୁବନେଶ୍ୱର ର କଂଗ୍ରେସ ଭବନାରେ ବିଜେଡି ବିଜେପି ବ୍ୟଙ୍ଗାତ୍ମକ ବାହାଘର କରାଇଥିଲା କଂଗ୍ରେସ ଦଳ । ଏହି ଦୁଇ ଦଳ ଗତ ୨୪ ବର୍ଷ ଧରି ଗୁପ୍ତ ପ୍ରେମ ସମ୍ପର୍କ ରଖିଛନ୍ତି ବୋଲି ପ୍ରଘଟ କରିଥିଲା। ସେମାନଙ୍କ ସମ୍ପର୍କରୁ ଚିଟ୍‌ଫଣ୍ଡ ଦୁର୍ନୀତି, ଖଣି ଦୁର୍ନୀତି, ଜଳସମ୍ପଦ ଦୁର୍ନୀତି, ବେକାରୀ ବୃଦ୍ଧି, ଦାଦନ ଚାଲାଣ, ନାରୀ ବ୍ୟଭିଚାର ଭଳି ସନ୍ତାନ ସନ୍ତତି ଜନ୍ମ ହୋଇଛନ୍ତି ବୋଲି ଆକ୍ଷେପ କରାଯାଉଚି । ଯଦି ବିଜେପି-ବିଜେଡି ମଧ୍ୟରେ ମେଣ୍ଟ କିମ୍ବା ଆସନ ବୁଝାମଣା ହୁଏ, ତେବେ କଂଗ୍ରେସର ଅଭିଯୋଗ ଅମୂଳକ ନୁହେଁ ବୋଲି ଲୋକେ ଭାବିବେ। ଏହାର ଫାଇଦା କଂଗ୍ରେସ ଦଳ ଉଠାଇବାକୁ ଚେଷ୍ଟା କରିବ ନିଶ୍ଚୟ।


ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଠେ - ଯଦି ଦୁଇ ଦଳ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ, ତାହେଲେ କେତେକ ବିଜେଡି ନେତାଙ୍କ ବିରୋଧରେ ସିବିଆଇ, ଇଡି, ଭଳି ଚଢାଉ ହେଉଛି କାହିଁକି ? ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଯେଉଁ ନେତାଙ୍କୁ ତଣ୍ଟିଆ ମାରୁଛନ୍ତି, ବିଜେପି ସେମାନଙ୍କୁ କିଭଳି ଫୁଲମାଳ ପିନ୍ଧାଇ ପାଛୋଟି ନେଉଛନ୍ତି ? ରାଜ୍ୟରେ ବିଜେପି-ବିଜେଡି ନେତାଙ୍କ ମଧ୍ୟରେ ଘମାଘୋଟ ଲଢେଇ ଚାଲୁଥିବା ବେଳେ, କେନ୍ଦ୍ର ନେତୃତ୍ୱ ବିଜେଡି ସୁପ୍ରିମୋଙ୍କୁ କୋଳାକୋଳି କରୁଛନ୍ତି। ପ୍ରଶଂସାରେ ପରସ୍ପରକୁ ପୋତି ପକାଉଛନ୍ତି। ଭିତିରି ରହିଥିବା ଜାଣିବାକୁ ଆମେ ଖୋଳତାଡ଼ କରୁଛେ।

ବିଜେଡିର ମଙ୍ଗୁଆଳ ଭି କେ ପାଣ୍ଡିଆନ୍। ଠିକ୍ ସେହିଭଳି ପ୍ରମୋଦ କୁମାର ମିଶ୍ର। ଆଇଏଏସ ପ୍ରମୋଦ ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ପ୍ରିନ୍ସିପାଲ ସେକ୍ରେଟାରୀ । ଓଡିଶା ରାଜନୀତି ବାବଦରେ ଯଥେଷ୍ଟ ଦକ୍ଷ । ଏହି ଦୁଇ ବିଶିଷ୍ଟ ବ୍ୟକ୍ତି ଯେଉଁ ପରାମର୍ଶ ଦେବେ ତାକୁ ମୋଦୀ ନବୀନ ଗ୍ରହଣ କରିବେ ବୋଲି ଆଶା କରାଯାଏ। ତେବେ ଦଳୀୟ ନେତାଙ୍କୁ ସନ୍ତୁଷ୍ଟ କିମ୍ବା ଗୁରୁତ୍ୱ ଦେବା ଉପଲକ୍ଷରେ ଦିଲ୍ଲୀ ଡାକରା ଯାଏ। ସେହି ନ୍ୟାୟରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଭଳି ନେତାଙ୍କୁ ଘନ ଘନ ଦିଲ୍ଲୀ ଡକାଯାଇ କର୍ମୀଙ୍କ ଲାଗି ବାର୍ତ୍ତା ସୃଷ୍ଟି କରାଯାଉଚି। ଦିଲ୍ଲୀରୁ ଫେରି ମନମୋହନ ଯେଉଁ ପ୍ରେସ ମିଟ୍ କରିଛନ୍ତି ସେଥିରେ ବିନ୍ଦୁ ବିସର୍ଗ କିଛି ବୁଝା ପଡୁନାହିଁ। ସେ ଓଲଟି ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଶ୍ନ କରୁଛନ୍ତି ଆପଣ ଓଡ଼ିଆ ଭାଷା ବୁଝି ପାରୁଛନ୍ତି ନା ନାହିଁ ? ଯେ ତ ଦେଢଶୂରକୁ ଭାଇବୋହୂର ଠାର।

୨୦୦୯ ସାଧାରଣ ନିର୍ବାଚନରେ ମେଣ୍ଟ ପାଇଁ ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡ଼ଭାନୀ ନବୀନ ନିବାସକୁ ଆସିଥିଲେ। ସେତେବେଳେ ତାଙ୍କୁ ନିରାଶ କରି ଫେରାଇ ଦିଆଯାଇଥିଲା। ନିର୍ବାଚନରେ ବି ବିଜେପିର ଘୋର କ୍ଷତି ଘଟିଥିଲା। ସମାନ ଧରଣର ଫର୍ମୁଲା ଏବେ ବିଜେପି ପ୍ରୟୋଗ କରୁ ନାହିଁ ତ ? ଶେଷ ମୁହୂର୍ତ୍ତରେ ଯଦି ବିଜେଡିକୁ ମେଣ୍ଟ ଲାଗି ନାସ୍ତି ବାଣୀ ଶୁଣାଯାଏ ବିଜେଡିର ଭାବ ମୂର୍ତ୍ତି ରହିବ ତ ? ଏ ପ୍ରଶ୍ନର ଉତ୍ତର ଦେବ କିଏ ଦେଖା ଯାଉ, ଆଗକୁ କେଉଁ ପାଣି କୁଆଡେ ଯାଉଚି !!


ଓରାଳି, କେନ୍ଦୁଝର
ମୋ ୯୯୩୭୭୯୧୨୪୪


## କବିତା...



## ॥ କବି ତୁମେ କୋଉ ଧାତୁରେ ଗଢା ॥

### ● ଡ. ପ୍ରୀତିପଦ୍ମା ପଣ୍ଡା

ମୁଁ ଥରେ କବିଙ୍କୁ ପଚାରିଲି
କବି ତୁମେ କୋଉ ଧାତୁରେ ଗଢା....
ସୁନା ନ ହୀରା ।

କବି ମୁରୁକି ହସି କହିଲେ...
ମୁଁ ସୁଦ୍ଧୁ କୋଇଲା....
ମୁଁ କହିଲି ଲୋକେ କହୁଛନ୍ତି ...
ତୁମେ ନିତି କଳା ହୀରାରେ
ମଜା ହେଉଥିବା ଗୋଟେ ସୁବର୍ଣ୍ଣ ଥାଳି
ସେଠି ନିତି ରାତିରେ ହୀରା ପରଶନ୍ତି
ଅନେକ ମୁକୁନ୍ଦ ଦେବଙ୍କ ରାଣୀ....
କବି ସ୍ମିତ ହାସ୍ୟ ଦେଲେ ।

ଅନ୍ୟ ଏକ ଦିନେ କବିଙ୍କୁ
ନିରୋଳାରେ ପଚାରିଲି . . .
ଆଚ୍ଛା କବି କୁହନ୍ତୁତ
ତୁମକୁ କିଏ ବେଶୀ ଆକୃଷ୍ଟ କରେ
ଜହ୍ନ ନା ତାରା....
କବି କହିଲେ, ଅନେକ କବୀଙ୍କୁ
ମୁଁ ବତେଇଛି ଜହ୍ନର ଠିକଣା...
ଅନେକଙ୍କ ରାତିର ଅଗଣାରେ
ବିଛେଇଛି ତାରାର ଝୁଲଣା .....

ମୁଁ ତୁରନ୍ତ କବିଙ୍କୁ ପ୍ରଶ୍ନ କଲି
ମୁଁ ଶୁଣିଛି ତୁମେ କୁଆଡେ
ବେଶ୍ ଭଲ ଭାବେ ଚଳେଇ ପାର
ଚେସ୍‌ର ବିଶପ୍ ରାଜା ରାଣୀ ଗୋଟି. ...
ହେଲେ ମୁଁ ତ ଏତେ ବର୍ଷ ପରେ ବି
ଭେଦିପାରିଲିନି ତୁମର ସେ
ନିଭୃତ ଅନ୍ଧାରୀ କଳା ଧଳା କୋଠି.....

କବି ଠୋ' ଠୋ' ହୋଇ ହସିଲେ
ଟିକେ ମଉନ ରହିଲେ
ପୁଣି ବହେ କାନ୍ଦିଲେ
ମୁଁ ସେଦିନ ଦ୍ୱିତୀୟଥର ପାଇଁ ଚୁପ୍ ରହିଲି ।

ଦିନେ ମୁଁ ଜିଦ୍ଦି କଲି....
ଆଣ୍ଠେଇ ପଡ଼ି କବିଙ୍କୁ ପଚାରିଲି
କବି କୁହନ୍ତୁ ତ
ପ୍ରେମ ବଡ଼ ନା ଦେହ ବଡ
କବି କହିଲେ ପ୍ରେମ ଥିଲେ
ଦେହ ଅବଶ୍ୟମ୍ଭାବୀ
ହେଲେ ଦେହରୁ ପ୍ରେମ ମିଳେନି ହୋ....

ମୁଁ ତୁରନ୍ତ କବିଙ୍କୁ ପାଲଟା ପ୍ରଶ୍ନ କଲି
ଏବେ କୁହ ତୁମେ କାହାର
ରୁକ୍ମିଣୀର ନା ରାଧାର....
ନା ଷୋଳ ସହସ୍ର ଗୋପାଙ୍ଗନାଙ୍କର....
କବି ଖିଲି ଖିଲି ହସି ଗୀତ ଗାଇଲେ
ମନ ମୋର ଯାଯାବର
କେବେ ଲୋଡେ ସ୍ୱର୍ଗର ପାରିଜାତ ଫୁଲ
କେବେ ଖୋଜିବୁଲେ ନର୍କର ଯନ୍ତ୍ରଣା
ନଥର...
ରୁକ୍ମିଣୀ ତ ମୋର ବାମାଙ୍ଗୀ....
ହୋମ, ଯାଗ, ଯଜ୍ଞାଦି ଦୁନିଆ ଦାଣ୍ଡରେ
ମୋର ଏକାନ୍ତ ନିଜର....
ରାଧା ମୋର ହୃଦୟର ବଇଁଶୀର ସୁର ।

ସବା ଶେଷରେ କବି
ତାଙ୍କ ପାଖରେ ବସାଇ ମୋତେ ଶୁଣେଇଲେ
ଶ୍ରୀ ଜଗନ୍ନାଥଙ୍କ ରଚିତ ଅମୃତ ବାଣୀ......
ଷୋଳ ସହସ୍ର ଗୋପ ନାରୀ
ଆପେ ବରିଲେ ତପ କରି
ମୁଁ ତାଙ୍କ ପୁରେଇବି ଆଶ
ଆତ୍ମ ପ୍ରେମେ ତାଙ୍କ ବିଶ୍ୱାସ
ମୁଁ ସେଦିନ କବିଙ୍କୁ ଏତିକି କହିଲି
ବାସ୍ କବି ବାସ୍....
ତୁମେ କୋଉ ଧାତୁରେ ଗଢା...
ସୁନା .... ନା.... ହୀରା....
ନା ସୁଦ୍ଧୁ କୋଇଲା....


❤ ବରିଷ୍ଠ ଗବେଷଣା ବୈଜ୍ଞାନିକ
ହାଇଦରାବାଦ


## ॥ ଦଳିତ ॥

### ନିରାକର ଦାସ



କେତେ ସଭ୍ୟତାର ବିକାଶ ହେଲା କେମିତି
ତୁମର କ'ଣ ଯାଏ ଆସେ ?
ତୁମେ ତ ପାଦତଳେ, ଚିର ପାଦତଳେ
ଭିକ୍ଷା ମାଗିବା ପାଦ ଧରିବା
ତୁମର ତ ଜନ୍ମଗତ ଅଭ୍ୟାସ
ଦଳିତ, ତୁମେ ଚିରକାଳ ଦାସ।
ଏ ବ୍ୟବସ୍ଥାର ଅବସ୍ଥାରେ
ତୁମେ ପିଇ ଚାଲିଛ ଖାଲି କାଳକୁଟ ବିଷ
ଚିହ୍ନି ପାରୁନ ତୁମର ନୀଳକଣ୍ଠ ରୂପ।
ଆଦିମତାର ସବୁ ଅଂଶ
ନିଃଶେଷ ହେଲାପରେ
ଏବେ ସମୟ ପିନ୍ଧେଇ ଚାଲିଛି
ମଣିଷକୁ ସଭ୍ୟତାର ବେଶ।
ଏତେ ଧ୍ୱଂସ,ଏତେ ସୃଷ୍ଟି
ଏତେ ବିପ୍ଳବ, ବିଦ୍ରୋହ, ପରିବର୍ତ୍ତନ
ଏତେ ବିକାଶ, ପ୍ରକାଶ, ବିବର୍ତ୍ତନ ପରେ ବି
ଦଳିତ
ହେଲାନି ତୁମ ଚେତନାର ଉନ୍ମେଷ
ଜାଗ୍ରତ ହେଲାନି
ତୁମ ଭିତରେ ଜିଇଥିବା ମହାକାଳ ରୂପ।
ତୁମ ଉଦାରତାକୁ ଦୁର୍ବଳତା, ଅଜ୍ଞାନତାକୁ
ପାଷାଣ୍ଡତା ମଣୁଥିବା ଏ ଉଚ୍ଚଜଙ୍କ ଠାରୁ
କଦାପି ମିଳିବନି ଗୁହାରିରେ
ତୁମ ପତିତ ଅଧିକାର।

ଏ ଅମୃତ ମଣୋହି/ଛପନ ଭୋଗ/
ଷାଠିଏ ପଉଠି, ତୁମର ନୁହେଁ
କେବଳ କ୍ଷମତାର ବେପାରୀଙ୍କ ଅର୍ଥାସ୍ତ୍ରର
ସୁରକ୍ଷା ବଳୟରେ ସୁରକ୍ଷିତ ମହାକ୍ଷମତାର।
ତୁମ ଦାବି-
ତୁମ ଅଭାବୀ ପଣରେ କାନ୍ଦି କାନ୍ଦି
ତୁମ ମୁହଁରେ
ଅବଶିଷ୍ଟାଂଶ ଟୁକୁରା ଫିଙ୍ଗି ଫିଙ୍ଗି
ଏମାନେ ମହାନ୍ ସାଜନ୍ତି
ତୁମେ ବନିଯାଅ ତାଙ୍କ ଚେତନାର ଦାସ।
ଏବେ ବି ସାଆନ୍ତିଆ- ମହନ୍ତିଆ ରୋଗରେ
ପୀଡିତ ଏ ମାଟି
ଦଳିତ
ଯେତେ ଧାଇଁଲେ ଧାଆଁ
ତାଙ୍କ ଷଣ୍ଢୁଆସି ଫାଶରେ
ନିୟନ୍ତ୍ରିତ ହୁଏ ତୁମ ଗତି ଓ ପ୍ରଗତି।
ଏମିତି ପାଦଦଳେ ପଡ଼ି
କେତେଦିନ ଭିକ୍ଷା ମାଗୁଥିବ ନିଜ ଅଧିକାର
ହାରୁଥିବ ବାରମ୍ବାର ବଞ୍ଚିବାର ସକଳ ଆୟୁଷ।
ଯାହା ପାଦତଳେ ତୁମ ମଥାନତ
ସିଏ ଭୋଗି ଚାଲିଛି ତୁମର ସମସ୍ତ ଐଶ୍ୱର୍ଯ୍ୟ
ତୁମ ଅଜ୍ଞାନତାର ଝାଳ, ରକ୍ତ, ତ୍ୟାଗ
ତାଙ୍କୁ ମୁଣ୍ଡେଇ ଦେଇଛି ଅନନ୍ତ ପ୍ରାଚୁର୍ଯ୍ୟ
ତୁମର କ'ଣ ହାରିବାର ଅଛି
ହାରି ସାରିଛ ତ ସମସ୍ତ ବୟସ।
ଏବେ ବି ସମୟ ଅଛି
ନିଜ ଚେତନାକୁ ମହାଚେତନାରେ
ଜାଗ୍ରତ କର
ଯୁଗ ଯୁଗରୁ ହରେଇଥିବା
ତୁମ ସସାଗରା ଧରାକୁ
ଖଣ୍ଡା ମୁନରେ ଉଠାଇ ନେବାର
ସାହସ ସଞ୍ଚୟ କର
ଦେଖିବ ସାମ୍ୟ - ମୈତ୍ରୀରେ ଭରିଯିବ
ଦେଶ, ଜଳିଯିବ ଭ୍ରଷ୍ଟାଚାରୀଙ୍କ
ନବଗୁଂଜର ବେଶ।


❤ ଭୁବନେଶ୍ୱର
(ମୋ) ୮୪୫୫୮୫୦୧୩




## ॥ ବିଭୋର ବେଳାର ବାସ୍ନା ॥

### ● ପୂର୍ଣ୍ଣ ଦାସ

ଋତୁ ଯାଏ ଋତୁ ଆସେ ଏ ଧରାରେ
ତମେ ଅଋତୁର ଫୁଲ,
ଆଖି କହେ ଆ' ଓଠ କହେ ଯା'
କା'ରେ ଦେବି ମନମୂଲ ?

ତୁମ ବଦନାମ ବାସ୍ନା ଫୁଲଟି
ହାତରେ ଧରିଚି ସହୀ,
ପ୍ରୀତି ଜରଜର ମୁହଁଟି ତୁମର
ଦିଶିଯାଏ ରହିରହି ।

ସେଇ ଫୁଲଗୋଟି ମୋ ନିଧି ସମ୍ପତ୍ତି
ଆଉ କିଛିନାଇଁ ମୋର,
ତମେ ଗଲାଦିନୁ ବାସ୍ନାରେ ତା'ର
ସଜାଉଛି ଏଇଘର ।

ଝରକା ଖୋଲିଲେ ନିଶିଚନ୍ଦ୍ରିକା
କୋଠରୀକୁ ପଶିଆସେ,
ତମ ମୁଦାଆଖି ଝରକା ଦେଇକି
ମୋ ସ୍ମୃତି ସହର ଦିଶେ ।

ତମେ ସେଇଫୁଲ ପାଖୁଡ଼ାରେ ଯା'ର
ଚିତ୍ରିତ ଚଉପଦୀ,
ତମେ ସେଇଜହ୍ନ ମନତଳେ ଯା'ର
ବିରହର ଚିତ୍ରନଦୀ ।

ମତେ ତା' ମନର ଜହ୍ନକରି ସିଏ
ନିଜକୁ ଆକାଶ ଭାବେ,
ପ୍ରେମରେ ପାଗଳ ନହେଲେ କି କା'ରେ
ଦିନ ରାତିପରି ଲାଗେ !

ନିଶୂନ ଆକାଶେ ଏକାକୀ ଗୋ ଭାସେ
ପବନ ଡେଣାରେ ସଖୀ,
କିଆଁ ତୋ' ଛାତିର କଅଁଳ କବିତା
ଆଖିରେ ମୋ ଦେଲୁ ଲେଖି ?


❤ କଣ୍ଟାବଣିଆ,ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର - ୭୫୫୦୧୩
(ମୋ) : ୯୩୩୭୫ ୪୮୮୯୩


### ● ଡ. ମମତା ପ୍ରିୟଦର୍ଶିନୀ ସାହୁ



## ॥ ତା ପାଇଁ ଶେଷ ଚିଠି ॥

ଜାଣେନା !
ଏ ଚିଠି ସେ ପାଇବକି ନା
ତା ଠିକଣା ଏଯାଏ ଠଉରେଇ ପାରିନି ।

ହଁ ! ଯଦି ବି ପାଇଲା
ସେ କ'ଣ ପଢିବ ?
କେଜାଣି ???
ତା ମନକୁ ପଢିପାରିନି ଏଯାବତ୍
ସେ ? ଦରଦୀ ନା ନିଷ୍ଠୁର।

ଚିଠି ତ ? ନୁହଁ
ମନର ? ଏକ ଦଲିଲନାମା ।
କହିବି ପାର
ହୃଦୟ ବଗିଚାର ଏକଲମ୍ବା ସ୍କେଚ୍ ।

କୋଉଠି ଫୁଲ ଫୁଟିଛି ତ
ଆଉ କୋଉଠି ଝଡିଯିବାରେ
ଆନନ୍ଦ ପାଉଛି ।

ଆଞ୍ଜୁଳା ଭର୍ତ୍ତି ଗୋଲାପ ପାଖୁଡା
ମୁଠା ମୁଠା ପ୍ରେମର ଶେଫାଳୀ
ଅଜାଡ଼ି ଦେଇଛି ନୀଳ ସ୍ୟାହିରେ ,
ନଈଠୁ ପାହାଡ
ମାଟିଠୁ ଆକାଶ
ସବୁ ଭର୍ତ୍ତିଛି ମାଟିଆ ଲଫାପାର ବଳୟରେ ।

ସେ ପାଉ କି ନପାଉ
ପଢୁକି ନ ପଢୁ
ମୁଁ ଲେଖିଲା ବେଳେ ହିଁ ଜାଣି ସାରିଥିବ
ମୋ ଅତଳ ଗହ୍ୱରର ଅସରନ୍ତି ଭାବନାକୁ
ହୃଦୟ ମର୍ମର ଉତ୍ଥାନ ପତନର
ଭାବରାଜିକୁ ।


❤ ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ, ସୁନ୍ଦରଗଡ଼

# ସାହିତ୍ୟ ମାଆ, ମାଟି ଓ ମଣିଷର କଥା କହୁ; ଜୀବନର ଜୟଗାନ କରୁ : ଅମ୍ରିତା ସିଂହ

**କବି ଅମ୍ରିତା ସିଂହ,** ଶିକ୍ଷାଦାନକୁ ନିଜର ବୃତ୍ତି ଭାବେ ଗ୍ରହଣ କରିଥିଲେ ମଧ କବିତାକୁ କରିଛନ୍ତି ନିଜର ପ୍ରବୃତ୍ତି । ତାଙ୍କ କବିତାର ପ୍ରେମ- ପ୍ରଣୟ, ବିରହ ବେଦନା ସହ ମାନବବାଦ, ସମ୍ପର୍କର ମଧୁରପଣ ତଥା ପ୍ରବୃତ୍ତିର ଶୋଭା ବର୍ଣ୍ଣନା ପାଠକକୁ କରେ ଆନମନା । କଳ୍ପନା ବିଳାସୀ କବି ଏକ ବର୍ଣ୍ଣିଳ ପୃଥିବୀରେ ପଦଚାରଣା କରନ୍ତି । ଦିଗନ୍ତଭେଦୀ ଇଚ୍ଛା ତାଙ୍କ ଉଦାସୀ ନୟନରେ ଭସାମେଘ ହୋଇ ଉଜୁଡ଼ା ପ୍ରେମର ମୁକୁଳା ପଣରେ ମଉଳା ମନର ଦାଗଟିଏ ହୋଇ ବିଳାପି ପାରେ । ତାଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ସୃଜନର ଆଦ୍ୟ ସ୍ମରଣ ?

■■ ସୃଜନର ପ୍ରଥମ ଅଙ୍କୁରୋଦମ୍ ପୂର୍ବରୁ କେତେ କେତେ ଶବ୍ଦର ବୀଜ ବିଲୀନ ହୋଇଯାଇଥିବେ ହୃଦୟର ଅତଳ ତଳେ। ଅପରିପକ୍ୱ ଭାବନାରେ କବିତାର ବାଲିଘର ଗଢୁଗଢୁ ଭାଙ୍ଗି ଯାଇଛି ଖାମଖିଆଲିର ଲହରି ମାଡରେ। ତଥାପି କବିତାର କୁନି ଚାରାଟିଏ ମୁଣ୍ଡ ଟେକିଛି ମୋ ବୋଉର ଭାଗବତ, ଲକ୍ଷ୍ମୀ ପୁରାଣ, ଚନ୍ଦ୍ରପୁରାଣର କାହାଣୀ ଓ କବିତା ଶୁଣି ଶୁଣି। ସୃଜନର ମୂଳଦୁଆ ପକାଇଥିଲି ମୋ ବୋଉର କଥାକୁ ଶବ୍ଦରେ ଯୋଡ଼ି ଯୋଡ଼ି।

■ ଆପଣଙ୍କ ସାହିତ୍ୟର ପ୍ରେରଣା କିଏ ? ସାହିତ୍ୟ ର ଆଦ୍ୟ ଗୁରୁ ରୂପେ କାହାକୁ ସ୍ମରଣ କରିବେ ?

■■ ମୋର ସାରସ୍ୱତ ଜୀବନର ପ୍ରେରଣା କିଏ ଠାବ କରିବାରେ ସାମର୍ଥ୍ୟ ମୋ ଠାରେ ନାହିଁ। ମୋ ଚାରିପଟେ ଘଟୁଥିବା ଘଟଣା, ଦୃଶ୍ୟ ଓ ଚରିତ୍ରର ନିଆରାପଣ ଯଦି ମୋତେ ଆବେଗସିକ୍ତ କରନ୍ତି ତାହା ମୋ କବିତା ଲେଖିବାର ପ୍ରେରଣାର ଉତ୍ସ ହୋଇଯାଏ। ମୋର ସାହିତ୍ୟର ଆଦ୍ୟ ଗୁରୁ ପ୍ରକୃତି ମାଆ, ଗାଁର ପାଣି, ପବନ, ଆଲୁଅ, ଅନ୍ଧାର ତାର ସବୁଜିମା। ହଁ କବି ବିଦ୍ୟୁତ୍ ପ୍ରଭା ଦେବୀଙ୍କୁ ବି ସ୍ମରଣ କରିବି। ତାଙ୍କର ଖ୍ୟାଦୋଡିକା କବିତାଟି ପଢି ମୁଁ ବିଶେଷ ପ୍ରଭାବିତ ହୋଇଥିଲି।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମେ ପ୍ରବେଶ କରିବାର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଆପଣଙ୍କର ଏ ଯାତ୍ରା ?

■■ ଖୁବ୍ ରୋମାଞ୍ଚ ଥିଲା ସାହିତ୍ୟ ଜଗତରେ ପ୍ରଥମେ ପ୍ରବେଶ ର ଅନୁଭୂତି। ଠିକ୍ ପ୍ରଥମ ପ୍ରେମ କି ପ୍ରଥମ ସନ୍ତାନ ପ୍ରାପ୍ତି ପରି। ସେଦିନଟି ନିଶ୍ଚିତ ମୋ ପାଇଁ ଅବିସ୍ମରଣୀୟ। ଯେଉଁଦିନ ମୋର ପ୍ରଥମ କବିତା ମାତୃଭୂମି ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା, ତାହା 'ଘାସଫୁଲ' ନାମକ ଶିଶୁ କବିତାଟିଏ ଥିଲା। ମୁଁ କିନ୍ତୁ ଘରେ କାହାକୁ କହି ନ ଥିଲି ଅନେକ ମାସ ପର୍ଯ୍ୟନ୍ତ। ୧୯୮୫ ମସିହା କଥା। ସେ ସମୟରେ ଲେଖାଟିଏ ପ୍ରକାଶ ପାଇଲେ ଯଦି ପାଠକ ପାଠିକାଙ୍କୁ ଭଲ ଲାଗୁଥିଲା ସେମାନେ ପୋଷ୍ଟକାର୍ଡରେ ଚିଠି ଲେଖି ଶୁଭେଚ୍ଛା ଜଣାଉଥିଲେ। ଏହିପରି ମୋ ଲେଖା ପ୍ରକାଶ ପାଇବା ପରେ ଦୁଇ ଚାରି ଖଣ୍ଡ ଚିଠି ଆସିବାରୁ ଘରେ ସମସ୍ତେ ଜାଣିଥିଲେ। ବାପା ପଢ଼ିବା ପାଇଁ ତାଗିଦ୍ କରିଥିଲେ। ତଥାପି ଖୁସି ଥିଲେ। ମୁଁ କିନ୍ତୁ ପାଠବହି ଭିତରେ ଲୁଚେଇ ଲୁଚେଇ ବିଭିନ୍ନ ପ୍ରକାରର ଗପ ବହି ପଢୁଥିଲି। ଆଉ କଥା ରହିଲା ମୋ ସୃଜନ ଯାତ୍ରାର ଲକ୍ଷ୍ୟ କଥା। ସତ କହିବାକୁ ଗଲେ ମୋର ସେମିତି କିଛି ଲକ୍ଷ୍ୟ ନାହିଁ। ନିଜ ଇଚ୍ଛାରେ ନଦୀ ପରି ବହିଯାଉଛି। ମୋର ଗତି ସାଗର କି ମରୁ ମରୀଚିକାର ବାଲୁକା ସ୍ତୁପ ଅଭିମୁଖେ, ତାହା ମୁଁ ଜାଣେନା। ମୁଁ କିନ୍ତୁ ଚାହେଁ ସୃଜନର ସବୁଜିମାରେ ହସୁଥାଉ ମୋର ତଟଦେଶ, ମାନବ ଜୀବନର ଜୟଗାନ କରି ମାଟିର ମହକରେ ମହକିତ ହେଉ ମୋର ଯାତ୍ରା।

■ ବର୍ତ୍ତମାନ ସୁଦ୍ଧା କେତୋଟି ପୁସ୍ତକ ଆପଣଙ୍କର ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ବର୍ତ୍ତମାନ ସୁଦ୍ଧା ମୋର ପାଞ୍ଚଟି ପୁସ୍ତକ ପ୍ରକାଶିତ ହୋଇଛି। ଘାସଫୁଲ, ନିଃଶବ୍ଦ ଋତୁ, ଦେହ ଦିହୁଡି,ତୃଷାର ନଦୀତୀରେ, ଦଶବତାର । ମାଆଟି ପାଇଁ ଯେମିତି ତା'ର ସମସ୍ତ ସନ୍ତାନ ସମାନ, ସେ ସମସ୍ତଙ୍କୁ ସ୍ନେହ କରେ, ସେମିତି ମୋ ପାଇଁ ସବୁ ପୁସ୍ତକ ପ୍ରିୟ । କେଉଁ ପୁସ୍ତକ କେତେ ପ୍ରିୟ ସେ କଥା ମୋ ଅପେକ୍ଷା ପାଠକମାନେ କହିବେ, ସେମାନେ କେଉଁ ପୁସ୍ତକକୁ କେତେ ଗ୍ରହଣ କରିଛନ୍ତି। ମୋର ଦେହ ଦିହୁଡି ବହିଟି ପଢି ଶ୍ରୀଯୁକ୍ତ ଜୟନ୍ତ କୁମାର ମହାପାତ୍ର ସାର୍ ମୋତେ କଲ୍ କରି ବହିଟିରେ ଥିବା କବିତା ଗୁଡିକ ଭଲ ହୋଇଛି ବୋଲି କହିଥିଲେ। ତା' ଛଡା ଆପଣ ମଧ ବହିଟିର ଖୁବ୍ ସୁନ୍ଦର ସମୀକ୍ଷା କରିଛନ୍ତି। ତେଣୁ ମୁଁ ବା ଅଧିକ ଆଉ କ'ଣ କହିବି।

■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ,ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ଆମ ମାତୃଭାଷା ସଙ୍କଟରେ ଆଦୌ ନାହିଁ ବୋଲି ମୁଁ ଭାବୁଛି। ଯଦି ମାତୃଭାଷା ସଙ୍କଟରେ ଥାନ୍ତା ତେବେ ଏତେ ପତ୍ରପତ୍ରିକା,ଗଳ୍ପ, ଉପନ୍ୟାସ ଆଦି ପ୍ରକାଶ ପାଉ ନ ଥାନ୍ତା। ହଁ କଥା କେବଳ ଏତିକି ଯେ ଅଧିକ ଅର୍ଥ ଉପାର୍ଜନ ପାଇଁ ଅଭିଭାବକମାନେ ହିନ୍ଦି ଓ ଇଂରାଜୀ ମାଧ୍ୟମରେ ନିଜ ପିଲାଙ୍କୁ ଶିକ୍ଷା ଦେଉଛନ୍ତି। ସରକାରୀ ସ୍ତରରେ ମଧ ଓଡିଆକୁ ସଂପୂର୍ଣ୍ଣ ରାଜଭାଷା ରୂପେ କାର୍ଯ୍ୟକାରୀ କରା ଯାଇନାହିଁ। ଏଥିରୁ ମୁକ୍ତି ପାଇବାର ମାଧ୍ୟମ କେବଳ କବିତା ହୋଇ ନପାରେ। ଅନ୍ୟ ବିଭାଗ ଗୁଡ଼ିକ ମଧ ଏହାର ମାଧ୍ୟମ ହୋଇପାରେ। ମାତୃଭାଷା ପ୍ରତି ଆନ୍ତରିକତା ଓ ବହୁଳ ବ୍ୟବହାର ହିଁ ନିତାନ୍ତ ଆବଶ୍ୟକ ।

■ ଅଳ୍ପରେ ଅମ୍ରିତା ସିଂହ

ପିତା- ତ୍ରିଲୋଚନ ସିଂହ
ମାତା- ଭାରତୀ ସିଂହ
ସ୍ୱାମୀ -ବସନ୍ତ କୁମାର ସାମଲ
ଜନ୍ମସ୍ଥାନ - ସୋରଳ, ମାହାଙ୍ଗା, କଟକ
ବୃତ୍ତି -ଶିକ୍ଷକତା



**ପ୍ରକାଶିତ କବିତା ପୁସ୍ତକ :**

୧-ଘାସ ଫୁଲ
୨-ନିଃଶବ୍ଦ ଋତୁ
୩-ଦେହ ଦିହୁଡି
୪-ତୃଷାର ନଦୀତୀରେ
୫-ଦଶବତାର

■ କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ ଆପଣଙ୍କର ଅଛି କି ?

■■ ହଁ କବିତା ମାଧ୍ୟମରେ ଜଣକର ମାନସିକତା ପରିବର୍ତ୍ତନ ସମ୍ଭବ ହୋଇପାରିବ। ସ୍ୱାଧୀନତା ସଂଗ୍ରାମ ସମୟରେ ଜାତୀୟତାବାଦୀ କବିତାରେ ଅଭିପ୍ରେରିତ ହୋଇ ଅନେକ ବ୍ୟକ୍ତି ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ମୁଁ ନିଜେ ଜଣେ କବି ଭାବରେ କହିବି ଚାରି ପାଞ୍ଚ ବର୍ଷ ତଳେ ଜଣେ ସ୍ତ୍ରୀ ଲୋକଙ୍କୁ ବସ୍‌ରେ ଭେଟିଥିଲି। ସେ ତାଙ୍କ ସଂସାର କଥା କହିଥିଲେ। ଉପାୟ ଶୂନ୍ୟ ହୋଇ ଦୁଃଖରେ ଭାଙ୍ଗିପଡିଥିଲେ। ମୁଁ ତାଙ୍କୁ ବହୁତ ବୁଝାଇଥିଲି ଓ ମୋର ନାରୀ କବିତାଟି ଶୁଣାଇଥିଲି। କବିତାଟି ବୁଝିଲା ପରେ ନିଜ ମନକୁ ଦୃଢ଼ କରି ଘରକୁ ଫେରିଯାଇଥିଲେ। ଗତ ବର୍ଷ ଭେଟ ହୋଇଥିଲା ତାଙ୍କ ସହ, ସେ ଭଲରେ ଅଛନ୍ତି ବୋଲି ଜାଣିଲି।

■ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ?

■■ ଓଡିଆ ସାହିତ୍ୟର ଉଜ୍ଜ୍ୱଳ ଭବିଷ୍ୟତକୁ ନେଇ ମୁଁ ନିଶ୍ଚିତ ଆଶାବାଦୀ । ଆମ କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଆଦି ଆନ୍ତର୍ଜାତିକ କ୍ଷେତ୍ରରେ ଜନ ମାନସକୁ ବେଶ୍ ଆନ୍ଦୋଳିତ କରି ପାରିଛି। ଆମ ଭାଷାରେ ଲିଖିତ ବିଭିନ୍ନ ଲେଖା ଗୁଡିକ ହିନ୍ଦୀ, ଅସାମୀୟା, କନ୍ନଡ଼, ଇଂରାଜୀ, ବଙ୍ଗଳା ଆଦି ଭାଷାରେ ଅନୁବାଦିତ ହେଉଛି। ଆମ ସାହିତ୍ୟ ପ୍ରତି ଯଦି ଆଦର ନଥାନ୍ତା ତା ହେଲେ ଏତେ ସଂଖ୍ୟାରେ ଅନୁବାଦ ହେଉ ନ ଥାନ୍ତା। ଅନେକ ନୂତନ ପତ୍ରିକା, ପୁସ୍ତକମାନ ମୁଦ୍ରଣ ହେଉଛି। ରାଜ୍ୟରେ ବହୁ ପୁସ୍ତକ ମେଳା ଅନୁଷ୍ଠିତ ହେଉଛି। ନୂତନ ସାହିତ୍ୟ ଅନୁଷ୍ଠାନମାନ ଜନ୍ମଲାଭ କରୁଛି। ଆମ ସରକାର ମଧ ଏବେ ବିଶ୍ୱ ସାହିତ୍ୟ ସମ୍ମେଳନ ମାନ କରି ଭଷା ହିଁ ଭବିଷ୍ୟତ ମାଧ୍ୟମରେ ପାଦେ ଆଗେଇଛନ୍ତି। ବାକି ରହିଲା ଆମ ସାହିତ୍ୟ ସାଧାରଣ ଲୋକଙ୍କ ହୃଦୟକୁ ଛୁଇଁବାର କଥା। ଆମ ସାହିତ୍ୟ ସାଧାରଣ ଲୋକଙ୍କର ହୃଦୟକୁ ଛୁଇଁଲା ଭଳି ନିଶ୍ଚିତ କିନ୍ତୁ ଇଲେକ୍ଟ୍ରୋନିକ ମିଡିଆ ଦ୍ୱାରା ପ୍ରଭାବିତ ହୋଇ ଲୋକମାନଙ୍କର ଇଛାଶକ୍ତି କମିଯାଇଛି। ଦ୍ୱିତୀୟ ଅସୁବିଧା ହେଉଛି ବେସରକାରୀ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ଇଂରାଜୀ ମାଧ୍ୟମରେ ପଢି ଆମ ସାହିତ୍ୟ ପ୍ରତି ଆକର୍ଷିତ ହେଉନାହାନ୍ତି। ଅଧିକ ଅର୍ଥ ଉପାର୍ଜନ ସେମାନଙ୍କର ଲକ୍ଷ୍ୟ। ଯଦି ସାହିତ୍ୟ କ୍ଷେତ୍ରରେ ସେମିତି କିଛି ସୁବିଧା ଥାନ୍ତା ହୁଏତ ଆକର୍ଷଣର ମାଧ୍ୟମ ହୋଇପାରନ୍ତା। ଯେଉଁମାନେ ଓଡିଆ ମାଧ୍ୟମରେ ଅଧ୍ୟୟନ କରୁଛନ୍ତି ସେମାନଙ୍କ ବିଦ୍ୟାଳୟରେ ସାହିତ୍ୟ ବିଷୟକୁ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେଉନାହାନ୍ତି । ତେଣୁ ସାହିତ୍ୟ ସାଧାରଣ ଲୋକଙ୍କ ହୃଦୟର ନିକଟତର ହୋଇପାରୁନାହିଁ। ଛୁଇଁବ ବା କିପରି ?

■ ଲେଖକ ଜୀବନରେ ପୁରସ୍କାର ର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତା ଟି ସମସ୍ତଙ୍କ ନିକଟକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାର ନିଶ୍ଚିତ ଗୁରୁତ୍ୱ ରଖେ। ସାହିତ୍ୟିକଟିକୁ ଉତ୍ସାହିତ କରେ। କିନ୍ତୁ ଏହାର ଅର୍ଥ ନୁହେଁ ପୁରସ୍କାର ପଛରେ ଗୋଡାଇବା। ସାହିତ୍ୟିକମାନେ ଏପରି ଲେଖା ଲେଖିବା ଆବଶ୍ୟକ ଯେପରି ପୁରସ୍କାର ତାଙ୍କୁ ଖୋଜି ସର୍ବସମ୍ମୁଖରେ ପରିଚିତ କରାଇବ। ସାହିତ୍ୟ ମାଆ, ମାଟି ଓ ମଣିଷର କଥା କହୁ; ଜୀବନର ଜୟଗାନ କରୁ। ରାଗ, ହିଂସା ଭୁଲି ମଣିଷ ମଣିଷକୁ ଭଲପାଉ ବୋଲି ସମସ୍ତଙ୍କ ନିକଟକୁ ସାହିତ୍ୟ ମାଧ୍ୟମରେ ଏହି ବାର୍ତ୍ତା ଟି ପହଞ୍ଚାଇବାକୁ ଚାହୁଁଛି। ♥



ଏକମାତ୍ର ପୁତ୍ର ଓ ସ୍ୱାମୀଙ୍କ ସହ କବି ଅମ୍ରିତା ସିଂହ...

# ଓପନ୍ ବୁକ୍ ଏକଜାମ୍: ଏକ ତର୍ଜମା

**ଅରୁଣ କୁମାର ତ୍ରିପାଠୀ**

ଓଡ଼ିଶାର ଆଇନ୍ ପରୀକ୍ଷା ପୂର୍ବେ କିମ୍ଭୁତ କୀମାକାର ଢଙ୍ଗରେ ହେଉଥିଲା ଯାହାର ପ୍ରତିଟି ଇଂରାଜି ଅକ୍ଷରକୁ ବ୍ୟଙ୍ଗାତ୍ମକ ଶୈଳୀରେ କୁହାଯାଉଥିଲା ଲୁକ୍ ଏଣ୍ଡ ରାଇଟ୍ । କରୋନା ସମୟରେ ପରୀକ୍ଷା ହେଇପାରୁନଥିଲା , ସମସ୍ତେ ଚିନ୍ତାରେ ଥିଲେ ପରୀକ୍ଷା କିଭଳି କରାଯିବ ଏବଂ ଛୁଆଙ୍କ ଦକ୍ଷତାକୁ କିଭଳି ତଉଲାଯିବ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ଆଇ.ରାମବ୍ରହ୍ମଂ ସେହି ସମୟରେ ଓଡ଼ିଶାର ଶିକ୍ଷା ଜଗତରେ ଗୋଟିଏ ସମ୍ଭାବନା ଦେଖାଇଥିଲେ ଓପନ୍ ବୁକ୍ ଏକ୍ଜାମ୍ ର ।ସେହି କରୋନା କାଳରେ ଦିଲ୍ଲି ବିଶ୍ୱବିଦ୍ୟାଳୟ ଏହାର ଶିକ୍ଷକ ମାନଙ୍କୁ ଦୁଇଯୋଡ଼ା ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ନିମନ୍ତେ ଆଦେଶ ଦେଲେ । ଗୋଟିଏ ପାରମ୍ପରିକ ଶୈଳୀ ନିମିତ୍ତ ଏବଂ ଆଉ ଗୋଟିଏ ଓପନ୍ ବୁକ୍ ଏକ୍ଜାମ୍ ନିମିତ୍ତ । ଯେଉଁମାନଙ୍କ ପାଖରେ ଲାପଟପ୍ ସହ ଇଣ୍ଟରନେଟ୍ ସୁବିଧା ଥିବ ସେମାନଙ୍କ ନିମିତ୍ତ ଓପନ୍ ବୁକ୍ ଏକ୍ଜାମ୍ ତଥା ଯେଉଁମାନଙ୍କ ଅଞ୍ଚଳରେ ସେହି ସୁବିଧା ନଥିବ ସେମାମଙ୍କ ନିମିତ୍ତ ପାରମ୍ପରିକ ଶୈଳୀର ପରୀକ୍ଷା । ଯେଉଁ ସମୟରେ ବିଶ୍ୱବିଦ୍ୟାଳୟର କୁଳପତି ମାନଙ୍କୁ ଏହି ବିଷୟରେ ପ୍ରଶ୍ନ ପଚରାଗଲା, ଉତ୍ତର ମାନ କିଛି ଏହିଭଳି ଥିଲା । ଓପନ୍ ବୁକ୍ ଏକ୍ଜାମ୍ ପ୍ରଶ୍ନପତ୍ରମାନଙ୍କରେ ବୌଦ୍ଧିକତାକୁ ବ୍ୟବହାର କରିବାକୁ ହୁଏ । ବହି ଅବା ଟିପା ଖାତା ଖୋଲିଦେଲେ ସେଥିରୁ ଉତ୍ତର ମିଳେନା । ବିଦ୍ୟାର୍ଥି କେବଳ କିଛି ତଥ୍ୟ ଉତ୍ତର ନିମିତ୍ତ ପାଇବ । ପୁଣି ସମସ୍ତଙ୍କ ପ୍ରଶ୍ନ ଭିନ୍ନ ରହିବ । କେହି କାହାକୁ ପ୍ରେରଣ କରିବାର ସୁଯୋଗ ମଧ ପାଇବେ ନାହିଁ । ଘରେ ବସି ସେମାନେ ନିର୍ଦ୍ଧିଷ୍ଟ ସମୟରେ ଲେଖିସାରି ଉତ୍ତର ଫର୍ଦ୍ଦ ମାନଙ୍କର ଫୋଟ ଉଠେଇ ପରୀକ୍ଷା ନିୟନ୍ତ୍ରକଙ୍କ ମେଲ୍ ରେ ଅବା ହ୍ୱାଟସଅପ ରେ ପଠେଇବେ । ତେବେ ନିକଟରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଏହାର ଦଶମ ଏବଂ ଦ୍ୱାଦଶ ପରୀକ୍ଷା ନିମିତ୍ତ ଓପନ୍ ବୁକ୍ ଏକ୍ଜାମ କରିବା ଚିନ୍ତା କରୁଛି । ଏହି ପରିପ୍ରେକ୍ଷୀରେ ଆଜିର ଆଲୋଚନା , କେତେଦୂର ସୁହାଇବ ଓପନ୍ ବୁକ୍ ଏକ୍ଜାମ୍ ।

ଭାରତରେ ୧୯୩୫ ମସିହାରେ ରବୀନ୍ଦ୍ର ନାଥ ଠାକୁରଙ୍କ ଦ୍ୱାରା ଓପନ୍ ବୁକ୍ ଏକ୍ଜାମ କରାଯାଇଥିଲା, ଯାହାର ନାମ ଥିଲା ଲୋକ ଶିକ୍ଷା ସଂସଦ । କିନ୍ତୁ ବିଭିନ୍ନ କାରଣରୁ ସେୟା ଚାଲିପାରିଲା ନାହିଁ । ବର୍ତ୍ତମାନ ଭାରତରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟ, ପୁନା, କଳିଙ୍ଗ ବିଶ୍ୱବିଦ୍ୟାଳୟ, ରାୟପୁର ତଥା ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ , ପଞ୍ଜାବ ରେ ଏହି ପଦ୍ଧତି ଅନୁସୃତ । ଆମେରିକା ଭଳି ବିକଶିତ ଦେଶରେ ଏହି ପଦ୍ଧତି ଅନେକ ଦିନରୁ ଅନୁସୃତ । ତେବେ କୌଣସି ଦେଶରେ ବିଦ୍ୟାଳୟ ଶିକ୍ଷାରେ ଏହା ଲାଗୁ କରାଯାଇନାହିଁ । ସିବିଏସଇ କହିଛି ଜାତୀୟ ପାଠ୍ୟଖସଡ଼ା ଢାଞ୍ଚାକୁ ଆଖିଆଗରେ ରଖି ଏହି ବ୍ୟବସ୍ଥାକୁ ବିସ୍ତାର କରାଯିବ ।

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ବା ସିବିଏସଇ ଚଳିତ ବର୍ଷ କିଛି ନିର୍ବାଚିତ ସ୍କୁଲ ମାନଙ୍କରେ ନଭେମ୍ବର ଏବଂ ଡିସେମ୍ବର ମାସରେ ନବମ ଏବଂ ଦଶମ ଶ୍ରେଣି ପିଲାଙ୍କ ଇଂଲିସ୍, ଗଣିତ ଏବଂ ବିଜ୍ଞାନ ପରୀକ୍ଷା ପ୍ରାରମ୍ଭିକ ଅଧ୍ୟୟନ ( ପାଇଲଟ୍ ଷ୍ଟଡ଼ି) ଭିତ୍ତିରେ କରେଇବାର ଲକ୍ଷ୍ୟ ସାଧନ କରିଅଛି । ସେହିଭଳି ଏକାଦଶ ଏବଂ ଦ୍ୱାଦଶ ପିଲାଙ୍କ ଇଂଲିସ୍, ଗଣିତ ଏବଂ ଜୀବ ବିଜ୍ଞାନକୁ ମଧ ଅନୁରୂପେ ତଉଲା ଯିବ । ଏହାର ଫଳାଫଳ ଦେଖି ଅନ୍ୟ ସ୍କୁଲ ମାନଙ୍କରେ ଅବା ପୂର୍ଣ୍ଣତଃ ନିୟମ ଲାଗୁକରାଯିବ ।

ଆଜିଯାଏଁ ଯେଉଁସବୁ ପରୀକ୍ଷା ପଦ୍ଧତି ଅବଲମ୍ବନ କରାଯାଇଥିଲା, ସେଥିରେ ମନେରଖିବାକୁ ଗୁରୁତ୍ୱ ଦିଆଯାଉଥିଲା । ବୁଝିବା କଳାକୁ ପ୍ରତ୍ୟକ୍ଷରେ କେବେମଧ ଗୁରୁତ୍ୱ ଦିଆଯାଇନଥିଲା । ପାରମ୍ପରିକ ପରୀକ୍ଷା ଶୈଳୀରେ ବହୁତ ସାରା ଜିନିଷ ମନେ ରଖିବାକୁ ହୁଏ, ଯାହା ପରବର୍ତ୍ତୀ ସମୟରେ ଦୈନନ୍ଦିନ ଅବଶ୍ୟକତା ମାନଙ୍କରେ ଜମା ଆବଶ୍ୟକ ହୁଏ ନାହିଁ । ଓପନ୍ ବୁକ୍ ଏକ୍ଜାମ୍ ଅପରପକ୍ଷରେ ବିଷୟଟି ବୁଝିବା, ବିଷୟଗତ ଜ୍ଞାନର ପ୍ରୟୋଗ କରିବା ଉପରେ ଦୃଷ୍ଟି ଦିଏ । ପୂର୍ଣ୍ଣତଃ ଅବବୋଧ ଉପରେ ଗୁରୁତ୍ୱାରୋପ କରୁଥିବା ଏକ ପ୍ରକ୍ରିୟା, ଛାତ୍ରଛାତ୍ରୀଙ୍କ ମାନସକୁ ଉତ୍ତମ ଭାବେ ତାଲିମ ଦେଇ ବିକଶିତ କରିବ । ଏଥି ନିମିତ୍ତ କିନ୍ତୁ ଉପଯୁକ୍ତ ଶିକ୍ଷକ ନତୁବା ଥିବା ଶିକ୍ଷକ ମାନଙ୍କ ଦକ୍ଷତାକୁ ଉପଯୁକ୍ତ ପୋଷଣ କରାଯିବା ଦରକାର । ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟର ଶିକ୍ଷକ ମାନଙ୍କର ରିଫ୍ରେସର କୋର୍ସ କରାଯିବା ଭଳି ସ୍କୁଲ ଶିକ୍ଷକ ମାନଙ୍କୁ ମଧ ଦିଆଯିବା ଉଚିତ । ପରୀକ୍ଷା ପୂର୍ବରୁ ନତୁବା ମାସିକ, ତ୍ରୈମାସିକ ଅବା ଷାଣ୍ମାସିକ ପରୀକ୍ଷା ମାନଙ୍କୁ ମଧ ସମାନ ଶୈଳୀରେ କରାଯିବା ଦରକାର । ଏମିତିରେ ଯେଉଁ ଲୁଚାଚୋରାରେ ମାଡ଼ ଦିଅଯାଉଛି ସେୟା ମଧ ଲୋପ ପାଇଯିବ । ପୁଣି ଫଳାଫଳ ଘୋଷଣା ପରେ ଯେଉଁ ଆତ୍ମହତ୍ୟାର ସମ୍ଭାବନା କିଛି ବିଦ୍ୟାର୍ଥିଙ୍କ ମରେ ଉଙ୍କି ମାରୁଛି, ସେୟା ମଧ କିଛିକାଂଶରେ କମିଯିବ ।

ଓପନ୍ ବୁକ୍ ଏକ୍ଜାମ୍ ରେ ଗୋଟିଏ ବ୍ୟବସ୍ଥା ରହିଅଛି ଯେ, ଘରେ ରହି ଛୁଆ ପରୀକ୍ଷା ଦେବେ । ଏହିପରି କରାଯାଇପାରିଲେ ଅନେକ ପ୍ରଶାସନିକ ତଥା ଯାତାୟତ ଖର୍ଚ୍ଚ ମଧ ବଞ୍ଚିଯିବ । ଯେଉଁସବୁ ଅନୁଷ୍ଠାନ ମାନେ ଅସାଧୁ ଉପାୟ ଅବଲମ୍ବନ କରି ଅଯୋଗ୍ୟ ମାନଙ୍କୁ ବହୁତ ସାରା ମାର୍କ ଦେଇ ଦେଶର କାନୁମାନଙ୍କୁ କଞ୍ଚାଇଟା ଭରିଦେଉଥିଲେ, ସେମାନଙ୍କ ଅପପ୍ରବେଶରୁ ଦେଶ ମଧ ରକ୍ଷା ପାଇଯିବ । ପୁଣି ସମ୍ଭାବନା ଉପୁଜୁଛି ଯେ ପିତାମାତା ଛୁଆଙ୍କ ନିମିତ୍ତ ପରୀକ୍ଷାରେ ଲେଖିଦେବେ। କିନ୍ତୁ ପିତିମାତାଙ୍କୁ ମଧ ସେଥିନିମିତ୍ତ ପୁରା ବହିଟି ପଢିବାକୁ ହେବ । ଛତୁ ଫୁଟିଲା ଭଳି ଟିଉସନ ଯେଉଁଭଳି ଖୋଲିଯାଉଥିଲା, ତାହାବି କିଛି ମାତ୍ରାରେ ନିୟନ୍ତ୍ରିତ ହେଇପାରିବ ।

ଯଦି ଦେଶରେ ଓପନ୍ ବୁକ୍ ଏକ୍ଜାମ ଲାଗୁ କରାଯାଏ ତେବେ ଛୁଆ ବୁଝି ପାରିବେ ତାଙ୍କ ସହ କ'ଣ ହେଉଛି । ପରୀକ୍ଷା କ'ଣ, ପରୀକ୍ଷାର ଜୀବନରେ ମହତ୍ତ୍ୱ କ'ଣ । ସାଧାରଣତଃ ବିଦ୍ୟାଳୟ ସମୟର ପାଠମାନ କେହି ମନେ ରଖିପାରନ୍ତିନି ନତୁବା ସେହିମଧ୍ୟରେ ଥିବା ନୀତିଶିକ୍ଷାମାନେ ଶରୀରରେ ରକ୍ତର ସୃଜନ ଭଳି ମାନସରେ ଭରିରହେ । କିନ୍ତୁ ଏହି ପରୀକ୍ଷାରେ ପିଲାଙ୍କୁ ଅତି ପାଖରୁ ବିଷୟର



ସାରମର୍ମ ହଜମ କରିବାକୁ ଦିଆଯିବ । ଗୁରୁନିନ୍ଦା କୁଳକ୍ଷୟ ବୋଲି ଯଦିଓ ଶାସ୍ତ୍ରକୁହେ କିନ୍ତୁ ଅନେକ ସ୍ଥାନରେ ବିଭିନ୍ନ କାରଣ ବଶତଃ କିମ୍ଭୂତକିମାକାର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଦେଖିବାକୁ ମିଳେ । ଏହି ବ୍ୟବସ୍ଥାରେ ଯଦି ଉପଯୁକ୍ତ ପରିଚାଳନା ଏବଂ ନିୟନ୍ତ୍ରଣ କରାଯାଇପାରିଲା ତେବେ ସେହି ଅପାରଗ ମାନେ ମଧ ସୁଧୁରିଯିବେ । କୌଣସି ଘଟଣା ସହଜ ଅବା ଗ୍ରହଣୀୟ ହେଇନଥାଏ । ଜୀବନରେ କିଛିଦିନ ତାହା ସହ ବଞ୍ଚିଲେ ସେ ଆପେ ସଂଶ୍ଳିଷ୍ଟ ହେଇଯାଏ ।

♥ ଓ୍ୱିମେନ୍ ଷ୍ଟଡ଼ିଜ୍ ରିସର୍ଚ୍ଚ ସ୍କଲାର
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ) ୯୦୭୮୮୩୮୬୨୭



## ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର

ଚିଠିଟିକୁ ଛାଡ଼ି ଏ ସ୍ତମ୍ଭ ପାଇଁ ଲେଖିବା କଣ ସମ୍ଭବ ? ତଥାପି ଚେଷ୍ଟା କରିଛି ମୋ ସ୍ମୃତିର କୋଷାଗାରରେ ସାଇତି ସାଇତି ରଖିଥିବା ସେହି ପ୍ରିୟ ପାଠକଙ୍କ ଶବ୍ଦକୁ ଯାହା ଅବିକଳ ନହେଲେ ମଧ ଭାବଗତ ଦୃଷ୍ଟିରୁ ସମାଜ ତାକୁ ପରିପ୍ରକାଶ କରିବା ପାଇଁ। ତେଣୁ ଏହାକୁ କୁହାଯାଇପାରେ ସ୍ମୃତିରେ ଥିବା ପ୍ରିୟ ପାଠକ ସ୍ତମ୍ଭ ।

## ପ୍ରିୟ ପାଠକ-୫

# ସେହି ମହାନୁଭବଙ୍କ ନାଆଁଟିକୁ ମଧ ମୁଁ ଇତି ମଧରେ ଭୁଲି ଯାଇଛି

ଆଜିକାଲି ଆଉ ଚିଠି ଆସୁନି । ଏବେ ମୋବାଇଲରେ ମେସେଜ୍ କିମ୍ବା ବାର୍ତ୍ତାଳାପ ନେଇ ଯାଇଛି ଚିଠିର ସ୍ଥାନ । ହେଲେ ଚିଠିର ମାଦକତା କଣ ଅଛି ମୋବାଇଲରେ ?

ହଁ ଚିଠି ଆସୁନି ସତ ହେଲେ ଚିଠି କିଂତୁ ଇତିହାସ ହୋଇ ଯାଇନି । ଏବେ ବି କିଛି କିଛି ପାଠକ ଅଛନ୍ତି ଗପଟିଏ ପଢ଼ି ସାରିବା ପରେ ଚିଠି ଦେଉଛନ୍ତି । ୨୦୨୧ ମସିହା ସମ୍ବାଦ ବିଶେଷାଂକରେ ପ୍ରକାଶିତ ମୋର ଗଳ୍ପ 'ସ୍ଥାୟୀ ଠିକଣା' ପାଇଁ ବହୁତ ଟେଲିଫୋନ୍ କଲ୍ ପାଇଥିଲି । ସେ ଟେଲିଫୋନ୍ କଲଗୁଡ଼ିକ ପ୍ରାୟତଃ ଥିଲା ଲେଖାଲେଖି ଜଗତ ସହ ସଂପର୍କିତ ନଥିବା ଲୋକମାନଙ୍କର ଯାହାଙ୍କୁ ନିରୁତା ପାଠକ କୁହାଯାଇ ପାରେ । ତାହା ପୁଣି ଆମର ତଥାକଥିତ ସହରାଂଚଳରେ ପାଠକ ମାନଙ୍କ ପାଖରୁ ନୁହେଁ ନିହାତି ଗ୍ରାମାଂଚଳରୁ । ଟେଲିଫୋନ୍‌କୁ ଛାଡ଼ି ଗୋଟିଏ ଇନ୍‌ଲ୍ୟାଣ୍ଡ ଲେଟରରେ ଚିଠିଟିଏ ଥିଲା ସେ ଗଳ୍ପ ପାଇଁ। ମୋର ଦୁର୍ଭାଗ୍ୟ ଯେ ଘର ବଦଳାଇଲା ବେଳେ ବୋଧହୁଏ ପୁରୁଣା କାଗଜ ସହ ମୋର ସମସ୍ତ ଚିଠି ଚାଲି ଯାଇଛି । ପାଠକୀୟ ମତାମତ ଚିଠି ସବୁକୁ ମୁଁ ଦରାଣ୍ଡି ସାରିଲିଣି ବହୁବାର । ମୁଦି ହଜିଲେ ଦହିହାଣ୍ଡି ଅଣ୍ଡାଳିବା ପରି ସବୁ ସ୍ଥାନ ଦରାଣ୍ଡି ସାରିଲିଣି । ମାତ୍ର ନିରାଶ ହେଲି । ++

ଚିଠିଟି କୌଣସି ଗ୍ରାମାଞ୍ଚଳ ପାଠକଙ୍କର ନଥିଲା । ଥିଲା ଭୁବନେଶ୍ୱର ଜାଗମରାରେ ଘର କରି ରହୁଥିବା ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କର । ତାଙ୍କ ଠିକଣାରେ ଅବଶ୍ୟ ସେ ଏକଥା ଲେଖି ନଥିଲେ । ମାତ୍ର ଚିଠିଟି ପାଇ ତାଙ୍କୁ କୃତଜ୍ଞତା ଜଣାଇବାକୁ ମୁଁ ଯେତେବେଳେ ତାଙ୍କର ପ୍ରଦତ୍ତ ଟେଲିଫୋନ୍ ନମ୍ବରରେ ଯୋଗାଯୋଗ କଲି ତାଙ୍କ ବିଷୟରେ ଜାଣିବାର ସୁଯୋଗ ପାଇଲି । ମାତ୍ର ତିନିବର୍ଷ ତଳରେ ଥରେ ମାତ୍ର ବାର୍ତ୍ତାଳାପ କରିଥିବା ସେହି ମହାନୁଭବଙ୍କ ନାଆଁଟିକୁ ମଧ ମୁଁ ଇତି ମଧରେ ଭୁଲି ଯାଇଛି ।

ଚିଠିଟିରେ ସେ ମୋର ଗଳ୍ପଟିକୁ ପ୍ରଶଂସା କରି ଲେଖିଥିଲେ ବୋଲି ଚିଠି ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା । କାରଣ ସେ ଗପଟି ବହୁପାଠକଙ୍କ ଭଲ ଲାଗିଛି ବୋଲି ତ ସରଳା ଦାସଙ୍କ ଦ୍ୱାରା ସଂପାଦିତ ୨୦୨୧ ମସିହାର ଶ୍ରେଷ୍ଠ ଗଳ୍ପ ମଧରେ ତାହା ସ୍ଥାନ ପାଇଛି । ମାତ୍ର ଚିଠିଟିର ବିଶେଷତ୍ୱ ଏଇଥି ପାଇଁ ଥିଲା ଯେ ସେହି ବରିଷ୍ଠ ପ୍ରଶାସନିକ ଅଧିକାରୀ ଜଣକ ଗଳ୍ପଟି ପଢ଼ି ସାରିବା ପରେ ନେଇଥିବା ବ୍ୟକ୍ତିଗତ ନିଷ୍ପତ୍ତିଟି ।

ଚିଠିଟିକୁ ଛାଡ଼ି ଏ ସ୍ତମ୍ଭ ପାଇଁ ଲେଖିବା କଣ ସମ୍ଭବ ? ତଥାପି ଚେଷ୍ଟା କରିଛି ମୋ ସ୍ମୃତିର କୋଷାଗାରରେ ସାଇତି ସାଇତି ରଖିଥିବା ସେହି ପ୍ରିୟ ପାଠକଙ୍କ ଶବ୍ଦକୁ ଯାହା ଅବିକଳ ନହେଲେ ମଧ ଭାବଗତ ଦୃଷ୍ଟିରୁ ସମାଜ ତାକୁ ପରିପ୍ରକାଶ କରିବା ପାଇଁ। ତେଣୁ ଏହାକୁ କୁହାଯାଇପାରେ ସ୍ମୃତିରେ ଥିବା ପ୍ରିୟ ପାଠକ ସ୍ତମ୍ଭ ।


ଗାଆଁରେ ଦୁଇ ଏକର ପରିମିତ ଖାନାବାଡ଼ି ଉପରେ ତାଙ୍କର ଘର । ବାଡ଼ିରେ ଆମ୍ବ, ପଣସ, ନଡ଼ିଆ, କୋଳି ଇତ୍ୟାଦି ଯାବତୀୟ ଗଛ । ବାଡ଼ିରେ ବି ଅଛି ଟୁବି ଗଡ଼ିଆଟିଏ । ଗାଆଁ ବି ତାଙ୍କର କେଉଁ ଉପାନ୍ତ କିମ୍ବା ଅଗମ୍ୟ ଅଞ୍ଚଳରେ ନୁହଁ । ଖୋର୍ଦ୍ଧା ସହରଠାରୁ ମାତ୍ର ଅଳ୍ପ କେତେ କିଲୋମିଟର ଦୂରତ୍ୱରେ । ଅଥଚ ଭୁବନେଶ୍ୱରରେ ରହିବାର ମୋହରେ ମାତ୍ର ଦୁଇହଜାର ବର୍ଗଫୁଟ ଜମି ଉପରେ ତୋଳିଛନ୍ତି ଘର । ନା ଜାଗା ଅଛି ଫୁଲ ଗଛଟିଏ ଲଗାଇବାକୁ । ପିଲାମାନଙ୍କର ପାଠପଢ଼ା ଥିଲା ଭୁବନେଶ୍ୱରରେ । ସରକାରୀ ଚାକିରିରେ ବଦଳି ତ ହେବ । ତେଣୁ ସେମାନଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ନକରିବାକୁ ଭୁବନେଶ୍ୱରରେ ଘରଟିଏ କରିଥିଲେ । ଏବେ ପିଲାମାନେ ପାଠଶାଠ ପଢ଼ିସାରି ଚାକିରି ସୂତ୍ରରେ ବାହାରେ । ସେମାନେ ବାଧ କରିଥିଲେ ବାପ ମାଆ ଭୁବନେଶ୍ୱରରେ ରୁହନ୍ତୁ କାରଣ ଏଠାରେ ଡାକ୍ତରଖାନା ସୁବିଧା ଏବଂ ସେମାନେ ବି ଯେତେବେଳେ ଚାହିଁବେ ସିଧା ବିମାନରେ ଆସି ଭୁବନେଶ୍ୱରରେ ପହଞ୍ଚି ପାରିବେ । ପିଲାଂକ କଥା ମାନି ହେଉ ଅବା ଦୀର୍ଘଦୀନ ହେବ ଗାଆଁ ଛାଡ଼ିଥିବା ଯୋଗୁ ଏବେ ପରିଣତ ବୟସରେ ଗାଆଁକୁ ଯାଇ ଚଳି ହେବ କି ନହେବ ଭୟ ଯୋଗୁ ସେମାନେ ଭୁବନେଶ୍ୱରରେ ରହିଯାଇଥିଲେ ।

କଥାଟି ସେଇଠି ସରିଥାଆନ୍ତା, ମାତ୍ର ତାଙ୍କର ପରବର୍ତ୍ତି କଥାଟି ଥିଲା ଗୁରୁତ୍ୱପୂର୍ଣ୍ଣ । ସେ କହିଲେ ଆପଣଂକ ଗପଟି ପଢ଼ି ସାରିବା ପରେ ମୁଁ ଏବେ ନିଷ୍ପତ୍ତି ନେଇଛି ଫେରିଯିବି ଗାଆଁକୁ । ଗାଆଁ ହେବ ଏବେ ମୋର ସ୍ଥାୟୀ ଠିକଣା ।

ସେ ଗାଆଁକୁ ସତରେ ଫେରିଗଲେ କି ନାହିଁ ମୁଁ ଜାଣେନା । କାରଣ ବହୁତ ସମୟରେ ଭାବାବେଗରେ ନିଆ ଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବା ସମୟରେ ବହୁତ ପ୍ରକାରର ପ୍ରତିବନ୍ଧକ ମଧ ଆସିଥାଏ। ତେବେ ସେ ଯାହାବି ହେଉ ସାମୟିକ ଭାବେ ହେଉ ପଛେ ଭାବାନ୍ତର ସୃଷ୍ଟି କରି ତାଙ୍କୁ ଗାଆଁକୁ ଫେରିଯିବାକୁ ପ୍ରେରିତ କରିଥିବା ଏବଂ ଏ ବିଷୟରେ ମୋତେ ଚିଠି ଲେଖି ପ୍ରଶଂସା କରିଥିବା ସେହି ବରିଷ୍ଠ ପ୍ରଶାସକ ଜଣଙ୍କର ଚିଠି ମୋ ପାଇଁ ଏକ ପ୍ରିୟ ପାଠକୀୟ ଚିଠି- ଏବେ ମିଳୁ କି ନମିଳୁ ।

ଦୈବାତ୍ ଯଦି ସେ ମୋର ଏ ଆଲେଖ୍ୟଟି ପଢ଼ନ୍ତି, ତେବେ ତାଙ୍କୁ ମୋର ବିନମ୍ର ଅନୁରୋଧ ରହିବ ଆଉ ଗୋଟେ ଚିଠି ଦେବାକୁ । ଏଥର କିଂତୁ ମୁଁ ତାଂକ ଚିଠିକୁ ଆଦୌ ହଜାଇବି ନାହିଁ, ଏ ପ୍ରତିଶ୍ରୁତି ଦେଉଛି ।

> ତେବେ ସେ ଯାହାବି ହେଉ ସାମୟିକ ଭାବେ ହେଉ ପଛେ ଭାବାନ୍ତର ସୃଷ୍ଟି କରି ତାଙ୍କୁ ଗାଆଁକୁ ଫେରିଯିବାକୁ ପ୍ରେରିତ କରିଥିବା ଏବଂ ଏ ବିଷୟରେ ମୋତେ ଚିଠି ଲେଖି ପ୍ରଶଂସା କରିଥିବା ସେହି ବରିଷ୍ଠ ପ୍ରଶାସକ ଜଣଙ୍କର ଚିଠି ମୋ ପାଇଁ ଏକ ପ୍ରିୟ୍ ପାଠକୀୟ୍ ଚିଠି- ଏବେ ମିଳୁ କି ନମିଳୁ ।



## ପ୍ରିୟ ପାଠକ:


---

ଗୋଟେ ଅନୁବାଦ ଗପ...

# ଅନ୍ଦର କି ବାତ୍

ମୂଳ ହିନ୍ଦୀ : ପ୍ରଫୁଲ୍ଲ ଅତ୍ରେ

ଅନୁସୃଜନ : ଇଂ. ପ୍ରଶାନ୍ତ ଦତ୍ତ



ଉପରଓଳି ପ୍ରାୟ ତିନିଟା ବେଳେ ବାସନ୍ତୀର ଫୋନ୍ ପାଇଲି । ବାସନ୍ତୀ କହିଲା, ଦେଖ; ମୁଁ 'ହାଫ୍ ଡ଼େ' ପାଉନି । ଅଫିସରେ ଆଜି ଅନେକ ଲୋକ ଛୁଟିରେ ଅଛନ୍ତି । ଏବେ କଣ କରିବ କୁହ ? କେମିତିକା କଅଣ ହବ ?

- ହବ, ହବ । ସବୁ ହବ । ମୁଁ ଛୁଟି ନେଇ ଘରକୁ ଯାଉଚି । ଯାଇ ଯୋଗାଡ଼ ଯନ୍ତ କରୁଛି । ତୁମ ଛୁଟି ପରେ ଯେତେ ଶୀଘ୍ର ପାରିବ ଚାଲି ଆସ ।

- ମିଛଟାରେ ତୁମକୁ କଷ୍ଟ କରିବାକୁ ପଡ଼ିଲା ।

- ଆରେ ବାବା ଏଥିରେ କଷ୍ଟ କରିବାର କଣ ଅଛି ? ବରଂ ଏଥିରେ ମୋ ହାତରନ୍ଧା ରୋଷେଇ ସମସ୍ତେ ଚାଖିବେ । ନୁହେଁ ?

- ଠିକ୍ ଅଛି । କହି ବାସନ୍ତୀ ଫୋନ୍ ଛାଡ଼ିଲା ।

ମୁଁ ଦି'ଘଣ୍ଟା ଆଗରୁ ବସ୍‌ଙ୍କୁ କହି ଛୁଟି ନେଇ ଆସିଲି । ଅଫିସରୁ ବାହାରି ଆସିଲି ଶାନ୍ତ ପଦକ୍ଷେପରେ । ମୋ ବଦଳରେ ଆଉ କେହି ହେଲେ ନାନା ଭାବନା-ଚିନ୍ତାରେ ମୁହଁ ଶୁଖି ଯାଆନ୍ତା ।

ଅସଲ କଥା ହେଲା ମୁଁ କେତେଜଣ ବନ୍ଧୁଙ୍କୁ ପତ୍ନୀଙ୍କ ସହ ଖାଇବାକୁ ନିମନ୍ତ୍ରଣ କରିଥିଲି । ମୋର ବାହାଘର ବାବଦକୁ ସେମାନଙ୍କର ପାର୍ଟିଟା ପାଉଣା ଥିଲା । ଅବଶ୍ୟ ଅଫିସ୍ ଷ୍ଟାଫ୍‌ମାନଙ୍କୁ ମୁଁ ମୋର ରିସେପ୍‌ସନ୍‌ରେ ଡ଼ାକିଥିଲି । ଏମାନେ କେଇଜଣ ଅଲଗା ଭାବେ ଆସିବାକୁ ଚାହିଁଥିଲେ । ସେଇଥିପାଇଁ ଆଜି ଟାଇମ୍ ଠିକ୍ କରି ସେମାନଙ୍କୁ ଡ଼ାକିଥିଲି । ଆଉ ସ୍ଥିର ହେଇଥିଲା ବାସନ୍ତୀ ଛୁଟୀ ନେଇ ଆଗ ଘରକୁ ଆସି ରୋଷେଇ ବାସ କରିବ ।

କିନ୍ତୁ ଠିକ୍ ଅଫିସ୍‌ରୁ ବାହାରି ପାରିଲାନି । ବେଳପ୍ରାୟ ତିନିଟା ବାଜିଲାଣି । ଏତେଗୁଡ଼ାଏ ଲୋକଙ୍କ ଖାଇବା ଆୟୋଜନ କରିବା କମ୍ ଝାମେଲା ନୁହେଁ । ତଥାପି ଭିତରେ ଭିତରେ ମୁଁ ଶାନ୍ତ ଆଉ ନିରୁଦ୍ବେଗ ଥିଲି । ଜାଣିଥିଲି, ମୁଁ ଘରେ ପହଞ୍ଚିବା ପୂର୍ବରୁ ସବୁ ବ୍ୟବସ୍ଥା ହୋଇଯିବ । ହେଲା ବି ସେଇଆ । ଘର ଦୁଆର ମୁହଁରେ ପହଞ୍ଚିଲା ବେଳକୁ ମୋ ନାକରେ ବାଜିଲା ପୋଲାଉ, ଫୁଲକୋବି ତରକାରୀ, ପୁରୀ ଛାଣିବାର ସୁମିଷ୍ଟ ସୁଗନ୍ଧ । ମନେମନେ ଭାବିଲି, ବାଃ ! ରୋଷେଇଆଣୀର ରୋଷେଇ ଭଲ ଜୋର୍‌ରେ ଚାଲିଚି ।

ଏଥର ନିଶ୍ଚୟ ପ୍ରଶ୍ନ ଉଠିବ, ତୁମର ଘର ଦୁଆର ବନ୍ଦ, ଚାବି ପଡ଼ିଛି । ଅଥଚ ରୋଷେଇ ବାସ ନା ଘର ଭିତରୁ କେମିତି ଆସିଲା ? ପୁଣି ରୋଷେଇଆଣୀ !! କଣ ଘଟଣା ?

ନା । କୌଣସି ଗୋଳମାଳ ନାହିଁ । ତେବେ 'ଅନ୍ଦର-କା-ବାତ୍' କେବଳ ମୁଁ ଜାଣେ । ଯଥାଯଥ ତାଲାଖୋଲି ଘରେ ପ୍ରବେଶ କଲି । ପ୍ରଥମେ କିଚେନକୁ ଗଲି । ଡ଼ାଇନିଂ ଟେବୁଲରେ ସୁନ୍ଦର ଭାବେ ସଜାହୋଇ ରହିଚି ଭାତ, ତରକାରୀ ଇତ୍ୟାଦି । ଆପଣମାନେ କହିବେ ଏଇଟା କେମିତି ସମ୍ଭବ ? ତ, ଯାର ଉତ୍ତର ମତେ ଜଣା ନାହିଁ । ତେବେ ମୋ ବାହାଘର ପୂର୍ବରୁ ଗଲା ତିନିବର୍ଷ ହେଲା ଏମିତି ଚାଲିଛି ।

ଅଫିସ୍ ଛୁଟି ପରେ ଘରକୁ ଯାଇ ମୋର କେବଳ ଭାବିବା କଥା ମୁଁ କଣ ଖାଇବି । ଆଜି ଗରମ ପିଆଜ ଛଣା ସହ 'ପୋହା' ଖାଇବାକୁ ଇଚ୍ଛା ହେଲା, ଘରେ ଯାଇ ଦେଖିବି ମୋ ଟେବୁଲ ଉପରେ ମୋର ଇପ୍‌ସିତା ଖାଦ୍ୟ ଥୁଆ ହୋଇଚି । ଏମିତି ପ୍ରାୟ ହୁଏ । ପ୍ରାୟ ସବୁ ଦିନ । କେଉଁ ଦିନ ଖେଚିଡ଼ି, କେଉଁଦିନ ହାଲୁଆ, କେଉଁ ଦିନ ପିଆଜି, ଆଳୁଚପ୍ । ଘଟଣାଟା ଅବଶ୍ୟ ବହୁତ୍ ମଜାର । ମୋର କୌଣସି ଅଫିସ ବନ୍ଧୁ ଯଦି ଆସିଯାଆନ୍ତି, ସେମାନେ ଭାବନ୍ତି ମୁଁ ସବୁ ରୋଷେଇ କରିଛି ଅଥବା ଯୋଗାଡ଼ କରିଛି । ସେମାନେ ମୋର ରନ୍ଧନ ପଟୁତ୍ୱର ପ୍ରଶଂସା କରନ୍ତି । ଆଉ ମୁଁ ମନେ ମନେ ଭାବେ, ମୋର ଯେଉଁ ଝିଅ ସହ ବାହାଘର ହବ ସେ ରୋଷେଇ ନ ଜାଣିଲେ ବି ଚଳିବ ।

ମୋ ବାହାଘର ପରେ ମୋ ଶ୍ୱଶୁର ଘରେ ମଧ ମୋ ରୋଷେଇ ଖବର ପହଞ୍ଚିଯାଇଛି । ବାସନ୍ତୀ ପ୍ରଥମ ପ୍ରଥମ ପଚାରୁଥିଲା- କେମିତି ଏତେ ସୁନ୍ଦର ରୋଷେଇ ତମେ ଶିଖିଲ ?

ମୁଁ ହସିଦେଇ ସାଇଡ଼୍ କାଟେ ଉତ୍ତର ନଦେଇ । ଏଥର ଅବଶ୍ୟ ଆପଣ ପଚାରିବେ ତା ହେଲେ ତମ ରୋଷେଇଟା କିଏ କରିନିଏ ? ଆପେ ଆପେ କଣ ହେଇଯାଏ ?

ଶୁଣିବେ ତାହେଲେ ? ଟିକିଏ ଧୈର୍ଯ୍ୟ ଧରି ବସନ୍ତୁ । ମୋର ପିଲାଦିନର ଗପଟେ କହେଁ । ଆମ ସ୍କୁଲରେ ଯାଦୁ ପ୍ରଦର୍ଶନୀ ହେଉଥିଲା । ଏ ଖେଳ ସେ ଖେଳ ଦେଖଉ ଦେଖୁ ଯାଦୁକର ତାଙ୍କ ବେଗ୍‌ରୁ ଗୋଟାଏ ବାକ୍ସ ବାହାର କରି ଷ୍ଟେଜ୍‌ରେ ଟେବୁଲ୍ ଉପରେ ରଖିଲେ । ତିନୋଟି ପିଲାଙ୍କୁ ଡ଼ାକିଲେ ଷ୍ଟେଜ୍ ଉପରକୁ । ତାଙ୍କ ଭିତରେ ମୁଁ ଥିଲି ଜଣେ ।

ଯାଦୁକର ମତେ ପଚାରିଲେ- ତୁ କଣ ଖାଇବାକୁ ଚାହୁଁ କହ ?

ମୁଁ ଚଟାପଟ କହିଲି- ଜିଲିପି ଖାଇବି । ଯାଦୁକର ଯାଦୁ ବାକ୍‌ସ ଭିତରୁ ତିନୋଟି ଜିଲିପି ବାହାର କରି ମୋ ହାତରେ ଦେଲେ ।

- ମିଠା ଖାଇଲୁ । ଏଥର କହ, ତେଲଭଜା କୋଉଟା ତୋ ପସନ୍ଦ ?

- ଆଳୁଚପ୍, ମୁଁ କହିଲି ।

ଯାଦୁକର ତତ୍‌କ୍ଷଣାତ୍ ବାକ୍ସରୁ ଆଳୁଚପ୍ କାଢ଼ି ମୋ ହାତରେ ଦେଲେ । ଏମିତିକା ଗୋଟେ ଯାଦୁ ବାକ୍ସ ଯଦି ଆମେ ପାଇ ଯାଉଁ ତେବେ ସାରାଜୀବନ ଧରି ଯେତେବେଳେ ଯାହା ଚାହିଁବୁ ସେତେବେଳେ ସେଇଆ ଖାଇପାରିବୁ । କି ମଜା ହବ ?

ଆପଣମାନଙ୍କର ପ୍ରଶ୍ନର ଉତ୍ତର ପାଇନାହାନ୍ତି ? ତେବେ ଆଉ ଗୋଟାଏ ଗପ କହୁଚି । ଏଇଟା ସତ୍ୟ ଘଟଣା । ଏଇ ଗପଟା କହିଲେ ଆପଣମାନେ ପ୍ରଶ୍ନର ଉତ୍ତରଟା ପାଇଯିବେ ।

ତିନିବର୍ଷ ତଳର କଥା । ମୋ ବାହାଘର ପୂର୍ବରୁ । ଅଫିସ୍ ଛୁଟି ପରେ ମୁଁ ବସ୍‌ରେ ଘରକୁ ଫେରୁଥିଲି । ହଠାତ୍ ବସ୍ ଚକା ପଙ୍କଚର ହୋଇଗଲା । ଅନ୍ୟାନ୍ୟ ସବୁ ଯାତ୍ରୀଙ୍କ ସହ ମୁଁ ମଧ ତଳକୁ ଓହ୍ଲାଇ ପଡ଼ିଲି । ଅନ୍ୟ ବସ୍ ଆସିବାକୁ ଅପେକ୍ଷା କଲି । କିନ୍ତୁ ଯେତେସବୁ ବସ୍ ଆସିଲା ପ୍ରଚଣ୍ଡ ଭିଡ଼ । ଯେଉଁ ବସ୍‌ରୁ ଓହ୍ଲେଇଲି ସେଇ ବସ୍‌ରେ ମୁଁ ବସିବାକୁ ଜାଗା ପାଇଥିଲି । ଏଥର ବୋଧହୁଏ ଠିଆହୋଇ କିମ୍ବା ଝୁଲିଝୁଲି ଯିବାକୁ ହେବ ।

ଏତିକିବେଳେ ମୋ ନାକରେ ତେଲର ବାସନା ବାଜିଲା । ମୁଁ ଏ ପଟ ସେପଟକୁ ଅନାଇ ନଜର କଲି ଗୋଟାଏ ତେଲକଳ ସାମନାରେ ଆମେ ଛିଡ଼ା ହେଉଛୁ । ଆମ ବସ୍‌ଟା ପଙ୍କଚର ହୋଇଚି ତେଲକଳ ସାମନାରେ ।

ତେଲକଳ ସାମନାରେ ନାନା ବିଜ୍ଞାପନ ଅଙ୍କା ହେଉଚି । ସମୟ କଟେଇବା ପାଇଁ ମୁଁ ସେଇ ବିଜ୍ଞାପନ ଗୁଡ଼ାକ ଦେଖିବାକୁ ଲାଗିଲି । ଦେଖୁ ଦେଖୁ ଗୋଟାଏ 'ପୋଟ୍ରେଟ' ଆକାରର ବିଜ୍ଞାପନ ସାମ୍ନାରେ ଠିଆହେଲି । ବାଃ ! ଚମତ୍କାର !! ଅପୂର୍ବ !!

ବିଜ୍ଞାପନରେ ଗୃହିଣୀ 'ତୃପ୍ତି ରିଫାଇନ୍' ତେଲରେ ଜିଲିପି ଭାଜୁଛନ୍ତି । ରୋଷେଇ ଘରେ ଗ୍ୟାସ୍ ଚୁଲି । ଚୁଲି ଉପରେ କଡ଼େଇ । ହଳଦୀ ରଂଗର ରସାଳ ଜିଲିପି ହାତରେ ଧରି ଗୃହିଣୀ କହୁଚନ୍ତି- କି ! କେମିତି ହେଇଚି ?

ବିଜ୍ଞାପନଟା ମତେ ଖୁବ୍ ଭଲ ଲାଗିଲା । ଅସଲ କଥା ହେଲା ଏମିତିକା ଜିଲିପି ଉପରୁ ମୁଁ ଆଖି ଫେରାଇ ପାରୁନ ଥିଲି । ଚାଲି ଆସି ପାରୁ ନ ଥିଲି । ସେଇଥି ପାଇଁ ମୋ ଅଜାଣତରେ ମୋ ମୁହଁରୁ ବାହାର ଆସିଲା- ବାଃ !! କି ଚମତ୍କାର !!!

- କି ସୁନ୍ଦର ? ଜିଲିପି ??

ପ୍ରଶ୍ନଟି ଶୁଣି ମୁଁ ଚମକି ପଡ଼ିଲି । ପଛକୁ ଅନେଇଲି । କେହି ନାହିଁ ମୋ ଆଖେ ପାଖେ । ତାହେଲେ ପ୍ରଶ୍ନଟି କଲା କିଏ ? ନା ମୁଁ ଭୁଲ୍ ଶୁଣିଛି ।

କଣ ! ବଢ଼ିଆ ହେଇଚି । ପସନ୍ଦ ହେଇଚି ? ପୁଣି ସେଇ ପ୍ରଶ୍ନ ।

ଏଥର ସତକୁ ସତ ମୁଁ ଘାବରେଇ ଗଲି । ଏ କି ଗୋଲମାଲିଆ କଥା ? କିଏ କହୁଚି ଏମିତି ? ଏଠାରୁ ଚାଲିଯିବା ଭଲରେ ବାବା ! ମୁଁ ଚାଲି ଆସିବା ପାଇଁ ପାଦ ବଢ଼େଇଲି ।

ମୁଁ ଆସିବି ନା କଣ ଆପଣଙ୍କ ସହ ? ପୁଣି ପ୍ରଶ୍ନ !!

ମୁଁ ଚାଲୁ ଚାଲୁ ବିଜ୍ଞାପନର ସେଇ ମହିଳାଙ୍କ ଆଡ଼କୁ ଅନେଇଲି । ବିଜ୍ଞାପନର ସେଇ ମହିଳାହିଁ ବେକ ଭାଙ୍ଗି ମତେ ଡ଼ାକୁଥିଲା । ଟିକିଏ ସାହସ ସଞ୍ଚୟ କରି ପଛକୁ ଫେରି ଅନେଇଲି ।

- ଆପଣଙ୍କ ସାଙ୍ଗରେ ଆସିବି ଆଜ୍ଞା ?


- ହଁ ଆସନ୍ତୁ ନା । ଅସାବଧାନତା ବଶତଃ ମୋ ମୁହଁ ଦେଇ ବାହାରି ଗଲା । ଏ, ମୁଁ କଅଣ କରି ପକେଇଲି ? ମୋତେ ବହୁତ ଲାଜ ଲାଗିଲା । ଅପସୋସ ହେଲା । ମୁଁ ପ୍ରାୟ ଦୌଡ଼ି ପଳେଇ ଆସିଲି ସେଠାରୁ । ଅଟୋରିକ୍ସାଟେ ଧରି ଘରକୁ ଫେରିଲି । ଘରେ ପଶି ଦୁଆରବନ୍ଦ କରି ଦୀର୍ଘଶ୍ୱାସ ଛାଡ଼ିଲି ।

ଟିକିଏ ପରେ ମୋ ରୋଷେଇ ଘରକୁ ପଶି ଯାହା ଦେଖିଲି ସେଥିରେ ମୋର ନିଜ ଆଖିକି ମଧ ବିଶ୍ୱାସ କରି ପାରିଲି ନାହିଁ । ମୋ ଟେବୁଲ ଉପରେ କି ସୁନ୍ଦର ଭାବେ ଗୋଟାଏ ପରେ ଗୋଟାଏ ସଜେଇ ରଖା ହେଇଚି ଉପରକୁ ଉପରକୁ ଗରମ ଜିଲିପି । ତା' ପାଖରେ ବଡ଼ ତାଟିଆରେ ଆଳୁଚପ୍ ।

ମୁଁ ଆଉକିଛି ନ ଭାବି ସେଇଗୁଡ଼ା ଉପରେ ହାମୁଡ଼ି ପଡ଼ିଲି । କି ଚମତ୍କାର ସ୍ୱାଦୁ !! କିଛି ସମୟ ପରେ ମୁଁ ଦୋକାନକୁ ଗଲି । ତୃପ୍ତି ରିଫାଇନର ଗୋଟାଏ ଛୋଟ ପ୍ୟାକେଟ କିଣି ଆଣିଲି । ମଜାର କଥା, ଟିଣ ଦେହରେ ବିଜ୍ଞାପନର ଗୃହିଣୀ ଥିଲେ । ସେ ମତେ ପ୍ରଶ୍ନ କଲେ- କଣ, ଖାଦ୍ୟ ପସନ୍ଦ ହୋଇଚି ?

- ହଁ, ଫାଷ୍ଟ କ୍ଲାସ, ମୁଁ ଉତ୍‌ଫୁଲ୍ଲ ହୋଇ କହିଲି ।

ଆଉ ସେଇଦିନ ପାଖରୁ ମୋର ରାତିର ରୋଷେଇ ଝାମେଲା ତୁଟିଗଲା । ଅଫିସରୁ ଘରକୁ ଫେରିବା ବେଳକୁ ମୋ ପସନ୍ଦ ମୁତାବକ ରୋଷେଇ ତିଆରି ହୋଇ ଟେବୁଲ ଉପରେ ରହି ଯାଉଥିଲା ।



ଅନ୍ୟ କେହି ହେଲେ ବୋଧହୁଏ ଏମିତିକା କାଣ୍ଡକାରଖାନା ଦେଖି ଘାବୁଡ଼ି ଯାଆନ୍ତି । ହୁଏତ ଭୂତ କାରବାର ଭାବି ଘରଦ୍ୱାରା ଛାଡ଼ି ପଳାନ୍ତା । ମୁଁ କିନ୍ତୁ କିଛି ସେସବୁ ନଭାବି ଘଟଣାକୁ ସହଜରେ ଗ୍ରହଣ କରି ନେଇଥିଲି । ଏଥିରେ ଏତେ ଡ଼ରିବାର କଅଣ ଅଛି ? ମୁଁ ତ ବରଂ ମହାଖୁସି ।

ଯା'ପରେ ଏକଦା ବାହାହେଲି । ମୋ ସ୍ତ୍ରୀ ବାସନ୍ତୀ ଆଗରୁ ହିଁ ବ୍ୟାଙ୍କ ଚାକିରିଆ । ସଂଜରେ ଘରକୁ ଫେରେ, ମୋର ବହୁତ ପରେ । ଯାହା ଫଳରେ ସେଇ 'ଅନ୍ଦର-କି-ବାତ' ତାର ଅଗୋଚରରେ ରହିଗଲା ।

ବରଂ ମୋର ସୁସ୍ୱାଦୁ ରନ୍ଧନ ହାତ ନୈପୁଣ୍ୟ ଦେଖି ସେ ଖୁବ୍ ଆନନ୍ଦିତ ।

ଆଶାକରେ, ଏଥର ଆପଣ ପ୍ରଶ୍ନର ଉତ୍ତରଟି ପାଇଯାଇଛନ୍ତି । ପିଲାଦିନେ 'ଯାହା ଚାହେଁ- ତାହା ପାଇବି' ମେଜିକ୍ ବାକ୍ସଟା ଅବଶ୍ୟ ମୋ ହାତକୁ ଆସିନି । ତେବେ ସେଇ ଯାଦୁକାରୀ ଠାରୁ ଯାଦୁରେ ଚମତ୍କାର ସେଇ ଅକଳ୍ପନୀୟ ଘଟଣାର ଅଭିଜ୍ଞତା ପାଇଛି । ଆଉ ସେଇଥି ପାଇଁ ମୋ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ମୁଁ ନିଶ୍ଚିନ୍ତ ଓ ସ୍ଥିର ମନରେ ରହିଚି । ବାସନ୍ତୀ ବ୍ୟାଙ୍କରୁ ଛୁଟି ନପାଇଲେ ମଧ କୌଣସି ଅସୁବିଧା ହବା କଥା ନୁହେଁ ।

ଯଥା ସମୟରେ ସେଇ ରକମ ବ୍ୟବସ୍ଥା ହେଲା । ମୁଁ କେବଳ ବାସନ୍ତୀ ଓ ବନ୍ଧୁମାନଙ୍କ ଆସିବା ଅପେକ୍ଷାରେ ସମୟ ଗଣିବାକୁ ଲାଗିଲି ।

ଏକଦା ଅଫିସରୁ ଘରକୁ ଫେରି ଗୋଟାଏ ଲଫାପା ପାଇଲି । ନୀଳାଭ ରଂଗୀନ ଖୋଳ । ଆସିଛି 'ତୃପ୍ତି ରିଫାଇନ୍'ରୁ । ପୁଣି କଣ ଖବରରେ ବାବା !! ଖୋଳ ମୁହଁ ଚିରି ଚିଠିବାହାର କଲି । ଚିଠି ତଳେ 'ତୃପ୍ତି ରିଫାଇନ୍'ର ମେନେଜିଂ ଡ଼ାଇରେକ୍ଟରଙ୍କ ଦସ୍ତଖତ । ସେମାନେ ମତେ ଅଫିସରେ ଦେଖା କରିବାକୁ ଡ଼ାକିଥାନ୍ତି । ସାମାନ୍ୟ ଆଶ୍ଚର୍ଯ୍ୟ ହେଲି ଅବଶ୍ୟ । କାରଣ ସେହି କମ୍ପାନୀ ସହ ମୋର କୌଣସି ସମ୍ପର୍କ ନାହିଁ । ଯୋଗାଯୋଗ ମଧ ନାହିଁ ।

ପରିଦିନ ଚିଠିର ଉଲ୍ଲିଖିତ ସମୟରେ ମୁଁ ଅଏଲ ମିଲ୍‌ର ଅଫିସକୁ ଗଲି । ମେନେଜିଂ ଡ଼ାଇରେକ୍ଟରଙ୍କ କେବିନ୍‌ରେ ପ୍ରବେଶ କଲି ।

- ଗୁଡ଼ ମର୍ନିଂ ସାର ।

- ଗୁଡ଼ମର୍ନିଂ । ବସନ୍ତୁ ।

- ଥ୍ୟାଙ୍କସ୍ ।

- ଏକ୍ସକ୍ୟୁଜ୍ ମି' ଏମ.ଡ଼ି. କହିଲେ 'ଆଗାମୀ କାଲିଠାରୁ ଆପଣଙ୍କୁ ଟିକେ ଅସୁବିଧା ହେବ । ଏତିକି ଆପଣଙ୍କୁ ସାକ୍ଷାତରେ ଜଣାଇବା ପାଇଁ ଆପଣଙ୍କୁ ଏଠିକି ଆସିବାର କଷ୍ଟ ଦେଲି ।'

ମୁଁ କିଛି ବୁଝି ପାରିଲି ନାହିଁ । ଏମ.ଡ଼ି. ହସି କହିଲେ 'ଆସନ୍ତା କାଲିଠାରୁ, ତୃପ୍ତି ଆଉ ଯାଇ ପାରିବନି ଆପଣଙ୍କ ପାଖକୁ ।'

- ତୃପ୍ତି କିଏ ? ମୁଁ ପଚାରିଲି ।

- ଗଲା ତିନିବର୍ଷ ଧରି ଆପଣଙ୍କ ଘରକୁ ଯାଇ ଆପଣଙ୍କର ପସନ୍ଦ ମୁତାବକ ରୋଷେଇ କରି ଆସୁଛି ସେଇ ଗୃହିଣୀ ତୃପ୍ତି ।

- ତା'ମାନେ' ମୁଁ ଗୋଲକଧନ୍ଦାରେ ପଡ଼ିଗଲି ।

- ସେଇଟା ହଉଚି ଆମର ଗୋଟାଏ ଏକ୍ସପେରିମେଣ୍ଟ । ଆପଣ ଖବର କାଗଜ ପଢ଼ିଛନ୍ତି ନିଷ୍ଚୟ, ଏବେ ଜାପାନ୍‌ରେ ଏବଂ ଆମ ଦେଶରେ ମଧ 'ରୋବର୍ଟ' ମାନେ ମଣିଷ ଭଳି କାମ କଲେଣି । ମାନେ ଯନ୍ତ୍ରମାନବ, ଆଉ କଅଣ । ସେମାନଙ୍କୁ ନିୟନ୍ତ୍ରଣ କରାହୁଏ କମ୍ପ୍ୟୁଟର ଯନ୍ତ୍ର ସାହାଯ୍ୟରେ । ଆମର 'ତୃପ୍ତି' ଅର୍ଥାତ୍ ସେଇ ବୈଦ୍ୟୁତିକ ଝିଅଟି 'କମ୍ପ୍ୟୁଟର'ର ସବୁ ଆଦେଶ ମାନ୍ୟକରେ । ପାଳନ କରେ ନିର୍ଦ୍ଦେଶ ଅନୁସରେ ।'

ଇତି ମଧରେ ଏମ.ଡ଼ି. ମହାଶୟ ମୋ ପାଇଁ ଥଣ୍ଡା ପାନୀୟ ମଗେଇଲେ । ମୁଁ ସେତେବେଳକୁ ଝାଳେଇ ସାରିଲିଣି ।

ଏମ.ଡ଼ି. କହିଲେ- 'ତୃପ୍ତିର' ପ୍ରଥମ ପ୍ରୟୋଗ ଆପଣଙ୍କ ଉପରେ କଲୁ । ଏଇ କୁକିଂ କମ୍ପ୍ୟୁଟରର ମେମୋରି ଷ୍ଟୋରେଜ କେପାସିଟି ହେଲା ତିନିଶହ ପଞ୍ଚଶତ ମେନ୍‌ପାୱାର । ଅତଏବ ଦୈନିକ ତିନି ଘଣ୍ଟା ଷ୍ଟୋରେଜ କେପାସିଟି ଫଳରେ ସେ ତିନି ବର୍ଷ ହେଲା କାମ କରୁଛି । ତିନିବର୍ଷ ତଳେ ଦିନେ ଆପଣ ଆମ ବିଜ୍ଞାପନ ତଳେ ଠିଆ ହୋଇଥିଲେ- ମନେ ପଡ଼ୁଛି ? ସେତିକିବେଳେ ଆମେ ଆମର କମ୍ପ୍ୟୁଟର ଚାଲୁ କରିଥିଲୁ । ଆସନ୍ତା ତିନିବର୍ଷ ପ୍ରତିଦିନ କଅଣ ଖାଇବାକୁ ଇଚ୍ଛା ହଉଚି ଆପଣଙ୍କର ସେସବୁ ଲିଷ୍ଟକରେ ରଖାହୋଇଚି । ଫଳରେ କାମ ସହଜ ହୋଇଗଲା । ଆମେ ତୃପ୍ତିକୁ ପରବର୍ତ୍ତୀ ତିନିବର୍ଷ ପାଇଁ ପ୍ରୋଗ୍ରାମ କରି ଦେଇଥିଲୁ । ଆଉ ଆପଣଙ୍କ ପଛେ ପଛେ ଛାଡ଼ି ଦେଇଥିଲୁ । ଏଠି ଅଫିସ୍‌ରେ ବସି ରିମୋର୍ଟ କଣ୍ଟ୍ରୋଲ କରି ସବୁ ନିୟନ୍ତ୍ରଣ କରୁଥିଲୁ ।

ମୁଁ କମ୍ପ୍ୟୁଟର ଯୁଗର ଏପରି କାର୍ଯ୍ୟଶୈଳୀରେ ମୁଗ୍ଧ ହୋଇ ନିର୍ବାକ ହେଲି ।

- ସେଇଥି ପାଇଁ କହୁଥିଲି, ଆପଣଙ୍କ ଘରେ ତୃପ୍ତିର କାମ ସମୟ ଶେଷ ହୋଇଯାଇଛି । ଗୁଡ଼ବାଏ । ଏମ.ଡ଼ି. କହିଲେ ।

ଗତ ତିନିବର୍ଷର ନାନାଦି ରୁଚିକର ସ୍ୱାଦିଷ୍ଟ ରୋଷେଇର ସ୍ୱାଦ ରୋମନ୍ଥନ କରୁ କରୁ ମୁଁ ଆବିଷ୍ଟ ମନରେ ଅଫିସରୁ ବାହାରି ଆସିଲି ।

ମନେ ମନେ ସ୍ଥିର କଲି, ଆଜିଠାରୁ କୌଣସିଦିନ, କୌଣସି ପରିସ୍ଥିତିରେ, ବାସନ୍ତୀ ଫେରିବା ପୂର୍ବରୁ ମୁଁ ଘରକୁ ଫେରିବିନି । ବାସନ୍ତୀ ଛୁଟି ପାଉ ବା ନ ପାଉ । ଅନ୍ଦର କି- ବାତ୍ ସିର୍ଫ ହମ ହୀ ଜାନତେ ହେଁ ।'

♥ ଶେଫାଳୀ, ୬, ନଳମଗଂଜ,
ବାଲେଶ୍ୱର-୩

## ଚେତନାର ଦର୍ପଣ - ୨୧

# ବିନୟଶୀଳତା



**♥ ଲଳିତ ମୋହନ ମିଶ୍ର**

ମାନବ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ ବିନୟଶୀଳତା । ତେବେ ମନୁଷ୍ୟ ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ ଗୁଣ ରହିଛି, ଯାହା ତାକୁ ଚରିତ୍ରଗତ ଓ ଆଦର୍ଶଗତ କରିଥାଏ । ସେହି ଗୁଣଗୁଡ଼ିକ ମଧ୍ୟରେ ବିନୟଶୀଳତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ଏକ ଗୁଣ ଯାହା ଜୀବନରେ ସୁଗନ୍ଧ ବିସ୍ତାର କରେ । ସାଧାରଣତଃ ବିନୟଶୀଳତା, ବିନମ୍ର, ବ୍ୟବହାର କୁଶଳ, ମୃଦୁଭାଷୀ ବ୍ୟକ୍ତି ସମସ୍ତଙ୍କ ହୃଦୟରେ ସ୍ଥାନ ଅଧିକାର କରିଥାଏ । ସୁନ୍ଦର ଆଚରଣ, କୁଶଳ ବ୍ୟବହାର ଏବଂ ବିନମ୍ରତା କାରଣରୁ ଲୋକମାନେ ଭଲ ପାଆନ୍ତି । ମନୁଷ୍ୟର ଏହି ଶ୍ରେଷ୍ଠ ଗୁଣ। ପ୍ରସିଦ୍ଧ ଦାର୍ଶନିକ ବେଞ୍ଜାମିନ ଫ୍ରାଙ୍କଲିନ୍ ସବୁ ଧର୍ମ, ସମ୍ପ୍ରଦାୟ ଦର୍ଶନକୁ ଅଧ୍ୟୟନ କରିଥିଲେ । ସେଥିରୁ ଜାଣିଲେ ଯେ ସତ୍ୟ, ଅହିଂସା,ସଦ୍ଭାବ, ସୌହାର୍ଦ୍ଦ୍ୟ ଓ ନୀରବତାରୁ ହିଁ ଜୀବନର ଶ୍ରେଷ୍ଠ । ତାକୁ ଅନୁସରଣ କରିବାକୁ ସଂକଳ୍ପ ନେଇଥିଲେ। କିଛି ଦିନ ଭିତରେ ସବୁ ଅଧ୍ୟୟନ କରି, ସେ ଅହଂକାରୀ ହୋଇଗଲେ । ଭାବିଲେ ଯେ ଏତେ ଅଧ୍ୟୟନ କରୁଛି ଏବଂ ପାଳନ କରୁଛି ସେ ସବୁଠାରୁ ବଡ । ଏହା ଭାବି ସେ ଜଣେ ସାଧୁଙ୍କୁ ଭେଟିଲେ । ସାଧୁ ଜଣକ ପ୍ରତି କ୍ଷଣ ଈଶ୍ୱରଙ୍କ ସେବାରେ ନିମଗ୍ନ । ସେ ସାଂସାରିକ ସୁଖ-ସୁବିଧା ପ୍ରତି ବୀତସ୍ପୃହ। ଫ୍ରାଙ୍କଲିନ ସେହି ସାଧୁଙ୍କ ପ୍ରତି ଶ୍ରଦ୍ଧାଶୀଳ ହେଲେ । ସାଧୁ ପଚାରିଲେ, ବତ୍ସ ! ତୁମେ ସର୍ବଦା ଅଧ୍ୟୟନ କରିବା, ଲେଖିବା, ଉପଦେଶ ଦେବାରେ ବ୍ୟସ୍ତ । କିନ୍ତୁ ତୁମକୁ ଏ ସଂସାରକୁ ଯିଏ ପଠାଇଛନ୍ତି ତାଙ୍କୁ କେବେ ସ୍ମରଣ କରିଛ ? ସାଧୁ ବୁଝିପାରିଥିଲେ ଫ୍ରାଙ୍କଲିନ୍ ଜଣେ ଆତ୍ମାହଂକାରୀ । ଫ୍ରାଙ୍କଲିନ୍ ଗର୍ବର ସହ କହିଲେ, 'ମହାତ୍ମା ! ମୁଁ ବାରଟି ନିୟମ ଓ ପ୍ରତିଜ୍ଞାକୁ ଦୃଢ଼ତାର ସହ ପାଳନ କରୁଛି। ଏତେ ନିୟମ କେହି ପାଳନ କରନ୍ତି ନାହିଁ । ସାଧୁ କହିଲେ, ମୁଁ ତୁମକୁ ତ୍ରୟୋଦଶ ବ୍ରତ ପାଳନ କରିବା ପାଇଁ କହୁଛି। ସେଥିରେ ତୁମ ଜୀବନ ସଫଳ ହେବ। ତାହା ହେଉଛି ବିନମ୍ରତା ବା ବିନୟଶୀଳତା। ସାଧୁଙ୍କ କଥା ଶୁଣି ଫ୍ରାଙ୍କଲିନଙ୍କ ଜ୍ଞାନ ଚକ୍ଷୁ ଖୋଲିଗଲା । ସେ ଅନୁଭବ କଲେ ଯେ ନମ୍ରତା ଏବଂ ବିନୟଶୀଳତା ହେଉଛି ସମସ୍ତ ଗୁଣର ଅଧିକାରୀ । ସେହିଦିନଠାରୁ ଫ୍ରାଙ୍କଲିନ୍ ତାଙ୍କ ହୃଦୟକୁ ବିନୟଶୀଳତାରେ ଭରି ଦେଇଥିଲେ । ଏହା କେବଳ ସେହି ବ୍ୟକ୍ତି ହିଁ କରିପାରିବ ଯିଏ ଦୟାଳୁ, ଯାହାର ହୃଦୟରେ କାହା ପ୍ରତି କୌଣସି କ୍ରୋଧ, ଦ୍ୱେଷ, ଈର୍ଷା ନାହିଁ । ମନୁଷ୍ୟ ଓ ପଶୁଙ୍କ ମଧ୍ୟରେ ପାର୍ଥକ୍ୟ ହେଉଛି ମଣିଷ ନମ୍ର ଓ ମୃଦୁଭାଷୀ । ସେ ନିଜର ସ୍ନେହପୂର୍ଣ୍ଣ ଆଚରଣ ଦ୍ୱାରା ଅନ୍ୟକୁ ଜିତିପାରେ, କିନ୍ତୁ ପଶୁମାନେ ତାହା କରିପାରିବେ ନାହିଁ । ନମ୍ରତା ହେଉଛି ମନୁଷ୍ୟର ଶ୍ରେଷ୍ଠ ଗୁଣ । ପ୍ରାରମ୍ଭରେ ମଣିଷ ସ୍ୱାଭାବିକ, କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ସେ ସମାଜକୁ ଦେଖେ, ସେ କ'ଣ ଭଲ ଓ କ'ଣ ଖରାପ ତାହା ସ୍ଥିର କରିବା ଆରମ୍ଭ କରିଦିଏ । ସେହି ବ୍ୟକ୍ତି ହିଁ କରିପାରିବ ଯିଏ ଦୟାଳୁ, ଯାହାର ହୃଦୟରେ କାହା ପ୍ରତି କ୍ରୋଧ ନାହିଁ । କେଉଁ ଆଚରଣ ଲୋକଙ୍କୁ ଖୁସି କରିଥାଏ ଏବଂ କେଉଁ ଆଚରଣ ଲୋକଙ୍କୁ ଦୁଃଖୀ କରିଥାଏ ? କାରଣ ମନୁଷ୍ୟ କେବଳ ଆଚରଣ ଦ୍ୱାରା ପରିଚିତ । କେହି ମହାନ ଭାବେ ଜନ୍ମ ଗ୍ରହଣ କରନ୍ତି ନାହିଁ। ତେଣୁ ଛୋଟ ଛୋଟ ପିଲାମାନଙ୍କୁ ସମସ୍ତେ ଭଲ ପାଆନ୍ତି । ଏଭଳି ଭାବନାରେ ସରଳତା, ଆନ୍ତରିକତା ଓ ନମ୍ର ହୃଦୟ ଆମ ମନରେ ଆସିଲେ ଆମର କିଏ ଶତ୍ରୁ ହେବେ ନାହିଁ । ଏହି କାରଣରୁ ଭଗବାନ ବୁଦ୍ଧ ଓ ମହାବୀରଙ୍କର କୌଣସି ଶତ୍ରୁ ନଥିଲେ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ଶିବମହିମା



**ଡ. ମନୋରଞ୍ଜନ ବିଷୋୟୀ**

ଶିବ ଉପାସନା ଆମ ସଂସ୍କୃତିର ଏକ ଉଦାର କଳ୍ପନା । ଶିବ ନିତ୍ୟ ମଙ୍ଗଳକାରୀ । ଶିବ ଯେଉଁ ଭାବଧାରାର ପ୍ରତୀକ; ସେଥିରେ ବିଶ୍ୱମଙ୍ଗଳ ହିଁ ନିହିତ । ସମଗ୍ର ବିଶ୍ୱର କଲ୍ୟାଣକାରୀ, ରକ୍ଷକ ଓ ବିଧାୟକ ଭାବେ ଶିବଙ୍କ ରୂପରେ ବ୍ରହ୍ମା ଓ ବିଷ୍ଣୁଙ୍କ ସମନ୍ୱୟ ଘଟିଛି । ତେଣୁ ସେ ସ୍ୱୟଂ ପରମେଶ୍ୱର । ଏହି ପରମେଶ୍ୱର ଜଗତ୍‌ପିତାଙ୍କ ଉପାସନା ବହୁ ପ୍ରାଚୀନ କାଳରୁ ପ୍ରତୀକାତ୍ମକ ଲିଙ୍ଗ ରୂପରେ ପ୍ରଚଳିତ । ବସ୍ତୁତଃ ଲିଙ୍ଗ ହେଉଛି ମୁଖ ହସ୍ତାଦି ଅଙ୍ଗ ବିହୀନ ଲମ୍ୱ ପ୍ରସ୍ତର ବା ଧାତୁଖଣ୍ଡ ଏବଂ ଏହା ଶକ୍ତି ମଧ୍ୟସ୍ଥ ଗର୍ଭରେ ପ୍ରୋଥିତ । ଶିବଙ୍କ ମୂର୍ତ୍ତି ଲିଙ୍ଗ (ଉପସ୍ଥ) ଏବଂ ପାର୍ବତୀଙ୍କ ପ୍ରତୀକ ଶକ୍ତି (ଯୋନି) ରୂପରେ ପ୍ରତିଷ୍ଠିତ । ଏହି ଉଭୟ ଶକ୍ତିର ମିଳନରୁ ହିଁ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ଭବ ହୋଇଥିଲା । ଲିଙ୍ଗ ହିଁ ସୃଷ୍ଟିର ପ୍ରତୀକ । ଏହାକୁ କିନ୍ତୁ ସର୍ପ ଆଚ୍ଛାଦିତ କରି ରଖିଥାଏ । ତେଣୁ ପ୍ରତ୍ୟେକ ଶିବଲିଙ୍ଗ ନାଗ ବେଷ୍ଟିତ । ଯାହା ସୃଷ୍ଟିକୁ କାଳ ଆଚ୍ଛାଦନ କରିରଖିବାର ପ୍ରତୀକ । ପ୍ରକୃତପକ୍ଷେ କହିବାକୁ ଗଲେ ଶକ୍ତି ଓ ଶିବଙ୍କୁ ଲିଙ୍ଗ ସ୍ୱରୂପ ପ୍ରତୀକାତ୍ମକ ଉପାସନା ହିଁ ଶିବ ଉପାସନା ପରମ୍ପରା । ଅତଏବ ପ୍ରକୃତି ଓ ପୁରୁଷଙ୍କର ମିଳନାତ୍ମକ ଉପାସନା ହିଁ ଶିବ ଉପାସନା ।

ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଗ୍ ବୈଦିକ ଯୁଗରେ ପ୍ରଜନନ ଓ ଶସ୍ୟ ଉତ୍ପାଦନର ଶକ୍ତିଶାଳୀ ଦେବତା ରୂପେ ଲିଙ୍ଗ ଅନାର୍ଯ୍ୟ ବା ଅଷ୍ଟ୍ରିକ ଗୋଷ୍ଠୀ ଦ୍ୱାରା ପୂଜା ପାଉଥିଲେ । ପରେ ପରେ ଦ୍ରାବିଡ଼ ଗୋଷ୍ଠୀ ଦ୍ୱାରା କୃଷିକ୍ଷେତ୍ର ଓ ପଶୁପାଳନର ଅଧୀଶ୍ୱର ରୂପେ ପୂଜିତ ହେଲେ । ପରବର୍ତ୍ତୀ ସମୟରେ ଆର୍ଯ୍ୟମାନେ ମଧ୍ୟ ଏହି ଉଭୟ ସଂସ୍କୃତିର ଲିଙ୍ଗ ଉପାସନାକୁ ଗ୍ରହଣ କରିନେବା ସହ ଏହି ଉପାସନା ପରମ୍ପରାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ । ଋଗ୍ ବେଦରେ 'ଶିବ' ନାମରେ ଉଲ୍ଲେଖ ନଥିଲେ ହେଁ; ଶିବଙ୍କୁ ରୁଦ୍ର ରୂପରେ ବର୍ଣ୍ଣନା କରାଯାଇଛି । ପ୍ରକୃତପକ୍ଷେ କହିବାକୁ ଗଲେ ଆର୍ଯ୍ୟ ଏବଂ ଅନାର୍ଯ୍ୟ ଏହି ଦୁଇ ସଂସ୍କୃତିର ମିଶ୍ରଣରେ ଶୈବ ଉପାସନା ପରମ୍ପରାର ସୃଷ୍ଟି ।

ଏହି ଉପାସନା ପରମ୍ପରାକୁ ପରବର୍ତ୍ତୀ ସମୟରେ ଅନେକ ପ୍ରଚେତା ପ୍ରଚାର ଓ ପ୍ରସାର ଘଟାଇବା ସହ ଭାରତବର୍ଷର ବାରଗୋଟି ପ୍ରସିଦ୍ଧ ଶିବଲିଙ୍ଗ ଯଥା- ୧. ସୋମନାଥ, ୨. ଶ୍ରୀ ମଲ୍ଲିକାର୍ଜ୍ଜୁନ, ୩. ଶ୍ରୀ ମହାକାଳେଶ୍ୱର, ୪. ଓଁକାରେଶ୍ୱର, ୫. ଶ୍ରୀକେଦାରନାଥ, ୬. ଶ୍ରୀ ଭୀମଶଙ୍କର, ୭. ଶ୍ରୀ ବିଘ୍ନେଶ୍ୱର, ୮. ତ୍ରୈମ୍ବକେଶ୍ୱର, ୯. ବୈଦ୍ୟନାଥ, ୧୦. ନାଗେଶ୍ୱର, ୧୧. ସେତୁବନ୍ଧୁ-ରାମେଶ୍ୱର, ୧୨. ଘୁସ୍ନେଶ୍ୱର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ମର୍ଯ୍ୟାଦା ଲାଭ କଲେ। ବିଶେଷ କରି ଗୁପ୍ତଯୁଗରେ ସଂଖ୍ୟାଧିକ ଶିବ ମନ୍ଦିର ନିର୍ମାଣ ଓ ଶିବ ଉପାସନା ଏହି ଶୈବ ପରମ୍ପରାକୁ ସାର୍ବଜନୀନ କରିପାରିଥିଲା । ଏପରିକି ଅନେକ ଶିବମନ୍ଦିରରେ ଲିଙ୍ଗ ଉପାସନା ସହ ଶିବଙ୍କ ମଙ୍ଗଳମୟ ମୂର୍ତ୍ତିକୁ ମଧ୍ୟ ଆରାଧନା କରାଯାଇଥାଏ । ଶିବଙ୍କ ମସ୍ତକରେ ଜଟା ଓ ତହିଁ ଉପରେ ସର୍ପର କିରୀଟ ସହ କୁଣ୍ଡଳ ଓ କଙ୍କଣ ସ୍ଥାନରେ ମଧ୍ୟ ସର୍ପ ଆଭୂଷଣ ଏବଂ ସର୍ବାଙ୍ଗରେ ଭସ୍ମ ତଥା ବ୍ୟାଘ୍ର ଛାଲରେ ବସ୍ତ୍ର ପରିହିତ । ଏହାସହ ଶିର ଉପରେ ପତିତପାବନୀ ଗଙ୍ଗା ଓ ଲଲାଟରେ ଅର୍ଦ୍ଧଚନ୍ଦ୍ର ଏବଂ ତ୍ରିନେତ୍ର ସୁଶୋଭିତ । ଏହାସହ କଣ୍ଠରେ ରୁଦ୍ରାକ୍ଷ, ହସ୍ତରେ ଡମ୍ବରୁ ଓ ତ୍ରିଶୂଳ । ଏ ପରିପ୍ରେକ୍ଷୀରେ କହିରଖେ ସର୍ପକୁ ଆଭୂଷଣ, କାମନାଶୂନ୍ୟ ଚିତାଭସ୍ମକୁ ବିଭୂତି ଆଖ୍ୟା ପ୍ରଦାନ କରି ସର୍ବାଙ୍ଗରେ ଲେପନ କରିଥିବା ଶିବ ହେଉଛନ୍ତି ଯଥାର୍ଥରେ ତ୍ୟାଗର ପ୍ରତୀକ । ଏପରିକି ତ୍ରିଶୂଳ ଓ ଡମ୍ବରୁ ହେଉଛି ଶସ୍ତ୍ର ଓ ଶାସ୍ତ୍ରର ପରିଚାୟକ । ଏହା ଶିବଙ୍କ ଅନୁଶାସନର ପ୍ରତୀପ । ଭାଲପଟରେ ଶୋଭା ପାଉଥିବା ଦ୍ୱିତୀୟା ଚନ୍ଦ୍ର ପୂର୍ଣ୍ଣତାର ପରିଚାୟକ ।

ଯଥାର୍ଥରେ ଶିବ ଶବ୍ଦର ଅର୍ଥ କଲ୍ୟାଣ । ଜୀବ ଅହର୍ନିଶ ସଭିଙ୍କ କଲ୍ୟାଣ କଲେ ହିଁ ଶିବ ପଦବାଚ୍ୟ ହୋଇଥାଏ । ଫଳତଃ ଶିବ ମହିମାରେ ଆତ୍ମବିଭୋର ହୋଇ; ନିତ୍ୟ ମଙ୍ଗଳକାରୀ ଶିବଙ୍କର ନାନାଦି ଉପଚାର ଯୁକ୍ତ ଆରାଧନା ପ୍ରଚଳିତ ହୋଇ ଆସୁଛି । ଏହି ଧାରାରେ ମହାଶିବରାତ୍ରି ହେଉଛି ଆମ ସଂସ୍କୃତିର ଏକ ସମନ୍ୱୟାତ୍ମକ ମହୋତ୍ସବ । ପ୍ରାଚୀନ କାଳରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଗଣିତ ନରନାରୀ ଏହି ଉପାସନା ପାଳନ କରି ଆସୁଛନ୍ତି । ଏପରିକି ବୈଷ୍ଣବୀୟ ଭାବଧାରାର ସ୍ପର୍ଶରେ ହରି ଓ ହର ଉଭୟ ଏକ ଓ ଅଭିନ୍ନ ପାଲଟିଯିବା ସହ ମହାଶିବରାତ୍ରି ସ୍ୱକୀୟ ବୈଶିଷ୍ଟ୍ୟ ପ୍ରତିପାଦନ ପୂର୍ବକ ଏକ ଜୟନ୍ତୀ ରୂପେ ସ୍ୱୀକୃତ ଲାଭ କରିଅଛି । ଈଶାନ ସଂହିତା ବର୍ଣ୍ଣନାନୁସାରେ ମହାଶିବରାତ୍ରିର ପୁଣ୍ୟ ରଜନୀରେ ହିଁ ଶିବ ଲିଙ୍ଗର ଆବିର୍ଭାବ ହୋଇଥିଲା । ଏପରିକି ଶିବଲିଙ୍ଗର ଆର୍ବିଭାବକୁ ନେଇ ପୁରାଣଶାସ୍ତ୍ରରେ ବହୁ ଆଖ୍ୟାୟିକା ପ୍ରଚଳିତ ଥିଲେ ମଧ୍ୟ ପ୍ରତ୍ୟେକ ଏହି ପୁଣ୍ୟ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀର ତାମସୀ ରାତ୍ରିକୁ ମହାଶିବରାତ୍ରି ଅର୍ଥାତ୍ ଶିବଲିଙ୍ଗର ଆବିର୍ଭାବ ମୁହୂର୍ତ୍ତ ଭାବେ ସ୍ୱୀକାର କରିଆସୁଛନ୍ତି । ଏହିଦିନ ପ୍ରତ୍ୟେକ ଶୈବପୀଠରେ ସାମୂହିକ ଭାବରେ ଏହି ପର୍ବ ପାଳନ କରାଯାଏ । ଏହି ଦିନ ବ୍ରତ ପାଳନ କରୁଥିବା ପ୍ରତ୍ୟେକ ନରନାରୀ ଶିବ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହ ଉଜାଗର ରହି ଉପବାସ କରିଥାନ୍ତି । ଏହାସହ ବିଶ୍ୱକଲ୍ୟାଣ ଲାଗି ଶିବଲିଙ୍ଗରେ ଶାସ୍ତ୍ରମତେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ । ରାତ୍ରିର ପ୍ରଥମ ପ୍ରହରରେ ଦୁଗ୍ଧ, ଦ୍ୱିତୀୟ ପ୍ରହରରେ ଦଧି, ତୃତୀୟ ପ୍ରହରରେ ଘୃତ ସହ ଚତୁର୍ଥ ପ୍ରହରରେ ମଧୁ ଦ୍ୱାରା ଶିବ ଲିଙ୍ଗକୁ ସ୍ନାନ କରାଯାଇଥାଏ । ଏପରିକି ସାରା ରାତି ଉଜାଗର ରହି ଦୀପ ଜାଳି ଶିବନାମ ଜପ ଓ ସ୍ମରଣ କରାଯାଏ । ତେଣୁ ଏହି ପର୍ବକୁ ଜାଗର ମଧ୍ୟ କୁହାଯାଏ ।

ବସ୍ତୁତଃ ମହାଶିବରାତ୍ରିର ବିଶେଷ ଆକର୍ଷଣ ହେଉଛି ରାତ୍ରିର ଶେଷ ପ୍ରହରରେ ମନ୍ଦିର ଶିଖରକୁ ଉଠୁଥିବା ଦିବ୍ୟ ଜ୍ୟୋତି ସ୍ୱରୂପ ମହାଦୀପ । ଏ ପରିପ୍ରେକ୍ଷୀରେ କହିରଖେ ଦୀପଜ୍ୟୋତିକୁ ପରଂବ୍ରହ୍ମ ତଥା ପାପନାଶକ ଶକ୍ତି ରୂପେ ମାନ୍ୟତା ପ୍ରଦାନ କରାଯାଇଛି । ତେଣୁ ଲକ୍ଷ ଲକ୍ଷ ଭକ୍ତ ଶିବରାତ୍ରି ଉପବାସ କରି ମହାଦୀପ ଉଠିବାର ଶୁଭ ମୁହୂର୍ତ୍ତକୁ ପ୍ରତୀକ୍ଷା କରିଥାଆନ୍ତି । ଏହି ମହାଦୀପ ଦର୍ଶନ ପରେ ମହାଦୀପକୁ ପ୍ରଣିପାତ କରି ଶିବଭକ୍ତିରେ ବିଭୋର ହେବା ସହ ବ୍ରତ ଉଦ୍‌ଯାପନ କରିଥାନ୍ତି ।

♥ ଦାମୋଦରପୁର, ଗଂଜାମ, (ମୋ) ୮୮୯୫୧୪୧୭୨୭

## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

**ଡ. ଶ୍ରୀକାନ୍ତ ଚରଣ ପାତ୍ର**

### ଆମର ନଇକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

### (୧୮) (ଖ) ଅନ୍ୟ ଏକ ମନେ ରଖିଲାଭଳି ବନ୍ୟା

ରଙ୍ଗାକାଟିଆ ଚକ୍ଷୁ ଚିକିତ୍ସାକେନ୍ଦ୍ରର ପ୍ରତିଷ୍ଠାତା ଓ ଅନ୍ତୋଦୟ ଚେତନା ମଣ୍ଡଳର ସଂପାଦକ ଡ. ଆଦିତ୍ୟ ପଟ୍ଟନାୟକଙ୍କୁ ଅନୁରୋଧ କଲି କ୍ଷତିଗ୍ରସ୍ତ ପରିବାରକୁ ସାହାଯ୍ୟ କରିବାପାଇଁ। ମୋ ଅନୁରୋଧ ରକ୍ଷାକରି ସେ ସାଧ୍ୟମତେ ସହାୟତା ଯୋଗାଇ ଦେଇଥଲେ। ସରପଞ୍ଚ କାମିନୀକାନ୍ତ ପାତ୍ର ମଧ୍ୟ ଅନ୍ୟଏକ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନକୁ ଅନୁରୋଧ କରିବାରୁ ସେମାନେ ବି ଲୋକଙ୍କୁ ସାହାଯ୍ୟ କରିଥିଲେ ।

ଆମେ ହତାଶ ହୋଇ ପଡ଼ିଲୁ ।

ଦିନଯାଇ ରାତିହେଲା, ଚତୁର୍ଦ୍ଦିଗ ଅନ୍ଧକାର । ଜଳର କଳକଳ ଶବ୍ଦ ବ୍ୟତୀତ ଆଉକିଛି ଶୁଭୁନଥାଏ। ତାହାରି ଭିତରେ ଗାଆଁର ଯୁବକମାନେ ସାହସବାନ୍ଧି ଘରକୁଘର ବୁଲି ଲୋକଙ୍କୁ ସାହାଯ୍ୟ କରୁଥାନ୍ତି ।

ଜଳେଶ୍ୱର ସହରର ଅବସ୍ଥା ବହୁତ ଖରାପ ହେଲାଣି ବୋଲି ନାଟୁ, କାମିନୀକାନ୍ତ ଓ ଅନ୍ୟମାନଙ୍କଠୁ ଖବରପାଇଲି ।

ପାଣି ସେତେବେଳଯାଏ ବଢୁଥାଏ । ରାତି ୧୧ଟା ସମୟରେ ଟୁଟୁ ଫୋନକରି କାନ୍ଦିଲା । ସେତେବେଳକୁ ପରିବାରସହ ସେମାନେ ମାଟିଘରର କୁଟା ଛପର ଉପରେ ଆଶ୍ରୟ ନେଇଥାନ୍ତି । ସେମାନଙ୍କୁ ଉଦ୍ଧାର କରିବାପାଇଁ କାତର ପ୍ରାର୍ଥନା କଲା ମୋତେ ଓ ତାର ସାଥିମାନଙ୍କୁ । ମୁଁ ଅସହାୟ ପୁଣି ବୃଦ୍ଧ । କାନ୍ଦିଲି। ଏବେଳରେ କଣ କରିପାରିବି ? ତଥାପି ଗାଁର ଯୁବକମାନଙ୍କୁ ଡାକିଲି। ସେମାନେ କଦଳୀଗଛ ଖୋଜିଲେ ଭେଳା ବାନ୍ଧିବାପାଇଁ । ମାତ୍ର କାହାରି ବାଡିର କଦଳୀଗଛ ପାଖକୁ ଯାଇପାରିଲେନି, ବନ୍ୟାଜଳ ଘେରରେ ସେସବୁ ରହିଥାଏ । ଆମବଂଶର ଜଣକର କଦଳୀଗଛ ଶୁଖିଲାରେ ଥିଲେବି ସିଏ ଓ ତା' ସ୍ତ୍ରୀ ଗଛ ତ ଦେଲେନି, ଓଲଟି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାରୁ ସମସ୍ତେ ଉପାୟଶୂନ୍ୟ ହୋଇଗଲେ । ଖବରପାଇଲି ଯେ ଗ୍ରାମର ଅନେକ ଲୋକଙ୍କର ବାସଗୃହ ଭୀଷଣ କ୍ଷତିଗ୍ରସ୍ତ ହୋଇଛି ।

ଟୁଟୁ ଓ କମାରସାଇ ଲୋକଙ୍କର ନିରାପତ୍ତାପାଇଁ ଭଗବାନଙ୍କୁ ପ୍ରାର୍ଥନାକଲି। ଆଶଙ୍କା ଭିତରେ ରାତି ପାହିଲା ।

୧୯ତାରିଖ ଭୋରରୁ ବନ୍ୟାଜଳ ଧିରେଧିରେ କମିବାକୁ ଲଗିଲା । ଗାଆଁର ମଧୁସୂଦନ ଦେ, ରାଜେଶ ଦାସ, ଗିରିଧାରୀ ଚନ୍ଦ, ଅଭିମନ୍ୟୁ ଦାସ, ଓ ମୁନା ଦେ ପ୍ରଭୃତି ସାହସ ବାନ୍ଧି ଟୁଟୁ ଘରେ ପହଞ୍ଚିଲେ । ସରପଞ୍ଚ କାମିନୀକାନ୍ତ ପାତ୍ର ବି ବ୍ଲକରୁ ହାଇସ୍ପିଡ ବୋଟ , ଉଦ୍ଧାରକାରୀ ଦଳ ଓ ଶୁଖିଲା ଖାଦ୍ୟ ଇତ୍ୟାଦି ନେଇକି ଆସିଲେ । ସେମାନେ ଟୁଟୁ ପରିବାରର ସମସ୍ତଙ୍କୁ ଆଣି ଆମଘରେ ଛାଡିଲେ । ସେମାନଙ୍କୁ ଦେଖି ମୁଁ ଭାବ ବିହ୍ୱଳ ହୋଇ କାନ୍ଦି ପକାଇଲି ।

ଯେତେଯେତେ ପାଣି କମୁଥାଏ ଲୋକଙ୍କ ବିପତ୍ତିର ଖବରପାଇ ମନ ବିଚଳିତ ହେଉଥାଏ। ୨୦ତାରିଖ ଅପରାହ୍ନରେ ଶାଳବଣିର ମୁରଲୀଧର ଦାସ ଅଧିକାରୀ ପନିପରିବା, ବିସକୁଟ, କିରୋସିନି ଓ ଦିଆସିଲି ନେଇକି ଆସିଲେ । ସେ ଜଣେ ଅଭାବୀ ଲୋକ, ତଥାପି ତାଙ୍କର ସ୍ନେହ, ମମତା ଦେଖି ମୁଁ ଅତି ଆନନ୍ଦିତ ହେଲି। ଗପସପ କରି ସେ ବିଦାୟ ନେବା ସମୟରେ ସେ ଆଣିଥିବା ଜିନିଷଗୁଡିକ ଫେରାଇ ନେବାକୁ ବା ବିନିମୟରେ କିଛି ଅର୍ଥ ନେବାକୁ କହିଲେ ବି ଯେତେ କହିଲେବି ସେ ନେଲେନି । ଟୁଟୁ ଜେନେରେଟର ଚଳାଇ ଅଳ୍ପସମୟ ପାଇଁ କିଛି ଘରକୁ ବିଜୁଳି ଯୋଗାଇଲା। ମୋବାଇଲ ଚାର୍ଜ କଲୁ ।

୨୧ତାରିଖ ଶନିବାର ସକାଳୁ ଓଳି ସାଇକେଲ ଯୋଗେ ଶିଖରପୁର ଗଲି ବଡଝିଅ ମମତା ଘରକୁ । ସମୁଦି ଘରେ ଥିଲେ । ବହୁତ ଦୁଃଖ ଲାଗିଲା ସେମାନଙ୍କ ପରିବାରର ଦୟନୀୟ ଅବସ୍ଥା ଦେଖି । ଘରେ ବନ୍ୟାଜଳ ପଶି ମାଟିକାନ୍ଥକୁ ଆକ୍ରାନ୍ତ କରିବାରୁ କାନ୍ଥ ପଡିଯିବା ଆଶଙ୍କାରେ ସପରିବାର ଶିଖରପୁର ବରାଳ ବାଲୁକେଶ୍ୱର ହାଇସ୍କୁଲରେ ଆଶ୍ରୟ ନେଇଥିଲେ । ତାଙ୍କ ଭଳି ଆହୁରି ଅନେକ ପରିବାର ଗାଆଁର ଯୁବକମାନଙ୍କ ସହାୟତାରେ ନିଜ ଘରଛାଡି ସ୍କୁଲକୁ ଚାଲି ଯାଇଥିଲେ । ସେମାନଙ୍କ ଘରର ଜିନିଷପତ୍ର ଜଗିବାର ଦାୟିତ୍ୱରେ ଥିଲେ ଗାଆଁର ଆଉଦଳେ ଯୁବକ । ସାରାରାତି ସେମାନେ ବି ଶୋଇନାହାନ୍ତି। ସମୁଦି ସକାଳୁ ଘରକୁ ଆସିଥିଲେ । ଯାହେତୁ, ତାଙ୍କ ସାଥିରେ ସ୍କୁଲକୁ ଗଲି । ସେଠାରେ ଆଶ୍ରିତ ସମସ୍ତ ପରିବାରକୁ ସାନ୍ତ୍ୱନା ଦେଲି । ସମୁଦୁଣୀ, ତାଙ୍କର ଦୁଇପୁଅ, ବୋହୁ, ନାତିନାତୁଣୀମାନଙ୍କୁ ଭେଟିଲି । ସେଠାରୁ ଘରକୁ ଫେରିଲି ।

ନାଟୁ, ଗୋପାଳ ପାତ୍ର, ବାଙ୍ଗୁଲା (ଏଡ. ତପନ ଦେ), ଅକ୍ଷୟ, ମଡିଆକାକା(ପିତାମ୍ବର ପାତ୍ର) ଏବଂ ପ୍ରଫୁଲ୍ଲ କାକା (ଦେ) ପ୍ରଭୃତି ବନ୍ୟାରେ ବହୁତ କ୍ଷତିଗ୍ରସ୍ତ ହୋଇଥିବା ଆମସାହିର ଗଳି ରାସ୍ତାର ମରାମତିକଲେ । ସେତେବେଳର ଉତ୍ସାହ ଅକଳ୍ପନୀୟ ।

ଉପରଓଳି ମୋତେ ନାଟୁ ନେଇଗଲା ଜଳେଶ୍ୱର । ଡାଃ ଲକ୍ଷ୍ମଣ କୁମାର ଜେନାଙ୍କୁ ଭେଟିଲି । ତାଙ୍କର ରାନ୍ଧଣାଘର ଦେଇ ବନ୍ୟାପାଣି ଘରେ ପଶିଥିଲେ ବି କିଛି କ୍ଷତି ହୋଇନି । ନକୁଳ ମାମୁଁ ଘରେ ନଥିଲେ ଡାଃ ଜେନାଙ୍କ ପାଖାପାଖି ତାଙ୍କ ଘର । ମାତ୍ର ସେ ଘରେ ନଥିଲେ । ତାଙ୍କ ଘରର ବହୁତ କ୍ଷତି ହେବା ସହିତ ତାଙ୍କ ସଂଗୃହୀତ ପ୍ରାୟ ପାଞ୍ଚଶହ ବହି ବନ୍ୟାଜଳରେ ନଷ୍ଟ ହୋଇଯାଇଥିଲା। ସେ ଥିଲେ ଜଣେ ପଠନପ୍ରିୟ ବ୍ୟକ୍ତି। ନାଟୁର ଭଡାଘରେ ରହିଲି।

ତହିଁ ପରଦିନ ସକାଳୁ ପ୍ର.ବିପିନ ବିହାରୀ ବିଶ୍ୱାଳଙ୍କ ଘରକୁ ଗଲି । ଦୀନକୃଷ୍ଣ ପାଠାଗାରର ଘରଭିତରେ ଚାରି ପାଞ୍ଚଫୁଟ ପାଣି ହେବାରୁ ପ୍ରାୟ ସମସ୍ତ ବହି ଭିଜି ଯାଇଥିଲା। ସେ ଓ ଆଉ ଦୁଇଜଣ ଯୁବକ ବହିଗୁଡିକ ଖରାରେ ଶୁଖାଉଥିଲେ । ମୁଁ ତାଙ୍କୁ ସାହାଯ୍ୟକଲି। ବହୁତ ମନକଷ୍ଟ ହେଲା।

ଜଳେଶ୍ୱର ବଜାର ଓ ଆଖପାଖର କ୍ଷୟକ୍ଷତି ଅବର୍ଣ୍ଣନୀୟ ଓ ଅକଳ୍ପନୀୟ । ଅଧିକାଂଶ ଘରେ ପାଣିପଶି ବହୁତ କ୍ଷତି କରିଥାଏ । ବଜାର ମଝିରେ ଥିବା ଡାକବଙ୍ଗଳାର ପଶ୍ଚିମ ଓ ଦକ୍ଷିଣ ପାଚେରୀ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥାଏ । ମୁଁ ୧୯୫୪ରୁ ୧୯୫୬ ଯାଏଁ ଓ ୧୯୫୬ରୁ ୧୯୬୦ ଯାଏ ଅଧ୍ୟୟନ କରିଥିବା ଯଥାକ୍ରମେ ଜଳେଶ୍ୱର ମାଇନର ସ୍କୁଲ ଓ ଜଳେଶ୍ୱର ହାଇସ୍କୁଲର କ୍ଷତିଥିଲା ସାମାନ୍ୟ। ବଜାର ଭିତରେ ବିଭିନ୍ନ ଆଞ୍ଚଳ ବୁଲି ଦେଖିଲି । ପରିଚିତ ଲୋକଙ୍କୁ ସାନ୍ତ୍ୱନା ଦେଲି ।

ପଥରାପୁରା ଗ୍ରାମରେ ଭାଣିଜୀ ଘରକୁ ଗଲି ୨୨ତାରିଖ ରବିବାର ସକାଳୁ। ତାର ବହୁତ କ୍ଷତି ହୋଇଛି। ମୋତେ ଦେଖି ଭାଣିଜୀ ମନୁ କାନ୍ଦିଲା । ତାକୁ ସାନ୍ତ୍ୱନା ଦେଲି ଓ କିଛି ଆର୍ଥିକ ସହାୟତା କଲି। ପୁଣି ନନ୍ଦିକା ଗଲି ଭଣଜାମାନଙ୍କ ଘରକୁ । କାର୍ତ୍ତିକ (ସରୋଜ) ଓ ବୁଲୁ (ମନୋଜ) ବନ୍ୟାରେ କ୍ଷତିଗ୍ରସ୍ତ



ହୋଇଥିଲେବି କାର୍ତ୍ତିକର କ୍ଷତି ଅନେକ ବେଶି । ଉଭୟଙ୍କୁ ଅଳ୍ପଅଳ୍ପ ଅର୍ଥ ଆକାରରେ ସାହାଯ୍ୟ ଦେଲି ।

ତାପରେ ଭିଣୋଇଙ୍କ ବଡଭାଇ (ତ୍ରିଲୋଚନ)ଙ୍କ ପୁଅ ଭଣଜା ପ୍ରଫୁଲ୍ଲ, ନରେନ୍ଦ୍ର ଓ ସନ୍ୟାସୀଙ୍କୁ ଭେଟିଲି । ସାନ୍ତ୍ୱନା ଦେଇ ନାଟୁ ପାଖକୁ ଫେରିଲି। ନାତି ଆନନ୍ଦ ସହିତ ହସଖୁସିରେ ସମୟ ବିତିଗଲା। ଦାଦିଙ୍କ ବଡଝିଅ କଟିଆ ମୋ ପାଖକୁ ଆସି ତା'ଦୁଃଖ କହିବାରୁ ତାକୁ ବି ସାହାଯ୍ୟକଲି।

ବସାରେ ଥିବାବେଳେ କମର୍ଦ୍ଦା ପାଖ କଟିସାହି ଗ୍ରାମର ମୋର ଅନ୍ତରଙ୍ଗ ବନ୍ଧୁ ଗିରିଜା କିଙ୍କର ମହାନ୍ତିଙ୍କୁ ଫୋନକଲି । ତାଙ୍କ ଘର ତଳିଆ ଅଞ୍ଚଳରେ। ଅକଳ୍ପନୀୟ କ୍ଷତି ହୋଇଛି । ଜଳେଶ୍ୱର ଚନ୍ଦନେଶ୍ୱର ରାସ୍ତାରୁ ତାଙ୍କ ଘରକୁ ଯିବା ରାସ୍ତାରେ ୭/୮ଫୁଟ ଉଚ୍ଚତାରେ ପାଣି ବୋହୁଥାଏ । ଯାତାୟତ ବନ୍ଦ । ଦୁଇଜଣ ଯୁବକ ଦୁଃସାହସ କରି ଗାଆଁରୁ ସଡକକୁ ଯାଉଥିବା ବେଳେ ପାଣିର ପ୍ରଖର ସୁଅରେ ଭାସିଯାଇ ପ୍ରାଣ ହରାଇଥିଲେ। ବନ୍ଧୁ କଥା ହେଉଥିବାବେଳେ କାନ୍ଦି ପକାଇଲେ ।

ବଡଜୋଇଁ ବଳରାମଙ୍କ ଅନୁରୋଧରେ ରଙ୍ଗାକାଟିଆ ଚକ୍ଷୁ ଚିକିତ୍ସାକେନ୍ଦ୍ରର ପ୍ରତିଷ୍ଠାତା ଓ ଅନ୍ତୋଦୟ ଚେତନା ମଣ୍ଡଳର ସଂପାଦକ ଡ. ଆଦିତ୍ୟ ପଟ୍ଟନାୟକଙ୍କୁ ଅନୁରୋଧ କଲି କ୍ଷତିଗ୍ରସ୍ତ ପରିବାରକୁ ସାହାଯ୍ୟ କରିବାପାଇଁ। ମୋ ଅନୁରୋଧ ରକ୍ଷାକରି ସେ ସାଧ୍ୟମତେ ସହାୟତା ଯୋଗାଇ ଦେଇଥଲେ। ସରପଞ୍ଚ କାମିନୀକାନ୍ତ ପାତ୍ର ମଧ୍ୟ ଅନ୍ୟଏକ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନକୁ ଅନୁରୋଧ କରିବାରୁ ସେମାନେ ବି ଲୋକଙ୍କୁ ସାହାଯ୍ୟ କରିଥିଲେ । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ବିଶ୍ୱାସର ବଜାରରେ ବନ୍ଦୀ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଦେଶ ବିକାଶ ପଥରେ ଅଗ୍ରଗତି କରୁଛି। ସବୁ କ୍ଷେତ୍ରରେ ବିକାଶ ଭିତରେ ବାସ୍ତବତା ହେଉଛି ଏବେବି ବିଶ୍ୱାସ ଓ ଅନ୍ଧବିଶ୍ୱାସ ମଧ୍ୟରେ ଟଣାଓଟରା ଚାଲିଛି । ଯାଦୁ, ଭୂତ, କଳା ଯାଦୁ ଭଳି ଜିନିଷ ଏବେ ବି ସାଧାରଣ କଥା। ସବୁଠି ଗୁଣିଆ, ତନ୍ତ୍ର-ମନ୍ତ୍ରର ମିଥ୍ୟା କାରନାମା, ଅନେକ ପ୍ରଥା ଓ ସେଥିରେ ଫସି ରହିଥିବା ଲୋକ ଦେଖିବାକୁ ମିଳେ। ଜାଣି ଶୁଣି ବୁଝିବା ସତ୍ତ୍ୱେ ଅନେକ ଲୋକ କୁପ୍ରଥା ଘେରରେ ବଡ଼ ଧରଣର କ୍ଷତି ଘଟାଇଥାନ୍ତି। ପରମ୍ପରା ନାଁରେ ଏମିତି କିଛି କୁସଂସ୍କାର ଚାଲିଛି ଯାହା ଅଟକିବା ନାଁ ନେଉନାହିଁ। ଏଭଳି ଏକ ଖରାପ ଅଭ୍ୟାସ ହେଉଛି 'ଦଗ୍ନା', (ଦଗନା) ଯାହା ସମୟ ସହିତ ବୃଦ୍ଧି ପାଉଛି। ଏହା ପ୍ରଗତିଶୀଳ ସମାଜ ତଥା ପ୍ରଶାସନ ପାଇଁ ଚିନ୍ତାର ବିଷୟ। ଯଦିଓ ଏଭଳି ଅନ୍ୟ କେତେକ ପ୍ରଥା ସାଧାରଣତଃ ସମ୍ପ୍ରଦାୟରେ ଦେଖିବାକୁ ମିଳେ, କିନ୍ତୁ ଆଦିବାସୀ ସଂସ୍କୃତିରେ କେତେକ ପ୍ରଥା ମଧ୍ୟ ଭୁଲ ଓ ଅତ୍ୟନ୍ତ ଭୟଙ୍କର। ସେମାନେ ଏତେ ମାତ୍ରାରେ ପ୍ରଭାବିତ ଯେ ଲକ୍ଷ ଲକ୍ଷ ପ୍ରୟାସ ଓ ଜନସଚେତନତା ସତ୍ତ୍ୱେ କୌଣସି ପ୍ରଭାବ ଦେଖାଯାଉନାହିଁ। ନବଜାତ ଶିଶୁକୁ ନିଶ୍ୱାସ ନେବାରେ ଅସୁବିଧା ହେବା, ପେଟ କିମ୍ବା ଅନ୍ୟାନ୍ୟ ରୋଗ ହେବା ମାତ୍ରେ କିଛି ଆଦିବାସୀ ଲୋକ ତାକୁ ଗରମ ଲୁହାରେ ଚେଙ୍କ ଦିଅନ୍ତି । ଏହାଦ୍ୱାରା ଶିଶୁଟିର ଜୀବନ ହାନି ହୋଇଥାଏ। ଅନେକ ରାଜ୍ୟ ଏବେ ବି ଏହି କୁପ୍ରଥାରୁ ମୁକ୍ତି ପାଇବାରେ ସକ୍ଷମ ହୋଇନାହାନ୍ତି। କିଛି ଅଞ୍ଚଳ ଦୀର୍ଘ ଦିନ ଧରି ଚର୍ଚ୍ଚାରେ ରହିଛି। ଏହି ମହାନ ପ୍ରଥାର ସ୍ଥାନ ବିଶେଷରେ ଭିନ୍ନ ନାମ।

କେଉଁଠି ଏହାକୁ ଚିଡ଼ି କାଠି କୁହାଯାଏ, କେଉଁଠି ଚିଡି ଦାଗ ତ କେଉଁଠି ଚେଙ୍କ । ଏହି ଖରାପ ଅଭ୍ୟାସର ପାଇଁ ଆହୁରି ଅନେକ ନାମ ରହିଛି । ଏହା ମଧ୍ୟ ନିରକ୍ଷର, ଗୁଣିଆ, ଭୋପା ଓ ସ୍କାଭେଞ୍ଜରଙ୍କ ରୋଜଗାରର ଏକ ଉତ୍ସ, ଯେଉଁମାନେ ଶରୀରକୁ ଭଲ କରିବାକୁ ଦାବି କରନ୍ତି । ନିରା ଆଦିବାସୀ-ଓ ଆଦିବାସୀ ଅଂଚଳ ସମେତ ଅନେକ ସହରାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ବ୍ୟାପିଥିବା ଡଗନା ବ୍ୟବସ୍ଥା ସବୁ ସରକାରୀ ଉଦ୍ୟମ ସତ୍ତ୍ୱେ ଥମିବାର ନାଁ ନେଉନାହିଁ। ଏହାର ଅଧିକାଂଶ ପୀଡ଼ିତା ଅପପୁଷ୍ଟିର ଶିକାର ହୋଇଥିବା ବେଳେ ନିରୀହ ଶିଶୁ ଅନ୍ୟାନ୍ୟ ରୋଗରେ ପୀଡ଼ିତ ହୋଇ ବଡ଼ ହେଉଛନ୍ତି। ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ମହାରାଷ୍ଟ୍ର ସମେତ ଅନେକ ରାଜ୍ୟ ଏପର୍ଯ୍ୟନ୍ତ ଡାଗନାଙ୍କ କବଳରୁ ମୁକ୍ତ ହୋଇନାହାନ୍ତି। ଅନେକ ସମୟରେ ୧୦-୧୫ ଦିନର ଶିଶୁ ଏହାର ଶୀକାର ହୁଅନ୍ତି। ମଧ୍ୟପ୍ରଦେଶର ଆଦିବାସୀ ଶାହଡୋଲ ଡିଭିଜନ ଏବେ ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଘଟଣା ଏବେ ବି ଏଠାରେ ଘଟୁଛି। ଫଳରେ ସେଠାରେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ଓ ମେଡିକାଲ କଲେଜ ମୁହାଁମୁହିଁ ହୋଇଛନ୍ତି। ଫେବୃଆରୀ ୨୦୨୩ରେ ଶାହଦୋଳ ନିକଟସ୍ଥ କଥୋଟିଆ (ସିଂହପୁର) ଗାଁର ଏକ ଘଟଣା, ୩ ମାସର ଶିଶୁର ଶ୍ୱାସକ୍ରିୟା ଓ ହଜମ ଜନିତ ସମସ୍ୟା ଥିଲା। ଅନ୍ଧବିଶ୍ୱାସୀ ବାପା ତାଙ୍କ ଦେହକୁ ୫୧ ଥର ଗରମ ତାରରେ ଚେଙ୍କ ଦେଇଥିଲେ। ଫଳରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ଅଧିକ ଖରାପ ହୋଇଯାଇଥିଲା।ଶେଷରେ ଶିଶୁକୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା,ହେଲେ କୌଣସି ସୁଫଳ ହେଲାନି। ଏଥିରେ ଜିଲ୍ଲାପାଳ ମୃତ୍ୟୁର କାରଣ ନିମୋନିଆ କହିବା ପରେ ଶିଶୁ ର ପେଟରେ କ୍ଷତ ଚିହ୍ନ ଥିବା ମେଡିକାଲ କଲେଜ କହିଥିଲା। ବାସ୍ତବରେ ଶିଶୁଟି ଅପପୁଷ୍ଟିର ଶିକାର ହୋଇଥିଲା। ଏହା ମଧ୍ୟ ସତ ଯେ ଗର୍ଭବତୀ ମା'ଙ୍କ ଉପଯୁକ୍ତ ଯତ୍ନ ଅଭାବରୁ ଆଦିବାସୀ ସମାଜରେ ଅନେକ ସମୟରେ ପୁଷ୍ଟିହୀନ ଶିଶୁ ଜନ୍ମ ନେଉଛନ୍ତି।ସବୁଠି ଆଶା କର୍ମୀ, ଏଏନଏମ ଓ ଅଙ୍ଗନବାଡି କର୍ମୀ ଅଛନ୍ତି । ଜିଲ୍ଲାରେ ପୁଷ୍ଟିହୀନତା ଥଇଥାନ କେନ୍ଦ୍ର ମଧ୍ୟ ଅଛି, କିନ୍ତୁ ସବୁ କିଛି କାଗଜପତ୍ରରେ ବ୍ୟବସ୍ଥା ହୋଇଥିବା ଜଣାପଡିଛି । ସ୍ଥଳଭାଗର ସ୍ଥିତି ଭିନ୍ନ। ଶାହଡୋଲ ଡିଭିଜନରେ ଡାଗାନା ରୀତିନୀତିରେ ୨ ହଜାରରୁ ଅଧିକ ଶିଶୁଙ୍କୁ ହତ୍ୟା କରାଯିବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଗତ ମାସରେ ମଧ୍ୟପ୍ରଦେଶ ଅନୁପପୁର ଜିଲ୍ଲାରେ ଜଣେ ବୟସ୍କ ବ୍ୟକ୍ତି ଗରମ ହାତୁଡ଼ିରେ ପେଟ ପୋଡ଼ିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ।ରାଜସ୍ଥାନରେ ମଧ୍ୟ ସମାନ ଅନ୍ଧବିଶ୍ୱାସର ଖେଳ ଘଟୁଛି। ଏଠାରେ ଭୋପେ ନିରୀହମାନଙ୍କୁ ବନ୍ଧ ଦାଗର ଯନ୍ତ୍ରଣା ଦିଅନ୍ତି । ରୋଗ ଭଲ କରିବା ନାଁରେ ଶରୀର ଗରମ ରଡରେ ଜଳିଯାଏ । ଏପରି ବି ଘଟଣା ସାମ୍ନାକୁ ଆସିଥିଲା ଯେଉଁଥିରେ ଡାକ୍ତରଖାନା ନିଆଯାଇଥିବା ଶିଶୁମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ମୃତ୍ୟୁ ଘଟିଥିଲା। ଅନେକ ସ୍ଥାନରେ ଏଭଳି ଘଟଣା ଘଟିଥିଲେ ମଧ୍ୟ ଅନ୍ଧବିଶ୍ୱାସ ଲାଗି ରହିଛି। ପ୍ରଶାସନ ସମ୍ମୁଖରେ ଘଟୁଥିବା ଘଟଣା ଓ ଭୋପମାନଙ୍କ ରହସ୍ୟ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନଙ୍କ ମନୋବଳ ଭାଙ୍ଗିପାରୁନାହିଁ। ଅନେକ ଗ୍ରାମାଞ୍ଚଳରେ ନିରକ୍ଷରତା, ଅନ୍ଧବିଶ୍ୱାସ ଓ ଦାରିଦ୍ର୍ୟ କାରଣରୁ ପିଲାମାନଙ୍କୁ ଡାକ୍ତରଖାନା ପରିବର୍ତ୍ତେ ଏହି ଭୋପେ ନାମକ ବୈଦ୍ୟକୁ ଅଣାଯାଉଛି। ଡାକ୍ତରମାନେ ମଧ୍ୟ ସ୍ୱୀକାର କରନ୍ତି ଯେ ଏଭଳି ଅନ୍ଧବିଶ୍ୱାସର ଶିକାର ହେଉଥିବା ଅନେକ ପିଲା ଏବେ ଦୁନିଆରେ ନାହାନ୍ତି । କିନ୍ତୁ ପରମ୍ପରା ନାମରେ ଏହି ପ୍ରଥା ଜାରି ରହିଛି।

ଝାଡ଼ଖଣ୍ଡର ଗାଁଗୁଡ଼ିକରେ ମଧ୍ୟ ସମାନ ପରମ୍ପରା ରହିଛି। ସେଠାକାର ଆଦିବାସୀ-ସମାଜ ଏହାକୁ ଚିଡ଼ି ଦାଗ ବୋଲି କହିଥାଏ। ଜାନୁଆରୀ ମାସରେ ମକର ସଂକ୍ରାନ୍ତି ସମୟରେ ଡୁସୁ ପର୍ବରେ ଗାଁ ଗାଁ ପିଲାଙ୍କୁ ଗୁଳି ଚଳାଇବା ପ୍ରକ୍ରିୟା ଆରମ୍ଭ ହୋଇଥାଏ । ବିଶେଷକରି ପୂର୍ବ ସିଂହଭୂମ, ପଶ୍ଚିମ ସିଂହଭୂମ ଓ ସରାଇକେଲା, କୋଲହାନ ଅଞ୍ଚଳର ଖାରସାଓ୍ୱାନରେ ବିପୁଳ ଜନସମାଗମ ହୋଇଥାଏ। ପିଲାମାନଙ୍କୁ ଆଣି ଖଟିଆରେ ଶୋଇବାକୁ ବାଧ୍ୟ କରି ହାତ ଗୋଡ଼ ବାନ୍ଧି ଦିଅନ୍ତି, ତା'ପରେ ବାହାର ଲୋକ ନାଭିରେ ସୋରିଷ ତେଲ ଲଗାଇ ଗରମ ଛଡ ରେ ଦାଗ ଦିଅନ୍ତି। ବିଶ୍ୱାସ କରାଯାଏ ଯେ ଏପରି କରିବା ଦ୍ୱାରା ପେଟ ଜନିତ ରୋଗ ହୁଏ ନାହିଁ । ଓଡ଼ିଶାରେ ମଧ୍ୟ ପ୍ରାୟ ସମାନ ଖରାପ ଅଭ୍ୟାସ ରହିଛି। ଏଠାରେ ଏହାକୁ ଚେନ୍କା କୁହାଯାଏ । ଏଥିରେ ଜନ୍ମର ସାତରୁ ୨୧ ଦିନ ପର୍ଯ୍ୟନ୍ତ ପିଲାଙ୍କୁ ଏହି ଦାଗ ଲାଗିଥାଏ। ଏକ ଅନ୍ଧବିଶ୍ୱାସ ରହିଛି ଯେ ଯଦି ଶିଶୁ ଅସୁସ୍ଥ ହୁଏ କିମ୍ବା ନୀଳ ଶିରା ଦେଖାଯାଏ, ତେବେ ତାହାକୁ ଏକ ଦୁଷ୍ଟ ଆତ୍ମାର ପ୍ରଭାବ ବୋଲି ବିବେଚନା କରାଯାଏ । ବିଶ୍ୱାସ ରହିଛି ଯେ ପେଟକୁ ଦାଗ ଲଗାଇଲେ ସେ ପଳାଇଯିବେ ଏବଂ ପିଲାକୁ ଖରାପ ଦୃଷ୍ଟିରୁ ରକ୍ଷା ମିଳିବ । ମକର ସଂକ୍ରାନ୍ତିର ଅମଳ ପର୍ବ ରେ ଏଠାରେ ସବୁ କିଛି ଜୋରସୋରରେ ଚାଲେ। ଓଡ଼ିଶାରେ ଏଥିରୁ ବାହାରିବା ପାଇଁ ଏକ ନିଆରା ପରୀକ୍ଷଣ ସଫଳ ହୋଇଛି। ଆଦିବାସୀଙ୍କ ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ୟୁନିସେଫ୍ ସହ ଭାଗିଦାରୀରେ 'ଜୀବନ ସମ୍ପର୍କ' ଯୋଜନା ଆରମ୍ଭ କରିଛନ୍ତି। ଲକ୍ଷ୍ୟ ଥିଲା ସ୍ଥାନୀୟ ଏନଜିଓ ମାନଙ୍କ ସହ ଚେନ୍କା ପ୍ରଥାକୁ ବନ୍ଦ କରିବା । ଏପରି କାର୍ଯ୍ୟ କରୁଥିବା ବିଶ୍ରି ସମ୍ପ୍ରଦାୟକୁ ସେମାନେ ଦଣ୍ଡନୀୟ କାର୍ଯ୍ୟ କରୁଛନ୍ତି ବୋଲି କୁହାଯିବା ପରେ ତୀବ୍ର ପ୍ରତିବାଦ ହୋଇଥିଲା। କିନ୍ତୁ ଯେତେବେଳେ ନିଜ ସମ୍ପ୍ରଦାୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ବିଶ୍ୱାସରେ ନିଆଯାଇଥିଲା ଏବଂ ବୁଝାଇଲେ ଯେ ସେମାନଙ୍କୁ ପୂଜା, ପାଠ, ରୀତିନୀତି ଛାଡିବାର ଆବଶ୍ୟକତା ନାହିଁ, ବରଂ ପିଲାମାନଙ୍କୁ ଦେଖି ଡାକ୍ତରଖାନା ପଠାଇବାର ଆବଶ୍ୟକତା ଅଛି । କିଛି ଲୋକ ରାଜି ହେବାରୁ ପିଲାମାନେ ଡାକ୍ତରଖାନାରେ ପହଞ୍ଚିବା ଆରମ୍ଭ କରିଥିଲେ। ଦ୍ୱିତୀୟ ସ୍ତରରେ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଏଏନ୍‌ଏମ୍‌ଙ୍କ ସହ ମିଶି କାମ କରାଯାଇଥିଲା। ଜନସମର୍ଥନରେ ସରକାରୀ ଯୋଜନାର ଫାଇଦା ଓ କ୍ଷତି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଯଦି କେହି ରାଜି ନହୁଅନ୍ତି ତେବେ ଯୋଜନା ଓ ରାସନ କାର୍ଡ ଜବତ ହେବାର ଭୟ ସୃଷ୍ଟି କରାଯାଇଛି ।ବିଶ୍ୱାସ ଓ ଅନ୍ଧବିଶ୍ୱାସ ମଧ୍ୟରେ ଝୁଲୁଥିବା ଶୈଶବ ଲାଗି ଏହା ବଞ୍ଚିବା ରାହା।

♥ ନୟାଗଡ଼
(ମୋ) ୯୪୩୭୬୪୨୯୪୭

# ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ଶିବ ମୁନି ଯୋଗାଶ୍ରମ ବାଲିଆପାଳ ଶାଖାର ୩୭ତମ ବାର୍ଷିକ ଅଧିବେଶନ

ବାଲିଆପାଳ, ୦୯/୩ (ନି.ପ୍ର): ବାଲିଆପାଳର ସିମୁଳିଆ ଛକ ନିକଟସ୍ଥ ଶିବ ମୁନି ଯୋଗାଶ୍ରମ ବାଲିଆପାଳ ଶାଖାର ୩୭ତମ ବାର୍ଷିକ ଅଧିବେଶନ ଯୋଗୀ ଜନ୍ମେଞ୍ଜୟ ସାହୁଙ୍କ ପୌରହିତ୍ୟରେ ପାଳନ ହୋଇଯାଇଛି । ପ୍ରାରମ୍ଭରେ ମୁନି ଜନ୍ମେଞ୍ଜୟ ସାହୁ ଅଖିଳ ଭୂମଣ୍ଡଳୀୟ ଯୋଗାଶ୍ରମର ପତାକା ଉତ୍ତୋଳନ କରିଥିଲେ । ପରେ ପରେ ଅଧିବେଶନରେ ଯୋଗୀ ହରେକୃଷ୍ଣ ମୁନି ଅତିଥି ମାନଙ୍କୁ ମଂଚ ଆହ୍ୱାନ କରିଥିଲେ । ଏହି ବୈଠକରେ ମୁଖ୍ୟ ଅତିଥି ରୂପେ ଛଚିନା ଯୋଗାଶ୍ରମର ଯୋଗାଚାର୍ଯ୍ୟ ଅନନ୍ତ ମୁନି ଓ ମୁଖ୍ୟ ବକ୍ତା ରୂପେ ବେଲି ଯୋଗାଶ୍ରମର ବିମଳ ମୁନି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଗୁଡ଼ି ଖାଲ ଆଶ୍ରମର ଚିତ୍ତରଞ୍ଜନ ମୁନି ଯୋଗ ଦେଇ ଥିଲେ । ସାମ୍ପ୍ରତିକ ସମୟରେ ଆଧାତ୍ମିକ ଭାବନା ଉଚ୍ଚାରଣ ଆଚରଣ କ୍ଷେତ୍ରରେ କେତେ ଆବଶ୍ୟକ ରହିଛି ତାହା ଜଣେ ପରେ ଜଣେ ଯୋଗାଚାର୍ଯ୍ୟ ବକ୍ତବ୍ୟ ମାଧମରେ ଜଣାଇ ଥିଲେ । ଏଥିରେ ବାଲିଆପାଳର ବିଭିନ୍ନ ଶାଖା ରୁ ଶହ ଶହ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ଶେଷରେ ଯୋଗୀ ରାଜ ସନ୍ନ୍ୟାସୀ ମୁନି ଧନ୍ୟବାଦ ଅର୍ପଣ କରିଥିଲେ ।

# କାଠ ବୋଝେଇ ଟ୍ରକ ସହ ସ୍କର୍ପିଓ ଗାଡି ଜବତ: ୨ଅଟକ

ଭୁବନେଶ୍ୱର/କେନ୍ଦୁଝର, ୦୯/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବନବିଭାଗ ପକ୍ଷରୁ କାଠ ବୋଝେଇ ଏକ ଟ୍ରକ ସହ ଗୋଟିଏ ସ୍କର୍ପିଓ ଗାଡି ଜବତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ଏକ ଟ୍ରକ ଯୋଗେ ଘଟଗାଁ ବ୍ଲକରୁ କାଠ ବୋଝେଇ ହୋଇ ଚୋରା ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ବନବିଭାଗ ଖବର ପାଇ ଘଟଗାଁ ରେଞ୍ଜରଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା । ୨୦ ନମ୍ବର ଜାତୀୟ ରାଜପଥର ମେଲାଣ ଗ୍ରାମ ନିକଟରେ ଟ୍ରକଟିକୁ ଜବତ କରା ଯାଇଥିଲା । ସେହିପରି ଆଜି ଭୋର ୪ଟାରେ ଏକ ସ୍କର୍ପିଓ ଗାଡ଼ିରେ କାଠ ଚାଲାଣ ହେଉଥିବା ବେଳେ ବନବିଭାଗ ମାଡି ବସିଥିଲା । ଦୁଇଟି ଗାଡିରୁ ଲକ୍ଷାଧିକ ଟଙ୍କାର କାଠ ଜବତ ହୋଇଥିବା ବେଳେ ଏହି ଘଟଣାରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ‘୧୭+୬+୨’ ଫର୍ମୁଲାରେ....

ଇଚ୍ଛା ଜାହିର କରିଛି । ସେହିରପି ଆନ୍ଧ୍ରପ୍ରଦେଶର ୧୭୫ଟି ବିଧାନସଭା ଆସନରୁ ବିଜେପି ଓ ଜେଏସ୍‌ପି ୩୦ଟି ବିଧାନସଭା ସିଟ୍‌ରେ ନିର୍ବାଚନ ଲଢ଼ିବାକୁ ସହମତି ଦେଇଛନ୍ତି । ଅନ୍ୟ ୧୪୫ଟି ଆସନରେ ଟିଡିପି ଏକା ନିର୍ବାଚନ ଲଢ଼ିବ । ନୂଆ ଦିଲ୍ଲୀରେ ସିଟ୍ ଭାଗବଣ୍ଟାକୁ ନେଇ ହୋଇଥିବା ବୈଠକରେ ଅନେକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ଏହି ତିନି ଦଳ ସିଟ୍ ଶେୟାରିଂକୁ ନେଇ ଫର୍ମୁଲା ପ୍ରସ୍ତୁତ କରିଦେଇଥିବା କୁହାଯାଇଛି । ଆଗାମୀ ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ଏନେଇ ଅଧିକାରୀକ ଘୋଷଣା ହୋଇପାରେ ।

### ‘କାଜିରଙ୍ଗା’ ବୁଲିଲେ....

ସେପଟେ ଜଙ୍ଗଲ ସୁରକ୍ଷାରେ ମୃତୟନ ମହିଳା ଫରେଷ୍ଟ ଗାର୍ଡଙ୍କୁ ଭେଟିବା ସହ ତାଙ୍କ ସହ କିଛି ସମୟ ଧରି ଆଲୋଚନା କରିଥିଲେ । ସୁରକ୍ଷା କ୍ଷେତ୍ରରେ ମହିଳାଙ୍କ ଅବଦାନ, ସେମାନଙ୍କ ସାହସକୁ ଶତ ସଲାମ କରି କିଛି ଫଟୋ ପୋଷ୍ଟ କରିଛନ୍ତି ପ୍ରଧାନମନ୍ତ୍ରୀ । କାଜିରଙ୍ଗାର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରି ଏଠାକୁ ବୁଲି ଆସିବାକୁ ପର୍ଯ୍ୟଟକଙ୍କୁ ଅପିଲ କରିଛନ୍ତି ପ୍ରଧାନମନ୍ତ୍ରୀ । ୨ ଘଂଟାର ରହଣୀ ସମୟରେ ମୋଦୀଙ୍କ ଅନେକ ଆକର୍ଷଣୀୟ ତଥା ମନଛୁଆଁ ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଛି । ପ୍ରଧାନମନ୍ତ୍ରୀଙ୍କ ଭିନ୍ନ ଅନ୍ଦାଜ ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟିଛି । ଫଲୋଅର ବେଶ ପସନ୍ଦ କରିବା ସହ ମୋଦୀଙ୍କ ସ୍ୱତନ୍ତ୍ର ଅନ୍ଦାଜକୁ ପ୍ରଶଂସା କରିଛନ୍ତି । ଆଜିଠୁ ଦୁଇଦିନିଆ ଆସାମ ଓ ଅରୁଣାଚଳପ୍ରଦେଶ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ।

### ଡିଏମକେ ପାଇଁ ପ୍ରଚାର ...

କମଲ ହାସନଙ୍କ ଦଳ ଏମ୍ଏନ୍ଏମ୍‌କୁ ଡିଏମ୍‌କେ ମେଣ୍ଟ ତରଫରୁ ୨୦୨୫ ରାଜ୍ୟସଭା ନିର୍ବାଚନ ପାଇଁ ଗୋଟିଏ ସିଟ୍ ଦିଆଯାଇଛି । ପୂର୍ବରୁ ଦଳ ଲୋକସଭା ନିର୍ବାଚନ ପାଇଁ ଏମ୍ଏନ୍ଏମ୍‌କୁ କିଛି ସିଟ୍ ଦେଇପାରେ ବୋଲି କୁହାଯାଉଥିଲା । କିନ୍ତୁ କମଲ ହାସନ ଓ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ମଧ୍ୟରେ ଆଲୋଚନା ହେବା ପରେ ଡିଲ୍ ଫାଇନାଲ ହୋଇଛି । କହିରଖୁ କମଲ ହାସନଙ୍କ ଦଳ ଡିଏମ୍‌କେ ମେଣ୍ଟ ପାଇଁ ୩୯ଟି ଲୋକସଭା ଆସନରେ ପ୍ରଚାର କାମ କରିବ ।

### ଲୋକସଭା ନିର୍ବାଚନ ...

ଅରୁଣ ଗୋଏଲ ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ଏହାପରେ ତାଙ୍କୁ ଇସି ଭାବେ ନିଯୁକ୍ତି ମିଳିଥିବାରୁ ସୁପ୍ରିମକୋର୍ଟ ଏହା ଉପରେ ପ୍ରଶ୍ନ ଉଠାଇଥିଲେ । ଦୀର୍ଘ ୩୭ ବର୍ଷ ଧରି ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ଗୋଏଲ ନଭେମ୍ବର ୧୯ରେ ଇସି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୮୫ ବ୍ୟାଚ୍ ? ପଞ୍ଜାବ ଆଇଏଏସ କ୍ୟାଡର ଗୋଏଲ ନଭେମ୍ବର ୧୮ରେ କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରଣାଳୟର ସଚିବ ପଦରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ଏହା ପରଦିନ ତାଙ୍କୁ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଥିଲା । ଆଗକୁ ସାଧାରଣ ନିର୍ବାଚନ ସହ କିଛି ରାଜ୍ୟରେ ବିଧାନସଭା ନିର୍ବାଚନ ହେବ । ଏଥିପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କ ସହ ଅରୁଣ ଗୋଏଲ ମଧ୍ୟ ବିଭିନ୍ନ ରାଜ୍ୟକୁ ଯାଇ ସ୍ଥିତି ସମୀକ୍ଷା କରୁଥିଲେ । ସୋମବାର ଇସିଙ୍କ ଟିମ ଜମ୍ମୁ-କଶ୍ମୀର ଯାଇ ସ୍ଥିତି ସମୀକ୍ଷା କରିବା ଥିଲା । ଏହାପରେ ନିର୍ବାଚନ ତାରିଖ ଘୋଷଣା ହୋଇଥାଆନ୍ତା । କିନ୍ତୁ ଏହା ପୂର୍ବରୁ ଗୋଏଲଙ୍କ ଇସ୍ତଫା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ।

# ପାରାଦୀପ ବନ୍ଦର ପଣ୍ୟ ପରିଚାଳନାରେ ଐତିହାସିକ କୀର୍ତ୍ତିମାନ ସ୍ଥାପନ କରି ସର୍ବ ଭାରତୀୟ ସ୍ତରରେ ଏକ ନମ୍ବର ମାନ୍ୟତା ବଜାୟ ରଖିଲା





ପାରାଦୀପ, ୦୯/୩ (ନି.ପ୍ର): ପାରାଦୀପ ବନ୍ଦର ର ପ୍ରତିବଦ୍ଧତା ଓ ସଂକଳ୍ପ ତଥା ଦକ୍ଷତା ପାଇଁ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ର ୨୩ ଦିନ ପୂର୍ବରୁ ୧୩୫.୬୮ ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ ପରିଚାଳନା କରି ସର୍ବ ଭାରତୀୟ ବୃହତ ବନ୍ଦର କ୍ଷେତ୍ରରେ ଇତିହାସ ସୃଷ୍ଟି କରି ଏକ ନମ୍ବର ମାନ୍ୟତା ହାସଲ କରିଛି । ତେବେ ଚଳିତ ବର୍ଷ ପାରାଦୀପ ବନ୍ଦରର ପଣ୍ୟ ପରିଚାଳନା ସର୍ବାଧିକ ୧୪୫ ଏମଏମଟି ରେ ପହଞ୍ଚିବାର ଆଶା ରଖାଯାଇଛି । ତେବେ ଏହି ଚମତ୍କାର ପ୍ରଦର୍ଶନ ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଚଳିତ ଆର୍ଥିକ ବର୍ଷ ଫେବୃଆରୀ ମାସ ଶେଷ ପର୍ଯ୍ୟାୟରେ ପାରାଦୀପ ବନ୍ଦର ପଣ୍ୟ ପରିଚାଳନା ହାର ୮.୧୪ ପ୍ରତିଶତ ରହିଥିଲା । ସେହିପରି ଚଳିତ ବର୍ଷ ମାର୍ଚ୍ଚ ୮ ତାରିଖ ସୁଦ୍ଧା ବନ୍ଦରକୁ ୨୫୪୫ ଟି ଜାହାଜ ଚଳାଚଳ କରିଥିବା ବେଳେ ପୂର୍ବ ବର୍ଷ ଏହା ୨୨୦୦ ସଂଖ୍ୟା ରହିଥିଲା । କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ବନ୍ଦରର ପ୍ରତିବଦ୍ଧତା, ପଣ୍ୟ ପରିଚାଳନାରେ ରଣନୈତିକ ଉନ୍ନତି ସହିତ ଏହା ଶିଳ୍ପର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବାରେ ଏକ ପ୍ରମୁଖ ବନ୍ଦର ଭାବରେ ସ୍ଥାନିତ ହୋଇଛି । ଅନ୍ୟପକ୍ଷରେ ପାରାଦୀପ ବନ୍ଦରର ଲଗାତାର ଏହି ସଫଳତା ବନ୍ଦର ବ୍ୟବହାରକାରୀ ଙ୍କ ନିକଟତର କରିଛି ଏବଂ ଭବିଷ୍ୟତରେ ଅଧିକ ସଫଳତା ପାଇଁ ବନ୍ଦର ପ୍ରସ୍ତୁତ ହୋଇଛି ।

# ୧୨୯୪ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୯/୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଲୋକସେବା ଭବନର କନଭେନସନ୍ ହଲ୍ ଠାରେ ଆୟୋଜିତ ନିଯୁକ୍ତି ପର୍ବରେ ୧୨୯୪ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ମଧ୍ୟରୁ ୭୨୫ ଜଣ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଯୋଗ ଦେଇଥିବା ବେଳେ ୨୮୦ ଜଣ ଅର୍ଥ ବିଭାଗରେ ଏବଂ ୧୨୯ ଜଣ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଯୋଗ ଦେଇଛନ୍ତି । ସେହିପରି ୧୬୦ ଜଣ କୃତୀ କ୍ରୀଡାବିତ୍ ଙ୍କୁ ୫ଟି ବିଭାଗ ଯଥା ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ,ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଗୃହ ବିଭାଗରେ ଯୋଗ ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ତାଙ୍କ ଶାସନ ପ୍ରଣାଳୀରେ ଲୋକଙ୍କ ଇଚ୍ଛା ସର୍ବୋଚ୍ଚ ଅଟେ । ତାଙ୍କ ସରକାର ଲୋକଙ୍କ ଜୀବନରେ ପରିବର୍ତନ ଆଣିବା ପାଇଁ କଠିନ ପରିଶ୍ରମ କରୁଛନ୍ତି । ନୂତନ କର୍ମଚାରୀମାନେ ସେମାନଙ୍କର ସମସ୍ତ ଆନ୍ତରିକତା ଏବଂ ଲୋକଙ୍କ ସେବା ପାଇଁ ପ୍ରତିବଦ୍ଧତା ସହିତ କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ନୂତନ ନିଯୁକ୍ତ ଲୋକଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଂଜନ ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶା ସୂଚନା ସେବା ସଂବର୍ଗର ପୁନର୍ବିନ୍ୟାସ

ଭୁବନେଶ୍ୱର, ୦୯/୩ (ନି.ପ୍ର): ଲୋକ ସମ୍ପର୍କ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ମନ୍ତ୍ରୀମଣ୍ଡଳୀୟ ବୈଠକରେ ଓଡିଶା ସୂଚନା ସେବା ସଂବର୍ଗର ପୁନର୍ବିନ୍ୟାସ ପାଇଁ ନିଷ୍ପତି ନିଆଯାଇଛି । ଏହି ପୁନର୍ବିନ୍ୟାସ ଦ୍ୱାରା ଓଡିଶା ସୂଚନା ସେବା ସଂବର୍ଗରେ ୬୧ ଗୋଟି ପଦବୀ ସୃଷ୍ଟି ହେବା ସହ ୪ ଗୋଟି ପଦବୀ ଉଚ୍ଛେଦ କରାଯିବା ନିମନ୍ତେ ନିଷ୍ପତି ନିଆଯାଇଛି । ଏହି ପୁନର୍ବିନ୍ୟାସ ସଂବର୍ଗକୁ କ୍ରିୟାଶୀଳ କରିବା ସହ ପଦୋନ୍ନତିର ସୁଯୋଗ ପ୍ରଦାନ କରିବ । ଉକ୍ତ ୬୧ ଗୋଟି ପଦବୀରୁ, ୪୬ ଗୋଟି ପଦବୀ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ (ଓଡିଶା ସୂଚନା ସେବା-୨) ସ୍ତରରେ ସୃଷ୍ଟି କରାଯାଇଛି, ଯାହା ମଧ୍ୟରୁ ୨୦ ଗୋଟି ପଦବୀ ରାଜ୍ୟର ୨୦ ଟି ଉପଖଣ୍ଡ ନିମନ୍ତେ, ୮ ଗୋଟି ପଦବୀ ବିଭିନ୍ନ ବିଭାଗରେ ଲୋକ ସମ୍ପର୍କ ଅଧିକାରୀ ନିମନ୍ତେ, ୨ ଗୋଟି ପଦବୀ ସାମାଜିକ ଗଣ ମାଧ୍ୟମ କାର୍ଯ୍ୟକଳାପ ନିମନ୍ତେ, ୬ ଗୋଟି ଲୋକ ସମ୍ପର୍କ ଅଧିକାରୀ ପଦବୀ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ କାର୍ଯ୍ୟାଳୟ ନିମନ୍ତେ, ୨ ଗୋଟି ଲୋକ ସମ୍ପର୍କ ଅଧିକାରୀ ପଦବୀ ଭୁବନେଶ୍ୱର ତଥା କଟକ ମହାନଗର ନିଗମ ନିମନ୍ତେ ଏବଂ ୮ ଗୋଟି ପଦବୀ ଛୁଟି, ପ୍ରଶିକ୍ଷଣ ତଥା ପ୍ରତିନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ । ସେହିପରି, ୧୦ ଗୋଟି ପଦବୀ ସୂଚନା ଲୋକ ସମ୍ପର୍କ ଅଧିକାରୀ (ଓଡିଶା ସୂଚନା ସେବା- କନିଷ୍ଠ ଶାଖା) ସ୍ତରରେ ସୃଷ୍ଟି କରାଯାଇଛି । ଏହି ୧୦ ଗୋଟି ପଦବୀ ମଧ୍ୟରୁ ୪ ଗୋଟି ପଦବୀ, ଯଥା- (୧) ପ୍ରକାଶନ ପରିଚାଳକ (୨)ଭଣ୍ଡାର ଅଧିକାରୀ (୩) ଗବେଷଣା ଓ ତଥ୍ୟ ସୂଚନା ଅଧିକାରୀ (୪) ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ରାଉରକେଲା କୁ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ (ଓଡିଶା ସୂଚନା ସେବା-୨) ସ୍ତରରୁ ଉଚ୍ଛେଦ କରି ସୃଷ୍ଟି କରାଗଲା । ଅନ୍ୟ ୬ ଗୋଟି ପଦବୀ ଯଥା- ୧ ଗୋଟି ଲୋକ ସମ୍ପର୍କ ଅଧିକାରୀ ପଦବୀ, ଓଡିଶା ବିଧାନସଭା ନିମନ୍ତେ, ୧ ଗୋଟି ପଦବୀ ସହକାରୀ ନିର୍ଦ୍ଦେଶକ (ସାମାଜିକ ଗଣମାଧ୍ୟମ) ଏବଂ ୪ ଗୋଟି ପଦବୀ ପଦବୀ ଛୁଟି, ପ୍ରଶିକ୍ଷଣ ତଥା ପ୍ରତିନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ । ଏହା ସହ ୨ ଗୋଟି ଉପ ନିର୍ଦ୍ଦେଶକ ପଦବୀ, ୨ ଗୋଟି ଯୁଗ୍ମ ନିର୍ଦ୍ଦେଶକ ପଦବୀ ଏବଂ ୧ ଗୋଟି ଅତିରିକ୍ତ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି ।

# ମା’ ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ



ବାଲେଶ୍ୱର, ୦୯/୩ (ନି.ପ୍ର): ‘ବିଶ୍ୱ ମହିଳା ଦିବସ’ ଅବସରରେ ବାଲେଶ୍ୱର ପୌରାଞ୍ଚଳର ୱାର୍ଡ଼ ନଂ୨୩ର ଚାନ୍ଦମାରି ପଡ଼ିଆସ୍ଥିତ ମା’ ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସ୍ଥାନୀୟ ବ୍ୟାସକବି ନଗର ମଣ୍ଡପରେ ‘ମହିଳା ଦିବସ’ ପାଳନର ତାତ୍ପର୍ଯ୍ୟ ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଦାରିଦ୍ର୍ୟ ସୀମାରେଖା ତଳେ ଥାଇ ନିଜ ଉଦ୍ୟମରେ ଛୋଟଛୋଟ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇଥିବାରୁ ଶାନ୍ତିଲତା ନାଥ, ଗୋଲାପ ଦାସ, ବିନତୀ ମୁର୍ମୁ, ଲାବଣ୍ୟ ରାଉତଙ୍କୁ ଓ ସମାଜସେବା ପାଇଁ ସରସ୍ୱତୀ ପଣ୍ଡା ଓ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ ରାଜଧାନୀରେ ଗଣଧାରଣା, ବାଲେଶ୍ୱରରେ ଆମରଣ ଅନଶନ ଏବଂ ଜିଲ୍ଲା ପରିକ୍ରମାରେ ସକ୍ରିୟ ଅଂଶଗ୍ରହଣ କରିଥିବା କନକ ପାଣିଗ୍ରାହୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ପଣ୍ଡା, କନକ ପାଣିଗ୍ରାହୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ନିବେଦିତା ପଣ୍ଡା, ସଂପାଦିକା ପ୍ରତିମା ପରିଡ଼ା ଓ ରୟାଲ୍ କ୍ଲବ୍‌ର ସଭାପତି ଭଗବାନ ମହନୀ ପ୍ରମୁଖ ଆଲୋଚନା କରିଥିଲେ । ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱେଶ୍ୱର ଶିବମନ୍ଦିର ପରିସରରେ ଦୀପ ଜାଳୁଥିବା ଶ୍ରଦ୍ଧାଳୁମାନଙ୍କୁ ଉକ୍ତ ଗୋଷ୍ଠୀ ପକ୍ଷରୁ ସୁସ୍ୱାଦୁ ପାନୀୟ ବଣ୍ଟନ କରାଯାଇଥିଲା । ରୟାଲ୍ କ୍ଲବ୍ ପକ୍ଷରୁ ନିର୍ମିତ ଦ୍ୱିତଳ ଗୃହର ଏକ କୋଠରୀକୁ ସ୍ଥାନୀୟ ମହିଳାମାନଙ୍କ ବୈଠକ ଓ ଆଲୋଚନା ପାଇଁ ବିଶ୍ୱ ମହିଳା ଦିବସ ଅବସରରେ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବନିତା ମହାନ୍ତି, ଲିସା ଜେନା, ଅର୍ଚ୍ଚନା ବେହେରା, ମମତା ମହାନ୍ତି, ରାଧା ଜେନା, ଅଞ୍ଜଳି ରାସବାଲିଆ, ସୁକାନ୍ତି ମାଝୀ ପ୍ରମୁଖ ସଦସ୍ୟାମାନେ ସହଯୋଗ ପ୍ରଦାନ କରିଥିଲେ । ଅଞ୍ଜଳି ସେନାପତି ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ଭଦ୍ରକରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ: ୪୫୨୭୬୭୦୭ ଟଙ୍କାରେ ୧୯୮୬ ଟି ମୋକଦ୍ଦମା ଆପୋଷ ସମାଧାନ

ଭଦ୍ରକ, ୦୯/୩ (ନି.ପ୍ର): ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଆଇନ ସେବା ପ୍ରାଧିକରଣ ରେ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ । ମୋଟ ୪୫୨୭୬୭୦୭ ଟଙ୍କାରେ ୧୯୮୬ ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲ ର ବିଚାରଧୀନ ଥିବା ୫୭ ଟି ମାମଲାର ୩୭୨୨୯୦୦୦ ଟଙ୍କାରେ, ୧୫ଟି ମିଳାମିଶା ଯୋଗ୍ୟ ଫୌଜଦାରି, ୩୦ଟି ଚେକ ବାଉନ୍ସ, ପୁନଃରୁଦ୍ଧାର ମାମଲା ୩୦୩୨୪୧୮ ଟଙ୍କାରେ, ୨୩ଟି ବୈବାହିକ ବିବାଦ, ୧୪୯୭ ଟି ରାଜସ୍ୱ ମୋକଦ୍ଦମା, ୩୪୧୧୩୬ ଟଙ୍କାରେ ୬୨ ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୧୬ଟି ବ୍ୟାଙ୍କ ଋଣ ମାମଲ ୩୯୨୮୩୧୨ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲିଫୋନ ବିଲ ସମ୍ବନ୍ଧୀୟ ୧୬ଟି ମାମଲା ୧୬୫୬୦ ଟଙ୍କାରେ, ଟିପି ଏନ୍ ଓ ଡ଼ି ଏଲ୍ ର ୧୦୧ ମାମଲା ୨୧୭୫୩୦୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ଅଛି ।


## ବୀଣାପାଣି ଶିଶୁ ମନ୍ଦିର

ପୋଡାଡିହା, ରୁପସା

UDISE- 21081014081

### ନାମ ଲେଖା ଚାଲୁଅଛି

ଏତଦ୍‌ଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବୀଣାପାଣି ଶିଶୁ ମନ୍ଦିର, ପୋଡାଡିହା, ରୁପସାର ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅଭିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ ୨୦୦୯ ଧାରା ୧୨ (ସି) ଅନୁଯାୟୀ ନିଃଶୁଳ୍କ ନାମ ଲେଖା ଶିକ୍ଷା ବର୍ଷ ୨୦୨୪-୨୫ www.rteparadarshiodisha.gov.in ପାଇଁ ପୋଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି । ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାପ୍ତ) ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି ।

**ପ୍ରଧାନ ଆଚାର୍ଯ୍ୟା**
ବୀଣାପାଣି ଶିଶୁ ମନ୍ଦିର
ପୋଡାଡିହା, ରୁପସା

ଯୋଗାଯୋଗ:- ୯୯୩୭୫୮୪୮୩୬/ ୮୭୬୩୧୮୪୦୦୧


# ପ୍ରଜାପିତା ବ୍ରହ୍ମା କୁମାରୀ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ବାସୁଦେବପୁର, ୦୯/୩ (ନି.ପ୍ର): ବାସୁଦେବପୁର ପ୍ରଜା ପିତା ବ୍ରହ୍ମା କୁମାରୀ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ବି କେ ପ୍ରତିମା ସଭାପତିତ୍ୱ କରିଥିଲେ । ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ପଣ୍ଡିତ ଦୟାନିଧି ଦାଶ, ସାନ କୃଷ୍ଣପୁର ସରପଞ୍ଚ, ପି କେ ସାରଥୀ, ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, କସିଆ ଥାନା ଅଧିକାରୀ ସାବିତ୍ରୀ ପଣ୍ଡା, ବି କେ କରୁଣା କର ଭାଇ, ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁକ୍ତିକାନ୍ତ ଭାଇ ମଞ୍ଚ ସଂଯୋଜନା କରିଥିଲେ । ବି କେ ଗଦାଧର ଭାଇ ଓ ପ୍ରଜପିତା ବ୍ରହ୍ମା କୁମାରୀ ବିଶ୍ୱ ବିଦ୍ୟାଳୟ ର ଭାଇ ଭଉଣୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଏହି ଉତ୍ସବରେ ସମାଜସେବୀ ବଇଲୋଚନ ଜେନା, ଡକ୍ଟର ପ୍ରତାପ ନାୟକ, ଅଭିନେତ୍ରୀ ଲତା ମଣ୍ଡଳ, କୈଳାସ ପଣ୍ଡା, ବି କେ ସୁଧାକର ଭାଇ, ବିକେ ରତିକାନ୍ତ ଭାଇ, ପରେଶ୍ ଭାଇ, ଅନିତା ଭଉଣୀ, ହେମ ଭଉଣୀ କୁନୁ ଭଉଣୀ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ପୂର୍ବତଟ ରେଳପଥ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭୁବନେଶ୍ୱର, ୦୯/୩ (ନି.ପ୍ର): ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ସହିତ ମିଳିତ ସହଯୋଗରେ ଆଜି ପୂର୍ବତଟ ରେଳପଥ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୪ ପାଳନ କରାଯାଇଛି । ମହିଳା ରେଳ କର୍ମଚାରୀଙ୍କୁ ସମ୍ବୋଧିତ କରି ଇକୋରୋ ସଭାପତି ଶ୍ରୀମତୀ ଦୁଃବ୍ୟ ଶର୍ମା କହିଛନ୍ତି ଯେ, ପ୍ରତ୍ୟେକ ମହିଳା ନିଜର ଲୁକ୍କାୟିତ ଶକ୍ତି ଜାଣିବା ଉଚିତ୍ ଏବଂ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ଏବଂ ନିଜର ଅନ୍ତର୍ନିହିତ ପ୍ରତିଭାକୁ ପ୍ରକାଶ କରିବା ପାଇଁ ଆଗକୁ ବଢିବା ସହ ସମସ୍ତ ବାଧାବିଘ୍ନର ମୁକାବିଲା କରିବା ଉଚିତ୍ । ଶ୍ରୀମତୀ ଶର୍ମା ମଧ୍ୟ ଏହି ଅବସରରେ ଉଲ୍ଲେଖନୀୟ ରେଳବାଇ ମହିଳା କର୍ମଚାରୀଙ୍କୁ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଏମ କେ ବେହେରା କହିଛନ୍ତି ଯେ ମହିଳା କର୍ମଚାରୀମାନେ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟ କ୍ଷେତ୍ରରେ ଯୋଦ୍ଧା ଅଟନ୍ତି ଏବଂ ଭାରତୀୟ ରେଳବାଇର ପରିବର୍ତନ ପାଇଁ ସେମାନଙ୍କ ଉଦ୍ୟମ କ୍ରମାଗତ ଭାବେ ଉଲ୍ଲେଖନୀୟ ଅଟେ । ଏହି ଅବସରରେ ମୋଟ ୭୬ ମହିଳା ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରର ପାରଦର୍ଶିତା ଓ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୧୪ ମହିଳା ରେଳ କର୍ମଚାରୀଙ୍କୁ ଇକୋରୋ ଦ୍ୱାରା ସମ୍ମାନିତ କରାଯାଇଥିଲା । ୩୨ ମହିଳା ରେଳ କର୍ମଚାରୀଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ପ୍ରଦର୍ଶନ ପାଇଁ ଇକୋରୋ ଦ୍ୱାରା ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହା ବ୍ୟତୀତ, ପୂର୍ବତଟ ରେଳପଥ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୩୦ ମହିଳା ରେଳ କର୍ମଚାରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଉତ୍ସବ ଖୋର୍ଦ୍ଧା ରୋଡ, ୱାଲଟିୟର ଏବଂ ସମ୍ବଲପୁରର ରେଳ ମଣ୍ଡଳ ମୁଖ୍ୟାଳୟ ସହିତ ରେଳପଥର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ମଧ୍ୟ ପାଳନ କରାଯାଇଥିଲା ।


**OFFICE OF THE PRINCIPAL,**
**R.I.H.S., BHOGRAI**
**BALASORE, ODISHA**

**TENDER CALL NOTICE**

No: 193 Date: 07.03.2024

Sealed tenders in the prescribed format are invited from registered firms/ Dealers/ Suppliers having valid GST registration, PAN & IT clearance for supply of laboratory equipments to the college so as to reach the undersigned through Registered Post/ Speed Post/ Courier latest by 2:30P.M. on or before 18.03.2024. The tender paper available in the college office. The undersigned reserves the right to accept or reject any or all bids or parts without assigning any reason what-so-ever.

**Sd/-Principal**


# ଅପହୃତ ଭାରତୀୟ ସେନା ଅଧିକାରୀଙ୍କୁ ବଂଚାଇଲେ ସୁରକ୍ଷାବଳ

ଇଂଫାଲ, ୦୯/୩ (ନି.ପ୍ର): ସୁରକ୍ଷାକର୍ମୀମାନେ ଅପହୃତ ଭାରତୀୟ ସେନାର ଜୁନିୟର କମିଶଂଡ ଅଫିସର କନସାସ ଖେଡା ସିଂହଙ୍କୁ ସୁରକ୍ଷିତ ଭାବେ ବଂଚାଇଛନ୍ତି । ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ଯେ, ତାଙ୍କୁ ଶୁକ୍ରବାର ରାତିରେ ଥୌବଲ ଜିଲ୍ଲାର ଏକ ସ୍ଥାନରୁ ଉଦ୍ଧାର କରାଯାଇଛି । ସୁରକ୍ଷିତ ଭାବେ ଉଦ୍ଧାର କରିବା ପରେ ଜେସିଓ କନସାସ ଖେଡା ସିଂହଙ୍କୁ ଥୌବଲ ଜିଲ୍ଲାର ବାଇଖୋଙ୍ଗ ପୋଲିସ ଷ୍ଟେସନକୁ ଅଣାଯାଇଛି । ଅପହରଣ ସହିତ ଜଡିତ ଘଟଣାର ତଦନ୍ତ କରୁଛି ପୋଲିସ । ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ଯେ, ଥୌବଲ ଜିଲ୍ଲାର ସରଙ୍ଗପାଟ ମମାଂଗ ଲେକାଇର ବାସିନ୍ଦା ଭାରତୀୟ ସେନାର ଜୁନିୟର କମିଶଂଟ ଅଫିସର କନସାମ ଖେଡା ସିଂହ ଛୁଟିରେ ଘରକୁ ଆସିଥିଲେ ।

ରବିବାର, ମାର୍ଚ୍ଚ ୧୦, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଆନ୍ଦୋଳନ ହିଁ ଏକମାତ୍ର ବିକଳ୍ପ : ସାଲାଏ ମାର୍ଣ୍ଡି

ଉଦଳା , ୦୯/୩ (ନି.ପ୍ର): ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ସ୍ଥିର ଶାସନ ଓ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କର ୯ ବର୍ଷର ସ୍ଥିର ଶାସନକାଳ ମଧ୍ୟରେ କପ୍ତିପଦା ଉପଖଣ୍ଡ ସବୁଠାରୁ ଅଧିକ ଅବହେଳିତ ହୋଇଛି ବୋଲି ସାମ୍ବାଦିକ ସାଲାଏ ମାର୍ଣ୍ଡି ଅଭିଯୋଗ କରିଛନ୍ତି । ଏହି ଉପଖଣ୍ଡ ମଧ୍ୟରେ ଏକ କେନ୍ଦ୍ରିୟ ବିଦ୍ୟାଳୟ ସ୍ଥାପନ ପାଇଁ ଦିର୍ଘ ୧୫ ବର୍ଷ ତଳୁ ଦାବି ହୋଇ ଆସୁଛି । କିନ୍ତୁ ତାହା ଏପର୍ଯ୍ୟନ୍ତ ପୁରଣ ହୋଇ ପାରିଲା ନାହିଁ । ସେହିପରି ଜାତୀୟ ରାଜପଥ ଆସି ଝରଣଘାଟିଠାରେ ଅଟକିଗଲା । ଆଉ ମାତ୍ର ୮ କିମି ରାସ୍ତା ଆଗକୁ ଆସିଥିଲେ ତାହା ଉଦଳା ସହିତ ଯୋଡ଼ିଯାଇଥାନ୍ତା । କିନ୍ତୁ ତାହା ହୋଇପାରିଲା ନାହିଁ । ସେହିପରି ରେଳପଥ ଆସି ନୀଳଗିରିଠାରେ ଅଟକିଗଲା । ଆଉ ମାତ୍ର ୩୫ କିମି ଆଗକୁ ଆସିଥିଲେ ଏହା ଉଦଳା ସହିତ ଯୋଡ଼ିଯାଇଥାନ୍ତା । ତାହା ମଧ୍ୟ ହୋଇପାରିଲା ନାହିଁ । ସେହିପରି ଉଦଳା ଏନ୍ଏସିକୁ ୫୦ ବର୍ଷ ପୁରିଲା । ଏହା ମ୍ୟୁନସିପାଲଟି ହେବା ପାଇଁ ସବୁପ୍ରକାର ଯୋଗ୍ୟତା ଥାଇ ମଧ୍ୟ ହୋଇପାରିଲା ନାହିଁ । ଖୁଂଟାକୁ ଏନ୍ଏସି ଏବଂ ଶରତ ଓ ନୁଦଡ଼ିହାକୁ ସ୍ୱତନ୍ତ୍ର ବ୍ଲକ ଘୋଷଣା ପାଇଁ ଅତିତରେ ବାରମ୍ବାର ଦାବି ହୋଇଛି, ଏହା ମଧ୍ୟ ପୁରଣ ହେଲା ନାହିଁ । ବାରମ୍ବାର ବିଜେପି – ବିଜେଡ଼ି କୁ ଭୋଟ ଦେଇ ଜିତାଇଥିବାରୁ ସମଗ୍ର ଉପଖଣ୍ଡ ବାସିଙ୍କୁ ଏହିଭଳି ଦଣ୍ଡ ଭୋଗିବାକୁ ପଡ଼ିଲା । ଅତିତରେ କଂଗ୍ରେସକୁ ଭୋଟ ଦେଇ ସମଯଶା ଭୋଗିଥିଲୁ । ତେବେ ଏଥର ଆମ ପାଖରେ ଆଉ ବିକଳ୍ପ ପାର୍ଟି କେହି ନାହାଁନ୍ତି । ତେଣୁ ଏଥର ଆମେ ପାର୍ଟି ନୁହେଁ ପ୍ରାର୍ଥି ଦେଖି ଭୋଟ ଦେବୁ ବୋଲି ସାଲାଏ କହିଛନ୍ତି । ତେବେ ଏହି ସବୁ ଦାବି ଗୁଡ଼ିକ ପୁରଣ ପାଇଁ ଖୁବ୍ ନିକଟରେ ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଏକ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକୁଥିବାର ସେ ଚେତାବନି ଦେଇଛନ୍ତି ।

## ପବିତ୍ର ମହାଶିବରାତ୍ରି ଅବସରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ବାରିପଦା, ୦୯/୩ (ନି.ପ୍ର): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧ ନଂ ୱାର୍ଡ ର ବୁଢ଼ୀଖମାରୀ ଶାସନ ସ୍ଥିତ ବାବା ଜୀବନେଶ୍ୱର ମହାଦେବ ମନ୍ଦିର ପରିସରରେ ଶତାଧିକ ମା' ଭଉଣୀ ଅଖଣ୍ଡ ଦୀପ ଜାଳି ନିଜ ନିଜ ପରିବାରର ସୁଖ ମନାସିଥିଲେ ଓ ଶହେ ବର୍ଷରୁ ଉର୍ଦ୍ଧ ଏହି ମନ୍ଦିରର ଏକଦା ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସ୍ୱର୍ଗତ ନୀଳକଣ୍ଠ ବେହେରା, ସ୍ୱ. ଯାମିନୀକାନ୍ତ ମିଶ୍ର, ସ୍ୱ. ଅଜୟ କୁମାର ମିଶ୍ର, ସ୍ୱ. ସୁରେଶ ଚନ୍ଦ୍ର ଷଡଙ୍ଗୀ, ସ୍ୱ. ଅବନୀକାନ୍ତ ମିଶ୍ର, ସ୍ୱ. ପ୍ରଭାକର ଦାଶ, ସ୍ୱ. ପ୍ରଶାନ୍ତ ଦାଶ, ସ୍ୱ. ସୋମନାଥ ମିଶ୍ର ଓ ସ୍ୱ. ଶ୍ରୀନିବାସ କରଙ୍କ ସମେତ ୯ ଜଣଙ୍କ ଅବର୍ତ୍ତମାନରେ ତାଙ୍କ ପରିବାରବର୍ଗଙ୍କୁ ନିଆରା ଢଙ୍ଗରେ ସମ୍ବର୍ଦ୍ଧିତ କରାଯାଇଛି । ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ହାତରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ବର୍ଷସାରା ମନ୍ଦିର ପ୍ରାଙ୍ଗଣରେ ଭାଗବତ ଟୁଙ୍ଗିଟିଏ କରି ଭାଗବତ / ପୁରାଣ ଆଲୋଚନା କରିଆସୁଥିବା କୈଳାଶ ଚନ୍ଦ୍ର ଆଚାର୍ଯ୍ୟ, ତିଲୋତ୍ତମା କର, ସୁଜାତା ମିଶ୍ର, ରେବତୀ ବେହେରା, ଜୟନ୍ତୀ ଷଡଙ୍ଗୀ, ସାବିତ୍ରୀ ବେହେରା, ଅନ୍ନପୂର୍ଣ୍ଣା ସେଠି ଓ ନିର୍ମଳା ଶତପଥୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବର୍ତ୍ତମାନ ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କୈଳାଶ ଚନ୍ଦ୍ର ବେହେରା, ତପନ କୁମାର ଷଡଙ୍ଗୀ, ସତ୍ୟମ ଷଡ଼ଙ୍ଗୀ, ଦେବରାଜ ମିଶ୍ର, ବୈଦ୍ୟନାଥ ମିଶ୍ର, ଭବାନୀ ଶଙ୍କର କର, ଲିଙ୍ଗରାଜ ମିଶ୍ର ଓ ଦେବଦତ୍ତ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଏହି ମନ୍ଦିର ସମେତ ବେଲଗଡ଼ିଆ ସ୍ଥିତ ପଞ୍ଚାନନ ମନ୍ଦିର ପରିସରରେ ଦୀପ ଜାଳୁଥିବା ସମସ୍ତ ମା ଭଉଣୀ ମାନଙ୍କୁ କାଉନସିଲର ଧୂପକାଠି ପେକେଟ ବଣ୍ଟନ କରିଥିଲେ ଓ ସମାଜସେବୀ ଅମର କୁମାର ସେଠି, ସୋମନାଥ ସିଂହ ଓ ଦୀପକ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

## ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ରାଷ୍ଟ୍ରୀୟ ଲୋକ ଅଦାଲତ: ମୋଟ ୧୩୮୮ ଗୋଟି ମାମଲା ଫଇସଲା

ବାରିପଦା , ୦୯/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଦୌରା ଜଜ ଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଲୋକ ଅଦାଲତ ରେ ମୋଟ ୮୦୮୮ ଗୋଟି ମାମଲା ମଧ୍ୟରୁ ୧୩୮୮ଟି ମାମଲା ର ଆପୋଷ ବିଚାର ହୋଇ ୩କୋଟି ୬୧ଲକ୍ଷ ୫୮ହଜାର ୭୮୬ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣା ପଡିଛି. ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଲୋକ ଅଦାଲତ ରେ ପ୍ରି ଲିଟିଗେଶନ ସମ୍ବନ୍ଧୀୟ ୬୪୧୭ ଟି ମାମଲା ମଧ୍ୟରୁ ୫୭୯୨ ଟି ବ୍ୟାଙ୍କ ଋଣ ଆଦାୟ ମାମଲା ଓ ୬୨୫ଟି ଅନ୍ୟାନ୍ୟ ବିବାଦୀୟ ଦେଓ୍ୱାନୀ ଏବଂ ଜମିଜମା ମାମଲା ଫଇସଲା କରାଯାଇ ମୋଟ ୧ କୋଟି ୭୮ଲକ୍ଷ ୬୪ ହଜାର ୯୮୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି. ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ଗୋଟି ମାମଲାମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ କେଶ ୧୯, ଏନ ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୨୯ ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୩ଟି, ମୋଟର ଯାନ ଦୁର୍ଘଟଣା ମାମଲା, ୧୬ଟି, ବୈବାହିକ ସମ୍ବନ୍ଧୀୟ ୭ଟି ରାଜସ୍ୱ ମାମଲା ୭୧୨ଟି ଓ ଅନ୍ୟାନ୍ୟ ଅପରାଧିକ ଫୌଜଦାରୀ ମାମଲା ୩୬ ଟିକୁ ମିଶାଇ ମୋଟ ୯୩୬ଟି ମାମଲା ଫଇସଲା କରାଯାଇ ମୋଟ ୧କୋଟି ୮୨ଲକ୍ଷ ୯୩ ହଜାର ୭୯୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି.ଏହି ଦୁଇ ବର୍ଗର ମୋଟ ୮୦୮୮ ମାମଲା ମଧ୍ୟରୁ ୧୩୮୮ଗୋଟି ମାମଲା ଫଇସଲା କରାଯାଇ ମୋଟ ୩,୬୧,୫୮,୭୮୬ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ସୂଚିତ ହୋଇଛି. ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ମିସ୍ ଶିବାନୀ ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ଲୋକ ଅଦାଲତ ରେ ଫାମିଲି କୋ ?ର୍ଟ ଜଜ ଶ୍ରୀ ବିରଞ୍ଚି ନାରାୟଣ ମହାନ୍ତି,ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ଶ୍ରୀ ସୁରେଶ ଚନ୍ଦ୍ର ପ୍ରଧାନ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ ଡ଼.ଦୀପକ ରଞ୍ଜନ ସାହୁ, ସିନିୟର ସିଭିଲ ଜଜ ଶ୍ରୀ ସୁଦାମ ଚରଣ ଦାସ, ସିନିୟର ସିଭିଲ ଜଜ ଶ୍ରୀମତୀ ପଲ୍ଲବୀ ରାଣୀ ସାହୁ, ଅତିରିକ୍ତ ସିଭିଲ ଜଜ ଶ୍ରୀ କୈଳାଶ ସାହୁ ଦ୍ୱିତୀୟ ଅତିରିକ୍ତ ସିଭିଲ ଜଜ ଶ୍ରୀମତୀ ବିଶ୍ୱକଳ୍ପିତା ମହାନ୍ତି, ଏସ ଡି ଜେ ଏମ ଶ୍ରୀମତୀ ସୁବାସିନୀ ବେହେରା ଓ ଜେ ଏମ ଏଫ ସି ଜଜ ମିସେସ ଜରିନ ଖାନ ଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ଆଇନଜୀବୀ, ବିଭିନ୍ନ ରାଷ୍ଟ୍ରାୟତ/ଘରୋଇ ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ.ଭାରପ୍ରାପ୍ତ ରେଜିଷ୍ଟ୍ରାର ଶ୍ରୀ କୈଳାଶ ସାହୁଙ୍କ ପରିଚାଳନା ରେ ଅନୁଷ୍ଠିତ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତ ସମସ୍ତଙ୍କ ସହଯୋଗ ରେ ଶୃଙ୍ଖଳାର ସହିତ ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା।

## ବରିଷ୍ଠ ଆଇନଜୀବିଙ୍କ ପରଲୋକ



ବେତନଟୀ , ୦୯/୩ (ନି.ପ୍ର): ଆଜି ଆନନ୍ଦ ବଜାର ସ୍ଥିତ ବାସ ଭବନ ରେ ଆଇନଜିବୀ ଅଶୋକ କୁମାର ଘୋଷ (ଟାବୁଦା) ୭୨ ବର୍ଷ ବୟସ ରେ ମୃତ୍ୟୁ ବରଣ କରିଛନ୍ତି, ମୃତ୍ୟୁ ସମୟ ରେ ତାଙ୍କର ପରିବାର ବର୍ଗ ଉପସ୍ଥିତ ଥିଲେ । ସେ ଜଣେ ମିଷ୍ଟ ଭାଷୀ ଓ ମେଳାପି ଲୋକ ଥିଲେ , ସେ ଲୋକଙ୍କ ସେବା କରୁଥିଲେ ,ଓ ସେ ଏକା ଧାରାରେ ଜଣେ ଲେଖକ ଥିଲେ ଓ ସେ ଆନନ୍ଦ ବଜାର ଦୁର୍ଗା ପୂଜା କମିଟିର ପ୍ରତଷ୍ଠାତା ଥିଲେ । ସେ ବିଶ୍ୱ ଆନନ୍ଦ ସେବା ସଂସ୍ଥା ର ସମ୍ପାଦକ ଓ ପ୍ରଥମ ଓକିଲ ସଂଘର ସମ୍ପାଦକ ଥିଲେ। ବେତନଟୀ ହନୁମାନ ମନ୍ଦିର ଓ ଶିବ ମନ୍ଦିର ର ପ୍ରତିଷ୍ଠାତା ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ଶହ ଶହ ଲୋକ ଆସିଥିଲେ ଓ ବେତନଟୀ ଆନନ୍ଦ ବଜାର ଦୁର୍ଗା ପୂଜା କମିଟିର ସମସ୍ତ ସଦସ୍ୟ ଓ ବେତନଟୀ ଓକିଲ ସଂଘର ସମସ୍ତ ଆଇନଜିବୀ ମାନେ ଓ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସମସ୍ତ କର୍ମ କର୍ତ୍ତା ମାନେ ଶ୍ରଦ୍ଧାଞ୍ଜଳୀ ସହିତ ଶେଷ ଦର୍ଶନ କରିଥିଲେ।

## ଦେଶୀ ମଦ ଜବତ: ଦୁଇ ଗିରଫ




ନୀଳଗିରି , ୦୯/୩ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ଓ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗର ମିଳିତ ଚଢ଼ାଉରେ ଦେଶୀ ମଦ ଜବତ ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସନ୍ତରାଗଡିଆ ଗ୍ରାମର ଜଗଦୀଶ ପାଣିଗ୍ରାହୀଙ୍କ ଠାରୁ ୧୭ଲିଟର ଏବଂ ସେହି ଗ୍ରାମର ପର୍ଶୁରାମ ପାଣିଗ୍ରାହୀଙ୍କ ଠାରୁ ୯ଲିଟର ଦେଶୀ ମଦ ଜବତ କରିବା କରିବା ସହିତ ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଭ୍ରାମ୍ୟମାଣ ସ୍କ୍ୱାର୍ଡର ଓଆଇସି ଭକ୍ତ ଚରଣ ସ୍ୱାଇଁ, ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା, ନୀଳଗିରି ଅବକାରୀ ଏଏସଆଇ ଜୟମାଧବ ଦାସପଟ୍ଟନାୟକ, ଜିଲ୍ଲା ଭ୍ରାମ୍ୟମାଣ ଏଏସଆଇ ମଙ୍ଗଳ ସିଂ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଡାଉନ୍ ଉତ୍କଳ ଏକ୍ସପ୍ରେସ୍ ରହଣି ଦାବିରେ ଜଳେଶ୍ୱରବାସୀ ତାତିଲେ

### ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର: ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆଜି

ଜଳେଶ୍ୱର , ୦୯/୩ (ନି.ପ୍ର): କରୋନା ତାଲାବନ୍ଦ ପରେ ପୂର୍ବରୁ ଅଟକୁଥିବା ଡାଉନ୍ କଳିଙ୍ଗ-ଉତ୍କଳ ଏକ୍ସପ୍ରେସ ଜଳେଶ୍ୱରରେ ଅଟକୁ ନାହିଁ। ତେଣୁ ଜଳେଶ୍ୱରର ବିଭିନ୍ନ ସଂଗଠନ, ବ୍ୟକ୍ତିବିଶେଷ, ନେତୃବୃନ୍ଦ ଏହି ରେଳ ରହଣୀ ଲାଗି ଦାବି, ଆଲୋଚନା, ନିବେଦନ, ଆବେଦନ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ବରଂ ମିଳିଥିବା ପ୍ରତିଶୃତି ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ । ତେଣୁ ୧୦ ତାରିଖ ରବିବାର ଜଳେଶ୍ୱର ରେଳ ଷ୍ଟେସନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି । ବିଭିନ୍ନ ସମୟରେ ଜଳେଶ୍ୱରକୁ ସରକାରୀ ଗସ୍ତରେ ଆସୁଥିବା ରେଳ ମନ୍ତ୍ରୀ, ଦକ୍ଷିଣ-ପୂର୍ବ ରେଳ ପଥର ମହାପ୍ରବନ୍ଧକ, ଖଡଗପୁର ରେଳ ମଣ୍ଡଳର ମଣ୍ଡଳ ଅଧିକାରୀଙ୍କୁ କଳିଙ୍ଗ-ଉତ୍କଳ ଏକ୍ସପ୍ରେର ରହଣି ସଂପର୍କରେ ଦାବି ଉପସ୍ଥାପନ କରାଯାଇଛି । ପ୍ରକାଶଯୋଗ୍ୟ ଦୀର୍ଘବର୍ଷ ଧରି କଳିଙ୍ଗ-ଉତ୍କଳ ଏକ୍ସପ୍ରେସ ଛିଡା ହେଉଥିବା ବେଳେ କରୋନାପରେ ଡାଉନ୍ ଟ୍ରେନ୍ଟି ଅଟକୁ ନ ଥିବାରୁ ଯାତ୍ରୀମାନେ ବାଲେଶ୍ୱର କିମ୍ବା ହିଜିଳି ଯାଇ ଟ୍ରେନ ଧରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ରାତିରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟ କେତେକ ସମୟରେ ଖହଗପୁର କିମ୍ବା ଗାଡେନରିଚ ଯାଇ ଉଚ୍ଚ ପଦାଧିକାରୀଙ୍କ ସହ ଏ ସଂପର୍କରେ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ତେଣୁ ପୂର୍ବ ସୂଚନା ଅନୁଯାୟୀ ଆଜି ସମାଜ କଲ୍ୟାଣ ବିକାଶ ପରିଷଦ ନେତୃତ୍ୱରେ ବହୁ ସଂଗଠନ ଏକତ୍ରୀତ ହୋଇ ଶାନ୍ତିପୂର୍ଣ୍ଣ ଉପାୟରେ ଆନ୍ଦୋଳନ କରିବେ ବୋଲି ସଂଗଠନର ସଂପାଦକ ଆଇନ୍ଜିବୀ ରାମଚନ୍ଦ୍ର ଜେନା ଜଣାଯାଇଛି ।

## ଚିନ୍ମୟ ମିଶନରେ ମହାଶିବରାତ୍ରି ପାଳିତ

ବାଲେଶ୍ୱର, ୦୯/୩ (ନି.ପ୍ର): ଚିନ୍ମୟ ମିଶନ ବାଲେଶ୍ୱର ଶାଖା ତରଫରୁ କୁରୁଡ଼ାସ୍ଥିତ ମିଶନ ପରିସରରେ ଆଜି ମାର୍ଚ୍ଚ ଆଠ ତାରିଖ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏହି ଅବସରରେ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନଙ୍କ ନେତୃତ୍ୱରେ ଶିବ ସହସ୍ରନାମ ଅର୍ଚ୍ଚନା, ରୁଦ୍ରପୂଜା, ଶିବ ମାହାତ୍ମ୍ୟ, ଭଜନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମିଶନର ସଭାପତି ଡ. କ୍ଷିତୀଶ୍ୱର ଦାଶ ଆନୁଷ୍ଠାନିକ ଭାବେ ପ୍ରାରମ୍ଭ କରିଥିଲେ ଓ ସମ୍ପାଦକ ଦିବାକର ମହାପାତ୍ର ସଂଚାଳନା କରିଥିଲେ। ତିରିଶରୁ ଅଧିକ ସଭ୍ୟ/ସଭ୍ୟା / ଶ୍ରଦ୍ଧାଳୁ ଉକ୍ତ ଆଧାତ୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶିବ ମଙ୍ଗଳମୟ ଓ ସୃଷ୍ଟିର ସର୍ବାଙ୍ଗୀନ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଉତ୍ସବରେ ହରିଶ୍ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗଙ୍ଗାଧର ପୃଷ୍ଟି, ରଜନୀକାନ୍ତ ବେହେରା, ରବିନାରାୟଣ ଭୋଳ, ଧୀରେନ୍ଦ୍ର ନାରାୟଣ ଦାଶ, ଗୀତାଞ୍ଜଳି ମହାପାତ୍ର, ରୀତାଞ୍ଜଳୀ ସାହୁ, ରୀନା ପାତ୍ର, ଦୀପ୍ତା ପାଲ୍, ସୁବ୍ରତ କର, ଗୋପାଳ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସେଠୀ, ସରୋଜ ସାମଲ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ

ଭଦ୍ରକ, ୦୯/୩ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଷ୍ଣୁପୁର ଗ୍ରାମ ପଞ୍ଚାୟତ ଭଦ୍ରକଠାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଥମେ ଏକ ଶୋଭାଯାତ୍ରାରେ ମହିଳାମାନଙ୍କ ଦ୍ୱାରା କରାଯାଇଥିଲା ଏବଂ ପରେ ସଭାକାର୍ଯ୍ୟ କରାଯାଇ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ତଥା ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ନାରୀ ପ୍ରତି ଅନ୍ୟାୟ, ଅତ୍ୟାଚର କରିବାରେ ଲାଗିଛି, ଶିଶୁ ଭୃଣହତ୍ୟା, ଯୌତୁକ ପ୍ରଥା, ବଳାତ୍କାର ଇତ୍ୟାଦି ସବୁକୁ ସମୂଳେ ନାଶ କରିବା ପାଇଁ ମହିଳାମାନଙ୍କୁ ସଶକ୍ତିକରଣ କରାଯାଇଛି ତଥା ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ସ୍ୱାବଲମ୍ବୀ ଆଜିର ଯୁଗରେ ହୋଇପାରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ, ନେହା ଅଗ୍ରୱାଲ, ଏମ୍.ଏସ୍. ନିଲୋଫର, କନିଷ୍ଠ ଦେଓ୍ୱାନି ବିଚ୍ଛରପତି, ଏମ୍.ଏସ୍. ଇପସିତା ଭୋଇ, ଦ୍ୱିତୀୟ ଶ୍ରେଣୀ ବିଚ୍ଛର ବିଭାଗୀୟ ବିଚ୍ଛରପତି, ଭଦ୍ରକ, ଆଇନ୍ ସେବା ପ୍ରତିପକ୍ଷ ଓକିଲ ନାରାୟଣ ପ୍ରସାଦ ବେହେରା, ଡଃ ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ ପ୍ରମୁଖ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମଚ୍ଛରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଶିବପାର୍ବତୀ ଯୁବ ପରିଷଦ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ସାଥିରେ ରହିବା ସାତ ଜନମ'

ବାସୁଦେବପୁର, ୦୯/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର୍ ମହାଦେବ ପଡିଆ ଠାରେ ଆସନ୍ତା ମାର୍ଚ୍ଚ ମାସ ଦଶ ତାରିଖ ଓ ଏଗାର ତାରିଖ ରେ ନାଟକ ସାଥିରେ ରହିବା ସାତ ଜନମ ଓ କର୍ଣ୍ଣ ଖୋଜୁଛି ନିଜ ଠିକଣା ମଞ୍ଚସ୍ଥ ହେବାକୁ ଯାଉଛି । ଏହି ନାଟକରେ ନିର୍ଦ୍ଦେଶନା ଦେବେ ଯୁବ ଅଭିନେତା ଓ ସମାଜସେବୀ ସତ୍ୟ ସୁନ୍ଦର ରାଉତ । ଏହି ନାଟକ ସମସ୍ତ୍ ଦର୍ଶକ ବନ୍ଧୁ ମାନଙ୍କୁ ନିଶ୍ଚିତ ଭଲ ଲାଗିବ ବୋଲି ଆଶା କରାଯାଉଛି । ଏହି ନାଟକ ଉତ୍ସବ ରେ ସମସ୍ତ ଙ୍କୁ ଯୋଗ ଦେବାକୁ ଶିବ ପାର୍ବତୀ ଯୁବ ପରିଷଦ ର ସଭାପତି ହରିହର ନାୟକ, ସମ୍ପାଦକ ଚିତ୍ତ ରଂଜନ ପଲେଇ ଓ ସଦସ୍ୟ ଅକ୍ଷୟ ସାମଲ ଅନୁରୋଧ ଜଣାଇଛନ୍ତି ।

## ଅଲୌକିକ ଶୈବପୀଠ ବାବା ଶଙ୍ଖେଶ୍ୱର: ମହାଶିବରାତ୍ରୀରେ ଭକ୍ତଙ୍କୁ ନାଗରାଜ ରୂପରେ ଦର୍ଶନ ଦେଲେ ବାବା

ନୀଳଗିରି , ୦୯/୩ (ନି.ପ୍ର): ବଣପାହାଡ ଘେରା ନୀଳଗିରି ଅଞ୍ଚଳରେ ଭରି ରହିଛି ଅନେକ ପର୍ଯ୍ୟଟନୀ ସ୍ଥଳ ସହିତ ବହୁ କୀର୍ତ୍ତିରାଜି। କୋଣ ଅନୁକୋଣରେ ଏବେବି ବହୁ କିମ୍ବଦନ୍ତୀ ଲୋକଲୋଚନକୁ ଆସିଥିବା ବେଳେ ଅନେକ ଏବେବି ଲୁକ୍କାୟିତ ହୋଇ ରହିଛି। ପାହାଡ ପର୍ବତ ଘେରା ଏହି ଅଞ୍ଚଳରେ ବହୁ ଦେବଦେବୀ ପୀଠରେ ଅନେକ ଅଲୌକିକ ଘଟଣା ଦେଖିବାକୁ ମିଳିଥିବା ବେଳେ ଗତ ଶୁକ୍ରବାର ଦେବଦେବ ମହାଦେବଙ୍କ ମହାଶିବରାତ୍ରି ଉପଲକ୍ଷେ ନୀଳଗିରି ନିକଟବର୍ତ୍ତୀ ସଜନାଗଡ ପଞ୍ଚାୟତ କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ ତେଣ୍ଡା ଗ୍ରାମର ବାବା ଶଙ୍ଖେଶ୍ୱର ମହାଦେବ ପୀଠରେ ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଛି। ପଥର ଚଟରି ମୂଳରେ ଅବସ୍ଥିତ ବାବାଙ୍କ ପୀଠରେ ଅନେକ ଶ୍ରଦ୍ଧାଳୁ ଜାଗର ଅବସରରେ ଉଜାଗର ରହି ଦୀପ ଜାଳୁଥିବା ବେଳେ ମଧ୍ୟରାତ୍ରୀରେ ମନ୍ଦିର ସୁଡ଼ଙ୍ଗ ଦେଇ ଏକ ଦୁଧିଆ ନାଗ (ଚମ୍ପା) ସୁଡ଼ଙ୍ଗରୁ ବାହାରି କ୍ଷୀର ପିଉଥିବାର ଦୃଶ୍ୟ ଭକ୍ତଙ୍କ ମନରେ ଭାବାବେଗ ସୃଷ୍ଟି କରିଥିଲା। ବାବାଙ୍କ ମହିମା ଏପରି କି ଉକ୍ତ ସୁଡ଼ଙ୍ଗ ଦେଇ ଅଧିକାଂଶ ସମୟରେ ମୂଷା ଏବଂ ନାଗ ଦେବତା ବାହାରି ଲୀଳାଖେଳା କରିଥାନ୍ତି ବୋଲି ମନ୍ଦିରର ପୂଜକ କହନ୍ତି। ଲୋକକଥା ଅନୁଯାୟୀ ୧୮୯୩ ମସିହାରେ ଉକ୍ତ ଅଞ୍ଚଳର କଡେ ସିଂ ନାମକ ଜଣେ ଆଦିବାସୀ ସଂପ୍ରଦାୟର ଲୋକକୁ ବାବା ସ୍ୱପ୍ନାଦେଶ ହୋଇ ପୂଜାପାଠ କରିବାକୁ କହିଥିଲେ। ସେବେଠାରୁ କଡେ ବାବାଙ୍କ ପୂଜାର୍ଚ୍ଚନା କରି ଆସୁଥିବା ବେଳେ ପରେ ଆଦିବାସୀ ମାନେ ପୂଜା କରି ଆସୁଥିଲେ। ଏହାପରେ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ବାବା ଶଂଖେଶ୍ୱର ଙ୍କ ପୂଜାର୍ଚ୍ଚନା କରାଯାଇ ଆସୁଥିଲା।ସଜନାଗଡ ଅଞ୍ଚଳର ସମାଜସେବୀ ଗଣେଶ୍ୱର ନାୟକଙ୍କ ଦ୍ୱାରା ୧୯୯୨ମସିହାରେ ଏଠାରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା। ଯାହା ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ତାଙ୍କର ପୁଅମାନେ ମନ୍ଦିରଟିକୁ ୧୯୯୭ମସିହାରେ ସମ୍ପୂର୍ଣ୍ଣ କରିଥିଲେ। ଏହିପରି ଅଧିକାଂଶ ସମୟରେ ବାବାଙ୍କର ଅଲୌକିକ ମହିମା ଦେଖିବାକୁ ମିଳୁଥିବା ବେଳେ ବର୍ଷ ତମାମ ଏଠାରେ ଲୋକଙ୍କର ଭିଡ଼ ଦେଖିବାକୁ ମିଳେ। ବାବାଙ୍କ ଠାରେ ମାନସିକ କରି ଯିଏ ଯାହା ମାଗେ ତାହା ବାବା ପୂରଣ କରିଥାଆନ୍ତି ବୋଲି ବିଶ୍ୱାସ ରହିଛି। ତେବେ ଏହି ପୀଠର ଉନ୍ନତିକରଣ ସହିତ ପ୍ରଚାର ପ୍ରସାର କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।



## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୦୯/୩ (ନି.ପ୍ର): ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ କର୍ମଚାରୀ ସଂଘର ଜିଲ୍ଲାସ୍ତରୀୟ ବୈଠକ ଶନିବାର ଦିନ ଅପରାହ୍ନରେ ପତ୍ରୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବୈକୁଣ୍ଠ ନାଥ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆବାହକ, ଜିଲ୍ଲା ସଂଯୋଜକ ତଥା ରାଜ୍ୟ ଏକ୍ଜିକ୍ୟୁଟିଭ୍ ମେମ୍ବର ପ୍ରତାପ ଚନ୍ଦ୍ର ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସଂପର୍କରେ ଉପସ୍ଥିତମାନଙ୍କୁ ଅବଗତ କରାଇଥିଲେ। ଜାତୀୟକରଣ ବ୍ୟାଙ୍କରେ ଗ୍ରାହକମାନଙ୍କୁ ଦୀର୍ଘବର୍ଷ ସେବା ପ୍ରଦାନ କରିଥିବା ବ୍ୟାଙ୍କ୍ମାନଙ୍କର ସବୁ ବର୍ଗର କର୍ମଚାରୀମାନେ ଅବସର ନେବା ପରେ ମୂଳ ପେନସନ୍-ବୃଦ୍ଧି କରାଯାଇନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରୀ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ବେତନ କମିଶନରଙ୍କ ସୁପାରିଶ କ୍ରମେ ପେନସନ୍ ବୃଦ୍ଧି ହେଉଥିବାବେଳେ ବ୍ୟାଙ୍କ୍ କର୍ମଚାରୀମାନେ ଅବସର ନେବା ଦିନ ଯେଉଁ ପରିମାଣର ମୂଳ ପେନସନ୍ ଧାର୍ଯ୍ୟ କରାଯାଇଥିଲା ତାହା ବୃଦ୍ଧି ହେଉନାହିଁ। ରାଜ୍ୟ ଓ ଜାତୀୟସ୍ତରରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଓ ସରକାରଙ୍କୁ ବହୁବାର ଆବେଦନ ନିବେଦନ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ରାଜ୍ୟ ସଂପାଦକ ଲକ୍ଷ୍ମଣ କୁମାର ସେଠି, ସହସଂପାଦକ ବିଜୟ କୁମାର ପଟ୍ଟନାୟକ ଓ ଡି.ଏସ୍. ଆଚାରୀ ପ୍ରମୁଖ ଅଭିଯୋଗ କରିଥିଲେ। ଦୀର୍ଘଦିନର ଦାବିପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ସରକାର ଯେଉଁ ସ୍ୱଳ୍ପ ପରିମାଣର ଏକ୍ସଗ୍ରାସିଆ ଘୋଷଣା କରିଛନ୍ତି ତାହା ଅତ୍ୟନ୍ତ ସ୍ୱଳ୍ପ ଓ ଲଜ୍ଜାଜନକ ବୋଲି ବହୁ ସଦସ୍ୟ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀମାନଙ୍କ ଅସନ୍ତୋଷକୁ ସଂଗଠିତ କରି ରାଜ୍ୟ ଓ ଜାତୀୟ ସ୍ତରରେ ବ୍ୟାପକ ଆନ୍ଦୋଳନ ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଉକ୍ତ ବୈଠକରେ ଶ୍ରୀ ଶୁଭେନ୍ଦୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo